ବର୍ଷ-୨୪, ସଂଖ୍ୟା-୧୯୧
ଭୁବନେଶ୍ୱର
୧୦ ଅଗଷ୍ଟ, ୨୦୨୪ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

# ମହାଭାରତ

Vol.-24, Issue No. 191
Bhubaneswar
10 August, 2024, Saturday
Page-08, Rs.: 2.00

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



କୁସ୍ତିରେ ବ୍ରୋଞ୍ଜ ପଦକ ଜିଣିଲେ ଅମନ ଶେରାୱତ।

## ଓଡ଼ିଶାରେ ୬ ରେଳ ପ୍ରକଳ୍ପକୁ ଅନୁମୋଦନ

**ନୂଆଦିଲ୍ଲୀ,୯।୮(ମହାଭାରତ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ କେନ୍ଦ୍ର କ୍ୟାବିନେଟ ଶୁକ୍ରବାର ୮ଟି ପ୍ରମୁଖ ରେଳ ପ୍ରକଳ୍ପକୁ ଅନୁମୋଦନ କରିଛନ୍ତି। ଏଗୁଡ଼ିକ ହେଉଛି ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ବିକାଶ ଭିତ୍ତିକ ପ୍ରକଳ୍ପ ଏହି ୮ଟି ପ୍ରକଳ୍ପ ପାଇଁ ମୋଟ ୨୪,୬୫୭ କୋଟି ଟଙ୍କା ଖର୍ଚ୍ଚ ହେବ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ କ୍ୟାବିନେଟ୍ ଆଜି କିଛି ଐତିହାସିକ ନିଷ୍ପତ୍ତି ନେଇଛି। ବଜେଟ୍ ୨୦୨୪ରେ ପ୍ରଧାନମନ୍ତ୍ରୀ ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ବିକାଶ ପାଇଁ ତାଙ୍କ ପୂର୍ବୋଦୟ ଯୋଜନା ପ୍ରଣୟନ କରିଥିଲେ ଓଡ଼ିଶା, ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଆନ୍ଧ୍ରପ୍ରଦେଶ ଓ ଉତ୍ତର-ପୂର୍ବ ରାଜ୍ୟର ବିକାଶ ପାଇଁ ସରକାର ପ୍ରତିଶ୍ରୁତିବଦ୍ଧ ବୋଲି କ୍ୟାବିନେଟର ଆଜିର ନିଷ୍ପତ୍ତିରେ କୁହାଯାଇଛି। ଏହି ରାଜ୍ୟଗୁଡ଼ିକର ବିକାଶ ପାଇଁ ୮ଟି ରେଳ ପ୍ରକଳ୍ପକୁ କ୍ୟାବିନେଟ୍ ଅନୁମୋଦନ କରିଛି। ଏହି ୮ଟି ପ୍ରକଳ୍ପ ମଧ୍ୟରୁ ୬ଟି ପ୍ରକଳ୍ପ ଓଡ଼ିଶାରେ କାର୍ଯ୍ୟକାରୀ ହେବ। ଓଡ଼ିଶାର ପ୍ରକଳ୍ପଗୁଡ଼ିକ ମଧ୍ୟରେ ଅଛି ଗୁଣୁପୁର-ଥେରୁବାଲି, ଜୁନାଗଡ଼-ନବରଙ୍ଗପୁର, ବାଦାମପାହାଡ଼-କେନ୍ଦୁଝରଗଡ଼, ବାଙ୍ଗିରିପୋଷି-ଗୋରୁମହିଷାଣି, ମାଲକାନଗିରି-ପାଣ୍ଡୁରଙ୍ଗପୁର (ଓଡ଼ିଶା, ଆନ୍ଧ୍ରପ୍ରଦେଶ,ତେଲେଙ୍ଗାନା) ଓ ବୁରାମରା-ଚକୁଲିଆ। (ଓଡ଼ିଶା, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ) ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ୬୪ଟି ନୂଆ ରେଳ ଷ୍ଟେସନ ଅନ୍ତର୍ଭୁକ୍ତ ହେବ।

# ବନ୍ୟା ପରିସ୍ଥିତି ଆଶଙ୍କା

## ୧୦ ଜିଲ୍ଲାର ଜିଲ୍ଲାପାଳଙ୍କୁ ସତର୍କ କରାଇଲେ ସ୍ୱତନ୍ତ୍ର ରିଲିଫ କମିସନର

**ଭୁବନେଶ୍ୱର,୯।୮(ମହାଭାରତ):** ରାଜ୍ୟରେ ବନ୍ୟା ପରିସ୍ଥିତି ନେଇ ୧୦ ଜିଲ୍ଲାର ଜିଲ୍ଲାପାଳଙ୍କୁ ସତର୍କ କରାଇଲେ ସ୍ୱତନ୍ତ୍ର ରିଲିଫ କମିସନର। ସମ୍ବଲପୁର, ସୋନପୁର, ନୟାଗଡ଼, ଅନୁଗୁଳ, ବୌଦ୍ଧ, ପୁରୀ, ଖୋର୍ଦ୍ଧା, କଟକ, ଜଗତସିଂହପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି। ତଳିଆ ଅଞ୍ଚଳ ଉପରେ ନଜର ରଖିବା ସହ ଏନେଇ ରିପୋର୍ଟ ଦେବାକୁ କୁହାଯାଇଛି। ହୀରାକୁଦର ଆଉ ୬ଟି ଗେଟ୍ ଖୋଲିବା ପରେ ଫୁଲୁଛି ମହାନଦୀ।

ଶାଖା ନଦୀମାନଙ୍କରେ ମଧ୍ୟ ଜଳସ୍ତର ବଢ଼ିବାରେ ଲାଗିଛି। ସକାଳ ୮ଟା ସୁଦ୍ଧା ମୁଣ୍ଡୁଳିଠାରେ ୫.୭୮ ଲକ୍ଷ କ୍ୟୁସେକ ଜଳ ପ୍ରବାହିତ ହେଉଛି। ହୀରାକୁଦରେ ଅଧିକ ଗେଟ ଖୋଲଯାଇଥିବାରୁ ଆଗକୁ ଜଳସ୍ତର ବିବା ନେଇ ଆଶଙ୍କା ରହିଛି। ତେଣୁ ତଳିଆ। ଅଞ୍ଚଳରେ ପାଣି ମାଡ଼ିବାର ଆଶଙ୍କା ଦେଖାଦେଇଛି। ଏଥିପାଇଁ ଜିଲ୍ଲାପାଳମାନଙ୍କୁ ସତର୍କ କରାଇଛନ୍ତି ସ୍ୱତନ୍ତ୍ର ରିଲିଫ କମିସନର।

ମହାନଦୀ ଜଳସ୍ତର ବୃଦ୍ଧି ପାଇ ଯୋଗୁଁ ନଦୀ ଅବବାହିକାର ଥିବା ତଳିଆ। ଅଞ୍ଚଳରେ ବନ୍ୟା ପାଣି ପଶିଛି। କଟକ ଜିଲ୍ଲା ଆଠଗଡ଼ର ବଡ଼ଭୂଇଁ ଖଣ୍ଡହତାକୁ ସଂଯୋଗ କରୁଥିବା ବଡ଼ବନ୍ଧିଆଣି ରାସ୍ତା ସହ ପୋଲ ଉପରେ ୨ ଫୁଟ୍ ବନ୍ୟା ପାଣି ପ୍ରବାହିତ ହେଉଛି। ଫଳରେ ଏହି ରାସ୍ତାରେ ଯାତାୟତ ବାଧାପ୍ରାପ୍ତ ହୋଇଛି। ସେହିପରି ଉତ୍ତରବାଙ୍କୀ ଘୋଡ଼ାବରଠାରେ ହୁଲୁହୁଲି ପୋଲ ଦେଇ ମହାନଦୀ ବନ୍ୟା ଜଳ ପଶି ତିଗିରିଆ। ଓ ଉତ୍ତରବାଙ୍କୀ ଅଞ୍ଚଳର ହଜାର ହଜାର ଏକର ଚାଷ ଜମି ଜଳମଗ୍ନ ହୋଇଛି।ସେହିପରି ମହାନଦୀରେ ଦ୍ୱିତୀୟ ବନ୍ୟା ପାଣି ଆସିବାରୁ ଉଛୁଳିଛି ମହାନଦୀର ଶାଖା ନଦୀ ରଣ। ଫଳରେ ବାଙ୍କୀର ତାଳବସ୍ତ ଓ ବିଲିପଡା ରାସ୍ତାରେ ୨ ଫୁଟ୍ ପାଣି ପ୍ରବାହିତ ହେଉଛି। ହେକ୍ଟର ହେକ୍ଟର ଚାଷ ଜମି ଜଳମଗ୍ନ ହୋଇଯାଇଛି। ମହାନଦୀର ଜଳସ୍ତର ବଢୁଥିବାରୁ ଆଗକୁ ଅଧିକ ଅଞ୍ଚଳ ଜଳବନ୍ଦୀ ହେବା ଆଶଙ୍କା ରହିଛି। ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି, ଗତକାଲି କଟକ ମୁଣ୍ଡୁଳିରେ ଜଳସ୍ତର ସ୍ଥିର ଥିଲା। ଆଜି ଭୋର ପ୍ରାୟ ୪ଟା ସମୟରେ ମୁଣ୍ଡୁଳିରେ ବନ୍ୟା ଜଳ ପ୍ରବେଶ କରିଥିଲା ଓ ପିକ୍ ବଢ଼ିଥିଲା। ଦିନ ୧୧ଟା ସୁଦ୍ଧା ମୁଣ୍ଡଳି ଦେଇ ୫ ଲକ୍ଷ ୭୮ ହଜାର କ୍ୟୁକେସ୍ ବନ୍ୟା ପାଣି ପ୍ରବାହିତ ହେଉଛି। ଆଜି ରାତିସୁଦ୍ଧା ମୁଣ୍ଡୁଳିରେ ପିକ୍ କମିଯିବ। ଭାର୍ଗବୀ ଓ ଦୟା ନଦୀରେ ବନ୍ୟା ଜଳ ପ୍ରଭାବିତ ହେବ ଓ ପିକ୍ ବଢ଼ିଯିବ। ଏହି ସମୟରେ ତଳିଆ। ଅଞ୍ଚଳ କଣାସ, ଧନୁଆରେ ପାଣି ପଶିପାରେ।ଖୋର୍ଦ୍ଧା ଓ ପୁରୀ ଜିଲ୍ଲାର ଅଧିକାରୀ ମଧ୍ୟ ସଜାଗ ଅଛନ୍ତି।

ଏବ୍ୟତିତ ଆଜି ସକାଳେ ହୀରାକୁଦ ଜଳଭଣ୍ଡାରର ଆଉ ୬ଟି ଗେଟ୍ ଖୋଲିଛି। ମୋଟ ୧୪ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଦିନ ୧୧ଟା ସୁଦ୍ଧା ହୀରାକୁଦରେ ୨ଲକ୍ଷ ୬୦ କ୍ୟୁସେକ ବନ୍ୟାଜଳ ପ୍ରବାହିତ ହେଉଥିବା ବେଳେ ୨ଲକ୍ଷ୫୦ହଜାର କ୍ୟୁସେକ ନିଷ୍କାସନ ହେଉଛି। ସେହିପରି ଖଇରମାଳରେ ୩ଲକ୍ଷ କ୍ୟୁସେକ ପ୍ରଭାବିତ ହେଉଛି। ଖଇରମାଳରେ ମଧ୍ୟ ମଧ୍ୟ ପିକ୍ କମିଛି ବୋଲି ସର୍ବୋଚ୍ଚ ଯନ୍ତ୍ରୀ ଭକ୍ତ ରଞ୍ଜନ ମହାନ୍ତି କହିଛନ୍ତି।

ସେହିପରି ସୁବର୍ଣ୍ଣରେଖା, ବୁଢାବଳଙ୍ଗ, ଜଳକା ଓ ଋଷିକୁଲ୍ୟା, ନାଗାବଳୀ ଓ ବଂଶଧାରା ନଦୀ ବିପଦ ସଂକେତ ତଳେ ପ୍ରବାହିତ ହେଉଛି। ଏଥିପାଇଁ ଓଡ଼ିଶାରେ ବନ୍ୟା ସ୍ଥିତି ନାହିଁ ବୋଲି କହିଛନ୍ତି ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ। ଅନ୍ୟପକ୍ଷରେ ମହାନଦୀର ଜଳସ୍ତର ବଢୁଥିବାରୁ ଅବବାହିକାରେ ଥିବା ୧୦ ଜିଲ୍ଲାର ଜିଲ୍ଲାପାଳଙ୍କୁ ସତର୍କ ରହିବାକୁ ନିର୍ଦ୍ଦେଶ ଦେଇଛନ୍ତି ସ୍ୱତନ୍ତ୍ର ରିଲିଫ କମିଶନର। ସେହିପରି ମହାନଦୀରେ ଜଳସ୍ତର ବୃଦ୍ଧି ପାଇବା ଯୋଗୁ ଖୋର୍ଦ୍ଧା ଜିଲ୍ଲାର ଅନେକ ଅଞ୍ଚଳରେ ପଶିଛି। ଓରବରସିଂହ, ନରଣଗଡ, ଶରଧାପୁର ପଞ୍ଚାୟତର ଶହ ଶହ ହେକ୍ଟର ଚାଷ ଜମିରେ ପାଣି ପଶିଛି।

## ପାଣ୍ଡିଆନଙ୍କ ବିମାନଉଡ଼ା ଖର୍ଚ୍ଚର ହେବ ତଦନ୍ତ : ମନ୍ତ୍ରୀ

**ଭୁବନେଶ୍ୱର,୯।୮(ମହାଭାରତ):** ୨୦୨୪ ସାଧାରଣ ନିର୍ବାଚନ ବେଳେ ଓ ତା' ପୂର୍ବରୁ ହେଲିକପ୍ଟରରେ ଜିଲ୍ଲାରୁ ଜିଲ୍ଲା ଘନଘନ ବୁଲୁଥିଲେ ଭି.କେ ପାଣ୍ଡିଆନ। ଆଉ ଲୋକଙ୍କ ସହିତ ସେଲଫି ଉଠାଉଥିଲେ ଓ ଅଭିଯୋଗ ସଂଗ୍ରହ କରୁଥିଲେ। ଏଥିପାଇଁ କେତେ ଟଙ୍କା ଖର୍ଚ୍ଚ ହୋଇଛି ? ତାହାର ତଥ୍ୟ ମାଗି ମାଗି ହାଲିଆ ହେଲେଣି ଆରଟିଆଇ କର୍ମୀ। ହେଲେ ଏହାରି ଭିତରେ ଆଜି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ବଡ଼ ବୟାନ ଦେଇଛନ୍ତି। ସେ କହିଛନ୍ତି, ରାଜକୋଷ ଲୁଣ୍ଠନ ଆଦୌ ଗ୍ରହଣୀୟ ନୁହେଁ। ପାଣ୍ଡିଆନଙ୍କ ହେଲିକପ୍ଟର ଗସ୍ତ ଖର୍ଚ୍ଚ ନେଇ ତଦନ୍ତ ଚାଲିଛି, ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି ମନ୍ତ୍ରୀ ଶ୍ରୀ ଜେନା।

୨୦୨୩ ଫେବୃଆରୀ ୨୦୨୦ରୁ ଡିସେମ୍ବର ପର୍ଯ୍ୟନ୍ତ ଭି.କେ ପାଣ୍ଡିଆନ୍ କେତେବେଳେ ଫାଇଭ୍-ଟି ସଚିବ ତ ଆଉ କେତେବେଳେ ଫାଇଭ-ଟି ଅଧ୍ୟକ୍ଷ ନାଁରେ ହେଲିକପ୍ଟରରେ ଜିଲ୍ଲାରୁ ଜିଲ୍ଲା ବୁଲୁଥିଲେ। ଆଉ ଲୋକଙ୍କଠାରୁ ଅଭିଯୋଗପତ୍ର ସଂଗ୍ରହ କରୁଥିଲେ। ସେତେବେଳେ ପାଣ୍ଡିଆନଙ୍କ ହେଲିକପଟର ଉଡାଣ ବାବଦକୁ କେତେ ଖର୍ଚ୍ଚ ହୋଇଥିଲା ? ତାହାର ହିସାବ ଜାଣିବାକୁ ଚାହୁଁଥିଲେ ଓଡ଼ିଶାର ଜନତା। ଏବେ ତାର ହିସାବ ଖୋଜୁଛନ୍ତି ନୂଆ ବିଜେପି ସରକାର।

ଆଜି ପରିବହନ ମନ୍ତ୍ରୀ କହିଛନ୍ତି, ସର୍ବସମ୍ମୁଖରେ ରାଜକୋଷ ଲୁଣ୍ଠନ ଆଦୌ ଗ୍ରହଣୀୟ ନୁହେଁ। ସରକାର ତା ଉପରେ ନଜର ରଖିଛନ୍ତି। ସରକାର ଶୂନ୍ୟ ଦୁର୍ନୀତି ନୀତିକୁ ଆପଣାଇଛନ୍ତି। ଦୁର୍ନୀତିକୁ ସରକାର ବରଦାସ୍ତ କରିବେ ନାହିଁ। ଅପେକ୍ଷା କରନ୍ତୁ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ହେବ। ହେଲିକପ୍ଟର କିଏ ନେଇ ଯାଇପାରିବେ ତାର ବିଧି ରହିଛି। ଉଲ୍ଲଂଘନ ହୋଇଥିଲେ ଯିଏ ଦୋଷ କରିଛି, ତା ଉପରେ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ମନ୍ତ୍ରୀ କହିଛନ୍ତି।

ସେପଟେ ସୂଚନା ଅଧିକାର ଆଇନ ବଳରେ ପାଣ୍ଡିଆନଙ୍କ ହେଲିକପ୍ଟର ଗସ୍ତ ଖର୍ଚ୍ଚର ହିସାବ ଜାଣିବାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟରୁ ପରିବହନ ବିଭାଗ ପର୍ଯ୍ୟନ୍ତ ଦୀର୍ଘ ୬ମାସ ଚକ୍କର କାଟିବା ପରେ ଟଙ୍କାଟିଏ ବି ହିସାବ ପାଇନଥିବା ଆରଟିଆଇ କର୍ମୀ ପ୍ରଦୀପ ପ୍ରଧାନ ଗଣମାଧ୍ୟମ ଆଗରେ ରଖିଛନ୍ତି ରୋଚକ ତଥ୍ୟ। ସେ କହିଛନ୍ତି, ନବୀନ ପଟ୍ଟନାୟକଙ୍କ ପ୍ରତିନିଧି ଭାବେ ନିର୍ବାଚନ ପୂର୍ବରୁ ଜିଲ୍ଲାରୁ ଜିଲ୍ଲାକୁ ହେଲିକପ୍ଟରରେ ଉଡ଼ି ପାଣ୍ଡିଆନ ଅଭିଯୋଗପତ୍ର ସଂଗ୍ରହ ପାଇଁ ବୁଲୁଥିବାର ତଥ୍ୟ କିଛି ଜିଲ୍ଲାପାଳଙ୍କଠୁ ମିଳିଛି।

## ୬ ଥାକିଆ ହେବ ଭୁବନେଶ୍ୱର-ପୁରୀ ରାସ୍ତା

**ଭୁବନେଶ୍ୱର,୯।୮(ମହାଭାରତ):** ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ କ୍ଷେତ୍ର ପୁରୀ ଓ ଭୁବନେଶ୍ୱର ଜାତୀୟ ରାଜପଥ ୬ଲେନ୍ ବିଶିଷ୍ଟ ହେବ। ଚଣ୍ଡିଖୋଲ ରୋଡ୍ ଓ ବଡ଼ବିଲ୍ ମଧ୍ୟରେ ରାସ୍ତା ମଧ୍ୟ ୬ ଲେନ୍ ହେବ। ଓଡ଼ିଶା ସରକାର ଏହି ରାସ୍ତା ସମ୍ପ୍ରସାରଣ ପ୍ରସ୍ତାବକୁ ଅନୁମୋଦନ କରି ଜାତୀୟ ରାଜପଥ ପ୍ରାଧିକରଣ ନିକଟକୁ ପଠାଇଥିବା ଜଣାପଡ଼ିଛି।

ରାଜ୍ୟ ସରକାର ଭୁବନେଶ୍ୱର-ପୁରୀ ୩୧୬ ନମ୍ବର ଜାତୀୟ ରାଜପଥ ଏବଂ ଚଣ୍ଡିଖୋଲ ରୋଡ-ବଡ଼ବିଲ ରାସ୍ତାକୁ ୬ଲେନ୍ ବିଶିଷ୍ଟ କରିବା ସହ ଉଭୟ ରାସ୍ତାରେ ଉଭୟ ପାର୍ଶ୍ୱରେ ଦୁଇଲେନ୍ ବିଶିଷ୍ଟ ସର୍ଭିସ ରୋଡ୍ ନିର୍ମାଣ କରିବା ପ୍ରସ୍ତାବକୁ ଅନୁମୋଦନ କରିଛନ୍ତି।ଏହି ପ୍ରସ୍ତାବ ସମ୍ପର୍କରେ ରାଜ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ ଜାତୀୟ ରାଜପଥ ପ୍ରାଧିକରଣଙ୍କୁ ଅବଗତ କରାଯିବା ସହ ପ୍ରକଳ୍ପ କାର୍ଯ୍ୟକ୍ଷମ ପାଇଁ ପରବର୍ତ୍ତୀ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଛି। ରାଜ୍ୟ ପୂର୍ତ୍ତ ବିଭାଗର ସ୍ୱତନ୍ତ୍ର ସଚିବ ଲକ୍ଷ୍ମୀକାନ୍ତ ପାଢ଼ୀ ଏନେଇ ଜାତୀୟ ରାଜପଥ ପ୍ରାଧିକରଣର ଭୁବନେଶ୍ୱରସ୍ଥିତ ଆଞ୍ଚଳିକ ଅଫିସକୁ ଚିଠି ଲେଖି ଅବଗତ କରାଇଛନ୍ତି।

# ସ୍ୱାଧୀନତା ସଂଗ୍ରାମୀମାନଙ୍କ ପରିବାରକୁ ମିଳିବ ସମ୍ମାନ : ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୯।୮(ମହାଭାରତ):** ବର୍ତ୍ତମାନ ସମୟର ସବୁ ସଫଳତା ଓ ସବୁ ଆନନ୍ଦ ପଛରେ ରହିଛି ଆମର ମହାନ ସ୍ୱାଧୀନତା ସଂଗ୍ରାମୀମାନଙ୍କର ଚରମ ତ୍ୟାଗ ଓ ବଳିଦାନ। ତେଣୁ ରାଜ୍ୟ ସରକାର ସ୍ୱାଧୀନତା ସଂଗ୍ରାମୀମାନଙ୍କର ପରିବାରକୁ ଚିହ୍ନଟ କରି ସେମାନଙ୍କୁ ପରିଚୟ ଦେବା ସହିତ ଉପଯୁକ୍ତ ସମ୍ମାନ ପ୍ରଦାନ କରାଯିବ। ଆଜି ରାଜ୍ୟ ସ୍ୱାଧୀନତା ସଂଗ୍ରାମୀ ସମିତି ପକ୍ଷରୁ ଆୟୋଜିତ କ୍ରାନ୍ତି ଦିବସ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହା କହିଛନ୍ତି।



ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ରାଜ୍ୟ ସରକାର କୁଟୁମ୍ବ ଯୋଜନାରେ ସ୍ୱାଧୀନତା ସଂଗ୍ରାମୀମାନଙ୍କର ପରିବାରକୁ ପେନ୍‌ସନ୍ ପ୍ରଦାନ କରିବା ପାଇଁ ମଧ୍ୟ ବିଚାର କରୁଛନ୍ତି।ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରଥମେ ଶହୀଦ ସ୍ତମ୍ଭରେ ପୁଷ୍ପ ପ୍ରଦାନ କରି ଶହୀଦ ସଂଗ୍ରାମୀମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ଏବଂ ଉପସ୍ଥିତ ସ୍ୱାଧୀନତା ସଂଗ୍ରାମୀମାନଙ୍କର ପରିବାରର ସଦସ୍ୟମାନଙ୍କୁ ସମ୍ମାନିତ କରିଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଆଜି ଭାରତର ସଂଗ୍ରାମ ଇତିହାସର ଏକ ପବିତ୍ର ଦିନ। ଅଗଷ୍ଟ କ୍ରାନ୍ତି ଦେଶର ଇତିହାସର ଦିଗ ପରିବର୍ତ୍ତନ କରିଥିଲା ଏବଂ ସ୍ୱାଧୀନତା ପାଇଁ ପଥ ଉନ୍ମୁକ୍ତ କରିଥିଲା। ଆଜିର ଦିନଟି ହେଉଛି ଦେଶ ପାଇଁ ଅସୀମ ତ୍ୟାଗ କରିଥିବା ସଂଗ୍ରାମୀମାନଙ୍କ ସଂଘର୍ଷ ଓ ବଳିଦାନକୁ ସ୍ମରଣ କରି ସେମାନଙ୍କ ଜୀବନରୁ ପ୍ରେରଣା ନେବାର ଦିନ।

ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ୧୯୪୨ ମସିହା ଅଗଷ୍ଟ ୯ ତାରିଖରେ ଯେଉଁ ଆନ୍ଦୋଳନ ଆରମ୍ଭ ହୋଇଥିଲା ତାହା ସାରା ଭାରତର କୋଣ ଅନୁକୋଣରେ ପରିବ୍ୟାପ୍ତ ହୋଇଥିଲା। ଭାରତଛାଡ ଆନ୍ଦୋଳନ ଥିଲା ବାସ୍ତବରେ ଏକ ସର୍ବଭାରତୀୟ ଆନ୍ଦୋଳନ। ଦିଲ୍ଲୀରୁ ପଲ୍ଲୀ ପର୍ଯ୍ୟନ୍ତ, ଧନୀ ଗରିବ ସମସ୍ତେ ଏ ଆନ୍ଦୋଳନରେ ଅଂଶଗ୍ରହଣ କରିଥିଲେ।

ସେ କହିଥିଲେ ଯେ ଓଡିଶାରେ ମଧ୍ୟ ଏ ଆନ୍ଦୋଳନର ପ୍ରଭାବ ସର୍ବବ୍ୟାପୀ ଥିଲା। କଟକ ଠାରୁ ଆରମ୍ଭକରି କୋରାପୁଟ ପର୍ଯ୍ୟନ୍ତ, ବାଲେଶ୍ୱରଠାରୁ ଆରମ୍ଭ କରି ବରଗଡ ପର୍ଯ୍ୟନ୍ତ, ଏ ଆନ୍ଦୋଳନ ଓଡିଶାର ପୁରପଲ୍ଲୀରେ ସଂଗ୍ରାମର ଶିଖା ପ୍ରଜ୍ୱଳିତ ହୋଇଥିଲା। ନବକୃଷ୍ଣ ଚୌଧରୀ, ହରେକୃଷ୍ଣ ମହତାବ, ବିଶ୍ୱନାଥ ଦାସ, ଆଚାର୍ଯ୍ୟ ହରିହର ଓ ଆହୁରି ଅନେକ ନେତୃବୃନ୍ଦ ଗିରଫ ହୋଇଥିଲେ। କୋରାପୁଟରେ ଲକ୍ଷ୍ମଣ ନାୟକଙ୍କ ନେତୃତ୍ୱରେ ଜୋରଦାର ଆନ୍ଦୋଳନ ହୋଇଥିଲା। ଶେଷରେ ଲକ୍ଷ୍ମଣ ନାୟକଙ୍କୁ ଚରମ ବଳିଦାନ ଦେବାକୁ ପଡିଥିଲା ବୋଲି ସେ କହିଥିଲେ। ମୁଖ୍ୟମନ୍ତ୍ରୀ ପୁଣି କହିଥିଲେ ଯେ ଏ ସଂଗ୍ରାମ, ଏ ତ୍ୟାଗ ବାସ୍ତବରେ ଆଜିର ସମାଜ ପକ୍ଷରେ ଚିନ୍ତା କରିବା ମଧ୍ୟ କଷ୍ଟସାଧ୍ୟ। ସେଇ ମହାପୁରୁଷମାନଙ୍କ ତ୍ୟାଗର ଫଳ ହେଉଛି ଆଜିର ଉଦିତ ଭାରତ। ଆଜି ଆମର ବ୍ୟକ୍ତିଗତ ବା ସାମୂହିକ- ଯେ କୌଣସି କ୍ଷେତ୍ରରେ ଆମେ ଯଦି କିଛି ସଫଳତା ହାସଲ କରୁଛୁ, ଆମେ ଯଦି ଖୁସି ବା ଆନନ୍ଦିତ ହେଉଛୁ, ତେବେ ମନେ ରଖିବା ଦରକାର ଯେ ଆମର ଏ ସଫଳତା, ଖୁସି, ଆନନ୍ଦ ପଛରେ ରହିଛି ଆମର ସଂଗ୍ରାମୀମାନଙ୍କର ମହାନ ତ୍ୟାଗ। ଅଭିଭାଷଣରେ ମୁଖ୍ୟମନ୍ତ୍ରୀ ଶହୀଦ ମାଧୋ ସିଂହ ଙ୍କ ସଂଗ୍ରାମର କାହାଣୀ ବର୍ଣ୍ଣନା କରିଥିଲେ।

ଆଜି ମଧ୍ୟ ଓଡିଶାରେ ଏକ କ୍ରାନ୍ତି ଆରମ୍ଭ ହେବାକୁ ଯାଉଛି। ଓଡିଆ ଅସ୍ମିତା ଆଜି ଆମର ଜନମାନସକୁ ଆଚ୍ଛାଦିତ କରିଛି। ଅସ୍ମିତାକୁ ସାଥିରେ ଧରି ବିକାଶର ମାର୍ଗରେ ଅଗ୍ରସର ହେବା ପାଇଁ ଓଡିଆ ଜାତି ଏକ ନୂଆ ଯାତ୍ରା ଆରମ୍ଭ କରିଛି।

ସେ କହିଥିଲେ ଯେ ୨୦୩୬ରେ ସ୍ୱତନ୍ତ୍ର ଓଡିଶାର ଶତ ବାର୍ଷିକୀ ପାଳିତ ହେବ । ୨୦୪୭ରେ ସ୍ୱାଧୀନତାର ଶତ ବାର୍ଷିକୀ ମଧ୍ୟ ପାଳିତ ହେବ। 'ବିକଶିତ ଭାରତ' ଏବଂ 'ବିକଶିତ ଓଡିଶା' ଆମର ଲକ୍ଷ୍ୟ। ଏଥିପାଇଁ ଆମେ ରୋଡମ୍ୟାପ ମଧ୍ୟ ପ୍ରସ୍ତୁତ କରୁଛୁ। ବିକଶିତ ଓଡିଶା ପାଇଁ ଆମର ଯାତ୍ରା ଓଡିଶା ଇତିହାସରେ ଆଣିବ 'ବିକାଶର ଏକ ନୂଆ କ୍ରାନ୍ତି'। ସେ କ୍ରାନ୍ତିରେ ପ୍ରତ୍ୟେକ ଓଡିଆ ହେବେ ଜଣେ ଜଣେ ସଂଗ୍ରାମୀ । ଶିକ୍ଷା, ସ୍ୱାସ୍ଥ୍ୟ, ଜ୍ଞାନ ବିଜ୍ଞାନ- ସବୁ କ୍ଷେତ୍ରରେ ଓଡିଆ ହେବେ ଅଗ୍ରଣୀ ବୋଲି ସେ କହିଥିଲେ। ଶେଷରେ ସମସ୍ତେ ଏ ନୂଆ ସଂଗ୍ରାମରେ ସାମିଲ ହେବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ବିକାଶର ଏ ନୂଆ କ୍ରାନ୍ତିରେ ଆମେ ପ୍ରତ୍ୟେକ ନିଜର ବ୍ୟକ୍ତିଗତ ସ୍ତରରେ ଯଥା ସମ୍ଭବ ଅବଦାନ ରଖିବା। ଆମର ଏ କ୍ରାନ୍ତି ନିଶ୍ଚୟ ସଫଳ ହେବ ବୋଲି ସେ କହିଥିଲେ।

# ବିଜେଡିକୁ ଘାରୁଛି ଅନାସ୍ଥା ଭୟ

**ଭୁବନେଶ୍ୱର,୯।୮(ମହାଭାରତ):** ଅପ୍ରତ୍ୟାଶିତ ଢଙ୍ଗରେ ୨୪ବର୍ଷର ସରକାରର ପତନ ହେବାପରେ ବିଜେଡିକୁ ଏବେ ପୌର ଓ ପଂଚାୟତ ସମିତି ଅଧ୍ୟକ୍ଷ ପଦ ହାତଛଡ଼ା ହେବାର ଭୟ ଘାରିଛି। ଦଳ ଆଜି ବିଭିନ୍ନ ପୌର ସଂସ୍ଥାର ବିଜେଡି ସମର୍ଥିତ ଅଧ୍ୟକ୍ଷମାନଙ୍କ ଜରୁରୀ ବୈଠକ ଡାକି କେଉଁ ଅଧ୍ୟକ୍ଷଙ୍କ ବିରୁଦ୍ଧରେ ଅନାସ୍ଥା ଆସିବାର ଆଶଙ୍କା ରହିଛି ତାର ତାଲିକା ମାଗିଛି। ଆଉ ଦଳର ଏଭଳି ଅପରିପକ୍ୱତା ହିଁ ରାଜ୍ୟରେ କ୍ଷମତାସୀନ ବିଜେପିକୁ ବିଭିନ୍ନ ପୌର ସଂସ୍ଥା ଅଧ୍ୟକ୍ଷ ପଦବୀକୁ ହାତେଇବାର ମାର୍ଗକୁ ପ୍ରଶସ୍ତ କରିବ ବୋଲି ଚର୍ଚ୍ଚା ହେଉଛି।



ସୂଚନା ଅନୁସାରେ, ଆଜି ଅପରାହ୍ନରେ ଶଙ୍ଖଭବନଠାରେ ବିଜେଡି ସମର୍ଥିତ ବିଭିନ୍ନ ଏନଏସି ଓ ପୌର ଅଧ୍ୟକ୍ଷମାନଙ୍କ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ବୈଠକରେ ବରିଷ୍ଠ ନେତା ଦେବୀ ମିଶ୍ର ଓ ନବୀନ ପଟ୍ଟନାୟକଙ୍କ ରାଜନୀତିକ ସଚିବ ସନ୍ତୃପ୍ତ ମିଶ୍ର ଉପସ୍ଥିତ ରହି ଦଳର ପୌର ଅଧ୍ୟକ୍ଷ ଓ ଅଧ୍ୟକ୍ଷାମାନଙ୍କ ସହ ଆଲୋଚନା କରିଥିଲେ। କେଉଁଠି ପୌର ସଂସ୍ଥାରେ ବିଜେଡି ଅଧ୍ୟକ୍ଷମାନଙ୍କ ବିରୁଦ୍ଧରେ ଅନାସ୍ଥା ପ୍ରସ୍ତାବ ଆସିବାର ଆଶଙ୍କା ରହିଛି ତାର ତାଲିକା ଦେବାକୁ ମଧ୍ୟ କହିଥିଲେ। ଦଳର ପ୍ରତ୍ୟାଖ୍ୟାତ ତଥା ପରାଜିତ ବିଧାୟକ ଦେବୀ ମିଶ୍ର ଓ ରାଜନୀତିରେ ର ଅକ୍ଷର ଜାଣିନଥିବା ଅନଭିଜ୍ଞ ସନ୍ତୃପ୍ତ ମିଶ୍ର କାହା ନିର୍ଦ୍ଦେଶରେ ଏହି ବୈଠକ ଡାକି ଏଭଳି ରାଜନୀତିକ ଅପରିପକ୍ୱତା ଦେଖାଉଛନ୍ତି ବୋଲି ସେମାନେ ଖୋଲାଖୋଲି ଅସନ୍ତୋଷ ବ୍ୟକ୍ତ କରିଥିବା ଜଣାପଡ଼ିଛି।

ବୈଠକରେ ସାମିଲ ଥିବା ଭଦ୍ରକ ଜିଲ୍ଲାର ପୌର ସଂସ୍ଥାର ଜଣେ ଅଧ୍ୟକ୍ଷ ନିଜ ନାମ ଗୁପ୍ତ ରଖିବା ସର୍ତ୍ତରେ କହିଛନ୍ତି ଯେ, କାହା ବିରୁଦ୍ଧରେ କେତେବେଳେ ଅନାସ୍ଥା ପ୍ରସ୍ତାବ ଆସିବ ସେକଥା କଣ ଦଳ ନିଜର ଜିଲ୍ଲା କମିଟି ମାଧ୍ୟମରେ ଅବଗତ ହୋଇପାରିବ ନାହିଁ। ଏଭଳି ଅନାସ୍ଥା ପ୍ରସ୍ତାବ ଆସିଲେ ବା ଆସିବାର ଆଶଙ୍କା ସୃଷ୍ଟି ହେଲେ ତାହା କଣ ଲୁଚି ରହିପାରିବ କି ? କିନ୍ତୁ ଆଜି ଜରୁରୀ ବୈଠକ ଡାକି ଆମମାନଙ୍କୁ ଅନାସ୍ଥା ପ୍ରସ୍ତାବ କାହା ବିରୁଦ୍ଧରେ ଆସିବ ବୋଲି ମାଗିବା ରାଜନୀତିକ ଅପରିପକ୍ୱତା ନୁହେଁ ତ ଆଉ କଣ ?

ଅନ୍ୟପକ୍ଷରେ ପାରାଦୀପ ପୌରାଧ୍ୟକ୍ଷ ଶ୍ରୀ ବିଶ୍ୱାଳଙ୍କୁ ଏନେଇ ପଚରାଯିବାରୁ ସେ କହିଛନ୍ତି ଯେ, ବିଭିନ୍ନ ମ୍ୟୁନିସପାଲଟି ଓ ଏନଏସି ପରିଚାଳନାରେ ରହିଥିବା ସମସ୍ୟା ଉପରେ ଆଲୋଚନା ପାଇଁ ଆଜି ବୈଠକ ଡକାଯାଇଥିଲା। ଅଲଓଡ଼ିଶା ମ୍ୟୁନିସପାଲଟି ଚେୟାରପର୍ସନ ଆସୋସିଏସନର ଅଧ୍ୟକ୍ଷ ଭାବେ ସେ ଏହି ବୈଠକ ଡାକିଥିଲେ। ମୁଖ୍ୟମନ୍ତ୍ରୀ ଓ ବିଭାଗୀୟ ମନ୍ତ୍ରୀଙ୍କୁ ଭେଟିବାକୁ ଚାହିଁଥିଲୁ, କିନ୍ତୁ ଆଜି ସମୟ ମିଳିଲା ନାହିଁ। ଆମେ ପରବର୍ତ୍ତୀ ସମୟରେ ସେମାନଙ୍କୁ ଭେଟି ବିଭିନ୍ନ ସମସ୍ୟା ସମ୍ପର୍କରେ ଅବଗତ କରିବୁ।

ଆଜି ଶଙ୍ଖଭବନରେ ବୈଠକ କରିଥିବା ଓ ନବୀନ ପଟ୍ଟନାୟକଙ୍କୁ ଭେଟିଥିବା ସେ ସ୍ୱୀକାର କରିଛନ୍ତି। ତେବେ ଅଲଓଡ଼ିଶା ମ୍ୟୁନିସପାଲଟି ଚେୟାରପର୍ସନ ଆସୋସିଏସନ୍ ବ୍ୟାନରରେ ଯଦି ବୈଠକ ହୋଇଥିଲା। ତାହା କିଭଳି ଗୋଟିଏ ନିର୍ଦ୍ଦିଷ୍ଟ ରାଜନୀତିକ ଦଳ କାର୍ଯ୍ୟାଳୟରେ ହେଲା ଓ ସେହି ଦଳର ସୁପ୍ରିମୋଙ୍କୁ ଭେଟଘାଟ କଲେ। ତାହା ଏବେ ବିଜେଡିର ଅସଲ ଭୟକୁ ପଦାରେ ପକାଇଛି। ଆଜିର ବୈଠକରେ ବିଜେଡି ସମର୍ଥିତ ୫୦ରୁ ଅଧିକ ଏନଏସି ଓ ପୌରାଂଚଳ ଅଧ୍ୟକ୍ଷ ଯୋଗ ଦେଇଥିବା ଜଣାପଡ଼ିଛି ।

## ଏସସିବି ମେଡିକାଲରେ ଭାଙ୍ଗିଲା କ୍ରେନ୍

### ୩ ଜଣ ଗୁରୁତର, ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ

**କଟକ,୯।୮(ମହାଭାରତ):** : ବଡ଼ମେଡିକାଲରେ ଶୁକ୍ରବାର ବଡ଼ ଦୁର୍ଘଟଣା ଘଟିଛି। ନିର୍ମାଣ କାର୍ଯ୍ୟ ଚାଲୁଥିବାବେଳେ ଏକ କ୍ରେନ୍ ଭାଙ୍ଗିପଡ଼ିଛି। ଫଳରେ ଘଟଣାସ୍ଥଳରେ ୩ ଜଣ ଶ୍ରମିକ ଆହତ ହୋଇଥିବା ସୂଚନା ମିଳିଛି। ଏସସିବି ସେକେଣ୍ଡ କ୍ୟାମ୍ପସରେ ନିର୍ମାଣ କାର୍ଯ୍ୟ ଚାଲୁଥିବାବେଳେ କେଉଁ କାରଣରୁ କ୍ରେନଟି ଭାଙ୍ଗି ପଡ଼ିଛି ସେନେଇ ସ୍ପଷ୍ଟ ଜଣା ପଡ଼ିନି। ଆଶଙ୍କା କରାଯାଉଛି କି ଓଭର ଲୋଡ୍ ଯୋଗୁଁ ଟାୱାର କ୍ରେନ୍ ଭାଙ୍ଗି ପଡ଼ିଛି।



କଟକସ୍ଥିତ ଏସସିବି ମେଡିକାଲର ନୂଆ କୋଠା ନିର୍ମାଣବେଳେ କ୍ରେନ୍ ଖସିଯାଇ ୩ଜଣ ଆହତ ହେବା ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଦୁର୍ଘଟଣାର ଶିକାର ହୋଇଥିବା ୩ଜଣ ଆହତଙ୍କୁ ଆଜି ସନ୍ଧ୍ୟାରେ ରାଜ୍ୟ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଭେଟିବା ସହ ସମସ୍ତଙ୍କୁ ଉଚ୍ଚମାନର ଗୁଣାତ୍ମକ ଚିକିତ୍ସା ସୁବିଧା ଯୋଗାଇ ଦେବାକୁ ମେଡିକାଲ କର୍ତ୍ତୃପକ୍ଷଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହାସହିତ ସେ ଦୁର୍ଘଟଣାସ୍ଥଳକୁ ଯାଇ ଘଟଣାର ଅନୁଧ୍ୟାନ କରିଥିଲେ।କେଉଁ ପରିସ୍ଥିତିରେ ଦୁର୍ଘଟଣା ହେଲା ତାର ଉଚ୍ଚସ୍ତରୀୟ ତଦନ୍ତ କରି ତୁରନ୍ତ ରିପୋର୍ଟ ଦେବା ପାଇଁ ଓବିସିସିର ପରିଚାଳନା ନିର୍ଦ୍ଦେଶକଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଆଜି ଏସିସିବି ମେଡିକାଲ କୋଠା ନିର୍ମାଣବେଳେ ଦୁର୍ଘଟଣାକୁ ଗୁରୁତର ସହ ନେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ସଙ୍ଗେସଙ୍ଗେ ଘଟଣାସ୍ଥଳକୁ ଯାଇଥିଲେ। ଦୋଷୀଙ୍କ ବିରୁଦ୍ଧରେ ଆଇନ ଅନୁସାରେ କଠୋର ଦଣ୍ଡବିଧାନ କରାଯିବ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି।



# କଖାରୁ ଫୁଲ ଅଣ୍ଡା ଚପ୍

ଆବଶ୍ୟକ ସାମଗ୍ରୀ: ଲୁଣ, କଟା ଟମାଟୋ, କଖାରୁ ଫୁଲ, ସିଝା ଅଣ୍ଡା, କଟା ପିଆଜ, ଧନିଆପତ୍ର, ଲେମ୍ବୁ, ଚଟ ମସଲା, ଜଲଜିରା ପାଉଡର, ଚାଉଳ ପିଠଉ ଓ ତେଲ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଅଣ୍ଡାକୁ ସିଝାଇ ରଖନ୍ତୁ ଓ ଚାଉଳ ପିଠଉରେ ଲୁଣ, ଲଙ୍କାଗୁଣ୍ଡ ଓ ହଳଦୀଗୁଣ୍ଡ ଗୋଳାଇ ରଖନ୍ତୁ। ଏହାପରେ ସିଝାଅଣ୍ଡାକୁ ଛୋଟ ଛୋଟ କାଟି ସେଥିରେ କଟା ପିଆଜ, କଟା ଟମାଟୋ, ଧନିଆପତ୍ର, ଲେମ୍ବୁ ରସ, ଚଟ ମସଲା ଓ ଜଲଜିରା ପାଉଡର ପକାଇ ଭଲ ଭାବରେ ଗୋଳାଇ ଦିଅନ୍ତୁ। କଖାରୁ ଫୁଲ ଭିତରେ ପ୍ରସ୍ତୁତ ହୋଇଥିବା ଅଣ୍ଡା ଚଟ ମସଲାର ପୁରକୁ ପୁରାଇ ରଖନ୍ତୁ। ଗ୍ୟାସ ଲଗାଇ ତାୱାରେ ତେଲ ଗରମ କରି ଅଣ୍ଡା ପୁର ଦିଆ କଖାରୁ ଫୁଲକୁ ଚାଉଳ ପିଠଉରେ ଗୋଳାଇ ସେକନ୍ତୁ। ଏବେ ପ୍ରସ୍ତୁତ ହୋଇଗଲା ଆପଣଙ୍କର କଖାରୁ ଫୁଲ ଅଣ୍ଡା ଚଟ। ଏହାକୁ ଆପଣ ଗରମା ଗରମ ଖାଇପାରିବେ।



ଖବର

# ଓଡ଼ିଆ ଚଳଚ୍ଚିତ୍ର 'ଆଭା'ର ସ୍ୱତନ୍ତ୍ର ସ୍କ୍ରିନିଂ ସହ ପୋଷ୍ଟର ଉନ୍ମୋଚିତ




ଆଜି ଜୟଦେବ ଭବନଠାରେ ଓଡ଼ିଆ ଚଳଚ୍ଚିତ୍ର 'ଆଭା'ର ଏକ ଝଉଛ୍ୱତନ୍ତ୍ର ସ୍କ୍ରିନି ସ୍ୱାଦର ଓଡ଼ିଆ ଚଳଚ୍ଚିତ୍ର ଆଭା ଜଣେ ଭିନ୍ନକ୍ଷମ ନାରୀର ସଂଘର୍ଷର କାହାଣୀ । ଏହି ସ୍ୱତନ୍ତ୍ର ସ୍କ୍ରିନିଂ ସହିତ ଅଡିଓ ଲୋକାର୍ପଣ ଏବଂ ପୋଷ୍ଟର ଉନ୍ମୋଚନରେ ଏକାମ୍ର ଭୁବନେଶ୍ୱରର ବିଧାୟକ ବାବୁ ସିଂ, ପ୍ରଯୋଜକ ପ୍ରବୀର ମହାପାତ୍ର, ଗୀତିକାର ତଥା ସଂଳାପକାର ମୋହିତ ଚକ୍ରବର୍ତ୍ତୀ, ଯୁଗଳ ଦେବତା, ହିମାଂଶୁ ଖଟୁଆ, ସଚ୍ଚିକାନ୍ତ ଜେନା, ପ୍ରିତମ, ସମାଜସେବୀ ତଥା ପ୍ରଯୋଜିକା ଶ୍ରାବଣୀ ପଟ୍ଟନାୟକ, ଅଭିନେତ୍ରୀ ଅନୁ ଚୌଧୁରୀ, କେଦାର ମିଶ୍ର, ଶ୍ରୁତୋ ଆର୍ଯ୍ୟ, ପ୍ରଣୟ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ ।ଆଭା ଚଳଚ୍ଚିତ୍ରର ମୁଖ୍ୟ ନାୟିକା ଭାବେ ନବାଗତା ଅଭିନେତ୍ରୀ ସୋନା ମଲ୍ଲିକ ଅଭିନୟ କରିଛନ୍ତି । ତାଙ୍କ ସହିତ ଅଭିଜ୍ଞ ଅଭିନେତ୍ରୀ ଅନୁ ଚୌଧୁରୀ, କେଦାର ମିଶ୍ର , ଶ୍ରୁତୋ ଆର୍ଯ୍ୟଙ୍କ ସମେତ ଆହୁରି ଅନେକ ତାରକା ଅଭିନୟ କରିଛନ୍ତି । ଆଭା ଏକ ନିପଟ ମଫସଲ ଗାଁର ଗରିବ ପରିବାରର ଜଣେ ଦିବ୍ୟାଙ୍ଗ ଝିଅ । ଭିନ୍ନକ୍ଷମ ହେଲେ କେମିତି ଜୀବନ ଶୈଳୀରେ ବଞ୍ଚିବାକୁ ହେବ ଯାହା ସମାଜକୁ ଏକ ପ୍ରକାର ଶିକ୍ଷା ମିଳିବ ତାରି ଉପରେ ଆଧାରିତ ଚଳଚ୍ଚିତ୍ର ଆଭା । ଖୁବ ସୁନ୍ଦର ଅଭିନୟ କରିଛନ୍ତି ଆଭା ଓରଫ ସୋନା ମଲ୍ଲିକ । ଏହି ଚଳଚ୍ଚିତ୍ରଟି ପଶ୍ଚିମବଙ୍ଗର ମେଦିନିପୁରର ଏକ ଆଦିବାସୀ ଗ୍ରାମର ଜଙ୍ଗଲ ଘେରି ରହିଥିବା ଏକ ଗ୍ରାମୀଣ ପରିବେଶରେ ସୁଟିଂ କରାଯାଇଛି । ୪୨ ଡିଗ୍ରୀ ତାପମାତ୍ରାରେ, ସମସ୍ତ ଟେକ୍ନିସିଆନ୍ସ କିଛି ନୂତନ ଧରଣର ଚଳଚ୍ଚିତ୍ର ଟିଏ ନିର୍ମାଣ କରିବା ପାଇଁ ଚେଷ୍ଟା କରିଛନ୍ତି ।ଚଳଚ୍ଚିତ୍ରର ଫଟୋଗ୍ରାଫି ନିର୍ଦ୍ଦେଶକ ଚିତ୍ତରଞ୍ଜନ ବିଶ୍ୱାଳ ଏହି ଚଳଚ୍ଚିତ୍ରକୁ ନେଇ ବହୁତ ଆଶାବାଦୀ । ଅଭିଜିତ ମଜୁମଦାରଙ୍କ ସଂଗୀତ ନିର୍ଦ୍ଦେଶିତ ଚମତ୍କାର ଗୀତ ସହିତ ଏହି ଚଳଚ୍ଚିତ୍ର ଦର୍ଶକଙ୍କୁ ଏକ ନୂତନ ସ୍ୱାଦର ରସର ଚିନ୍ତା କରିବାକୁ ଶିଖାଇବ । ନିକଟରେ ଏହି ସିନେମାର ସୁଟିଂ ଶେଷ ହୋଇଛି। ପୋଷ୍ଟ ପ୍ରଡକସନ କାର୍ଯ୍ୟ ଚାଲିଛି ଏହି ଚଳଚ୍ଚିତ୍ରର ପ୍ରଯୋଜନା କରିଛନ୍ତି କାହାଣୀ ପ୍ରବୀର ମହାପାତ୍ର । ସଂଳାପ ଲେଖିଛନ୍ତି ମୋହିତ ଚକ୍ରବର୍ତ୍ତୀ । ସ୍କ୍ରିପ୍ଟ, ସ୍କ୍ରିନ୍ ପ୍ଲେ ଏବଂ ନିର୍ଦ୍ଦେଶନା ପଲ୍ଲ ରୟ। ଏହି ଚଳଚ୍ଚିତ୍ର ମାଧ୍ୟମରେ ଦର୍ଶକ ଅନେକ ନୂଆ ସ୍ୱାଦ ପାଇବେ ବୋଲି ନିର୍ଦ୍ଦେଶକ କହିଛନ୍ତି। ଏହି ଚଳଚ୍ଚିତ୍ର ନାରୀ କୈନ୍ଦ୍ରିକ ହୋଇଥିବାରୁ ସମାଜରେ ସୁପ୍ରଭାବ ପକାଇବ ଏବଂ ଏହାକୁ ସମସ୍ତ ସିନେପ୍ରେମୀ ଦେଖିବା ଉଚିତ ବୋଲି ଉପସ୍ଥିତ ଅତିଥିଗଣ ମତ ଦେଇଛନ୍ତି ତା'ସହିତ ନିର୍ଦ୍ଦେଶକଙ୍କ ଗ୍ୟାରେଣ୍ଟି ଯେ ଦର୍ଶକମାନେ ଏକ ସୁନ୍ଦର ଅନୁଭବ ସହିତ ଘରକୁ ଫେରିବେ ।

# ମହାଦେବଙ୍କ ବରଦାନ

ଥରେ ଭଗବାନ ଶ୍ରୀକୃଷ୍ଣ ପୁତ୍ର ପ୍ରାପ୍ତି ନିମନ୍ତେ ଇଚ୍ଛା କଲେ । ସେ ଜଣେ ମୁନିଙ୍କ ଆଶ୍ରମକୁ ଗଲେ । ମୁନି ତାଙ୍କୁ ସାଦରେ ସ୍ୱାଗତ ଜଣାଇବା ସହ ଆସିବାର କାରଣ ପଚାରିଲେ । ଶ୍ରୀକୃଷ୍ଣ ଏକ ପୁତ୍ର ଚାହୁଁଥିବା କହିଲେ । ଭଗବାନ ଶିବଙ୍କୁ ତପସ୍ୟା କରି ପୁତ୍ର ଲାଭ କରିବା ଲାଗି ମୁନିବର ଶ୍ରୀକୃଷ୍ଣଙ୍କୁ ପରାମର୍ଶ ଦେଲେ । ଶ୍ରୀକୃଷ୍ଣ ଜଙ୍ଗଲକୁ ଯାଇ ଘୋର ତପସ୍ୟା ଆରମ୍ଭ କଲେ । ବର୍ଷ ବର୍ଷ ଧରି ତାଙ୍କ ତପସ୍ୟା ଜାରି ରହିଲା । ମାତ୍ର ଶିବ ପ୍ରସନ୍ନ ହେଲେ ନାହିଁ । ଦେବୀ ପାର୍ବତୀ ଏହା ଜାଣିପାରି ମହାଦେବଙ୍କୁ କହିଲେ, ବହୁ ବର୍ଷ ଧରି ଶ୍ରୀକୃଷ୍ଣ ଆପଣଙ୍କ ଆରାଧନା କରୁଛନ୍ତି । ଆପଣ କାହିଁକି ତାଙ୍କୁ ଦର୍ଶନ ଦେଉନାହାନ୍ତି । ଏହାପରେ ଶିବ ଏବଂ ପାର୍ବତୀ ଭଗବାନ କୃଷ୍ଣଙ୍କ ସମ୍ମୁଖରେ ଉପସ୍ଥିତ ହେଲେ । ଶ୍ରୀକୃଷ୍ଣଙ୍କୁ ତପସ୍ୟାର କାରଣ ପଚାରିଲେ ମହାଦେବ । ମହାଦେବ କହିଲେ, ତୁମେ ସ୍ୱୟଂ ଏ ସଂସାରର ପାଳନକର୍ତ୍ତା । ବ୍ରହ୍ମସ୍ୱରୂପ ଭଗବାନ ବିଷ୍ଣୁ । ତୁମେ ପୁଣି କେଉଁ ଇଚ୍ଛା ନେଇ ମୋର



ତପସ୍ୟା କରୁଛ । ଉତ୍ତରରେ ଶ୍ରୀକୃଷ୍ଣ କହିଲେ, ମହାଦେବ ମୁଁ ଆପଣଙ୍କ ଭଳି ଜଣେ ପୁତ୍ରର ପିତା ହେବାକୁ ଚାହୁଁଛି । ଏହାପରେ ମହାଦେବ ତଥାସ୍ତୁ କହି କୈଳାସ ଅଭିମୁଖେ ପ୍ରସ୍ଥାନ କଲେ । ଶ୍ରୀକୃଷ୍ଣ ଦ୍ୱାରିକା ଫେରିଲେ । କିଛିଦିନ ପରେ ତାଙ୍କ ପତ୍ନୀ ଜାମ୍ବବତୀଙ୍କ ଔରସରୁ ଶାମ୍ବ ଜନ୍ମ ନେଲେ । ଶାମ୍ବ ଥିଲେ ଭଗବାନ ମହାଦେବଙ୍କ ବରଦାନ ଫଳ । ମହାଦେବଙ୍କ ଭଳି ଜଣେ ପୁତ୍ର ଲାଭ କରିବା ପାଇଁ ଶ୍ରୀକୃଷ୍ଣ କାହିଁକି ଚାହିଁଥିଲେ ? କାରଣ, ଶ୍ରୀକୃଷ୍ଣ ଜାଣିଥିଲେ ଯେ ଶିବ ହେଉଛନ୍ତି ସଂହାରର ଦେବତା । ବିନା ସଂହାର ବା ଧ୍ୱଂସରେ ନୂତନ ସୃଷ୍ଟି ଆରମ୍ଭ ହେବା ସମ୍ଭବପର ନୁହେଁ । ଏଣୁ ସେ ଶିବଙ୍କ ଭଳି ଏକ ପୁତ୍ର ଚାହୁଁଥିଲେ । ଶେଷରେ ତାହା ହିଁ ହେଲା । ଶାମ୍ବଙ୍କ କାରଣରୁ ହିଁ ଯଦୁବଂଶର ଧ୍ୱଂସ ହୋଇଥିଲା । ଯାହା ଏକ ନୂଆ ଆରମ୍ଭ, ନୂଆ ଯୁଗର ସୃଷ୍ଟି ପାଇଁ ବାଟ ଫିଟାଇଥିଲା ।

# ମାଇଗ୍ରେନ୍ ସହ ଅନେକ ସମସ୍ୟାକୁ ଦୂର କରିବ ବ୍ଲୁ ଟି'

ସାଧାରଣତଃ ଚା ପିଇବାକୁ ସମସ୍ତ ଭଲ ପାଆନ୍ତି। ଅନେକ ଲୋକ ଭିନ୍ନ ଚା ପିଅନ୍ତି। ଯେପରିକି ଆପଣ ନିଶ୍ଚିତ ଭାବରେ ମସାଲା ଚା, ଗ୍ରୀନ ଟି ଓ ବ୍ଲାକ ଟି ନାମ ଶୁଣିଥିବେ। ସେହିଭଳି ସ୍ୱାସ୍ଥ୍ୟ ଏବଂ ଟେଷ୍ଟ ବିଷୟରେ କହିବାକୁ ଗଲେ ବ୍ଲୁ ଟି' ମଧ୍ୟ ଆଗରେ ରହିଛି। ପ୍ରାକୃତିକ ଉପାଦାନରୁ ପ୍ରସ୍ତୁତ ଏହି ଚା'ରେ ଆଣ୍ଟି-ଅକ୍ସିଡାଣ୍ଟ, ଆଣ୍ଟି-ଇନ୍ଫ୍ଲାମେଟୋରୀ, ଆଣ୍ଟି-ବ୍ୟାକ୍ଟେରିଆଲ୍ ଏବଂ ଆଣ୍ଟି-ସେପ୍ଟିକ୍ ଗୁଣ ରହିଛି ଯାହା ବହୁ ପ୍ରକାରର ଯନ୍ତ୍ରଣାକୁ ଦୂର କରିଥାଏ । ଏହି ଚା 'ଅତ୍ୟନ୍ତ ଲାଭଦାୟକ ଅଟେ। ଏହି ବ୍ଲୁ ଟି' ପ୍ରକୃତରେ ଅପରାଜିତା ଫୁଲରୁ ତିଆରି ହୋଇଥାଏ ତେଣୁ ଏହାର ରଙ୍ଗ ନୀଳ। ଆୟୁର୍ବେଦ ଅନୁଯାୟୀ, ଅପରାଜିତା ଫୁଲକୁ ଔଷଧ ଭାବରେ ବ୍ୟବହାର କରାଯାଉଥିଲା। ତେବେ ଆସନ୍ତୁ



ଜାଣିବା ବ୍ଲୁ ଟି' ପିଇବା ଦ୍ୱାରା କଣ ଲାଭ ମିଳିଥାଏ ?

**ବ୍ଲୁ ଟି ' ର ସ୍ୱାସ୍ଥ୍ୟ ଉପକାରିତା:**

♦ ଯେଉଁମାନେ ଓଜନ ହ୍ରାସ କରିବାକୁ ଚାହାଁନ୍ତି, ସେମାନେ ଏହି ଚା 'ପିଇପାରିବେ। ବ୍ଲୁ ଟି ' ପଲିଫେନୋଲରେ ପରିପୂର୍ଣ୍ଣ ଏବଂ ଏହା ମେଟାବୋଲିକ୍ ହାର ବୃଦ୍ଧି ପାଇଁ କାମ କରେ ।

♦ ଏହା ସହ ମଧୁମେହ ରୋଗୀଙ୍କ ପାଇଁ ସୁଗାର ନିୟନ୍ତ୍ରଣ କରିବାରେ ଏହା ମଧ୍ୟ ସହାୟକ ହୋଇଥାଏ। ବିଶେଷକରି ଟାଇପ୍- ୧ ଡାଇବେଟିସ୍ ରେ ଏହା ଭଲ ଫଳାଫଳ ଦେଖାଏ।

♦ ଗ୍ରୀନ୍ ଟି ଅପେକ୍ଷା ବ୍ଲୁ ଟି 'ରେ ଅଧିକ ଆଣ୍ଟିଅକ୍ସିଡାଣ୍ଟ ଥାଏ । ଏହି ଚା ଏକ ରୋଗ ପ୍ରତିରୋଧକ ଶକ୍ତି ଭାବରେ କାମ କରେ।

♦ କର୍କଟ ରୋଗରେ ଏହି ଚା ପିଇବା ଦ୍ୱାରା ଅନେକ ଉପକାର ଦେଖାଯାଏ।

♦ ମାଇଗ୍ରେନର ଶିକାର ହୋଇଥିଲେ ଏହାର ଯନ୍ତ୍ରଣା ହ୍ରାସ କରିବାରେ ବ୍ଲୁ ଟି ମଧ୍ୟ ବହୁତ ସାହାଯ୍ୟ କରିଥାଏ। ଏହି ଚା ପିଇବା ଦ୍ୱାରା ମସ୍ତିଷ୍କର ସ୍ନାୟୁ ଫୁଲିଯାଏ ଏବଂ ରକ୍ତ ସଞ୍ଚାଳନରେ ଉନ୍ନତି ଆସେ। ଏହା ଯନ୍ତ୍ରଣାରୁ ମୁକ୍ତି ଦେଇଥାଏ।

**ଏହାକୁ କିପରି ପ୍ରସ୍ତୁତ କରିବେ**

♦ ଅପରାଜିତାର ନୀଳ ଫୁଲକୁ ଫୁଟୁଥିବା ପାଣିରେ ରଖନ୍ତୁ, ଏହାକୁ ଏକ ମିନିଟ୍ ପାଇଁ ଘୋଡାନ୍ତୁ ଏବଂ ପରେ ଫିଲ୍ଟର୍ ତଥା ଛାଣି ନିଅନ୍ତୁ । ଯଦି ଚାହାଁନ୍ତି, ସ୍ୱାଦ ପାଇଁ ସେଥିରେ ଲେମ୍ବୁ, ମହୁ ମିଶାନ୍ତୁ। ଯଦି ଆପଣ ଓଜନ ହ୍ରାସ କରିବାକୁ ଚାହୁଁଛନ୍ତି, ତେବେ ମହୁ ମିଶାନ୍ତୁ ନାହିଁ ।

# ଶିବଙ୍କ ସବୁ ରୂପ ଭକ୍ତଙ୍କ ପାଇଁ କଲ୍ୟାଣକାରୀ

ଶିବଙ୍କ ସବୁ ରୂପ ଭକ୍ତଜନଙ୍କ ପାଇଁ କଲ୍ୟାଣକାରୀ । ମହାଦେବ ଏହି ସମସ୍ତ ରୂପରେ ପୂଜନୀୟ ଏବଂ ଜୀବନ ପାଇଁ ଏକ ଭିନ୍ନ ବାର୍ତ୍ତା ଦେଇଥାନ୍ତି ।

ଅର୍ଦ୍ଧନାରୀଶ୍ୱର ରୂପ : ଭଗବାନ ଶିବଙ୍କ ଏହି ରୂପରେ ତାଙ୍କ ଶରୀରର ଗୋଟିଏ ଭାଗ ନର ଏବଂ ଅନ୍ୟ ଭାଗଟି ନାରୀ ଅର୍ଥାତ୍ ମାତା ପାର୍ବତୀଙ୍କ ରୂପରେ ଦେଖିବାକୁ ମିଳିଥାଏ । ଦୁହେଁ ସ୍ପଷ୍ଟ ରୂପରେ ଗୋଟିଏ ପ୍ରତିମା । ଏହି ରୂପରେ ଶିବଙ୍କୁ ପୂଜା କଲେ ମାତା ପାର୍ବତୀଙ୍କୁ ପୂଜିବାର ଫଳ ମଧ୍ୟ ମିଳିଯାଇଥାଏ ।



ପଞ୍ଚମୁଖୀ ଶିବ : ଭଗବାନଙ୍କ ଏହି ରୂପରେ ୫ଟି ମୁଖମଣ୍ଡଳ ରହିଛି । ଏଥିରେ ପ୍ରଥମ ମୁଖ ଊର୍ଦ୍ଧ୍ୱମୁଖୀ ହୋଇଥିବା ବେଳେ ଏହାର ରଙ୍ଗ ଲାଲ୍ ହୋଇଥାଏ । ଦ୍ୱିତୀୟ ମୁଖ ପୂର୍ବ ଦିଗକୁ ରହିଥିବା ବେଳେ ଏହାର ରଙ୍ଗ ହଳଦିଆ ହୋଇଥାଏ । ନୀଳ ରଙ୍ଗର ତୃତୀୟ ମୁଖ ଦକ୍ଷିଣ ଆଡ଼କୁ ରହିଥାଏ । କହରା ରଙ୍ଗର ଚତୁର୍ଥ ମୁଖ ପଶ୍ଚିମ ଦିଗକୁ ରହିଥାଏ। ପଞ୍ଚମ ମୁଖ ଉତ୍ତର ଦିଗକୁ ରହିଥାଏ ଯାହାର ରଙ୍ଗ ସମ୍ପୂର୍ଣ୍ଣ ଲାଲ। ଏହି ସମସ୍ତ ମୁଖ ଉପରେ ଶିବଙ୍କ ଜଟାରେ ଚନ୍ଦ୍ରମା ଶୋଭା ପାଇଥାନ୍ତି । ସମସ୍ତ ୫ମୁଖର ଅଭୂତ ଆଭା ପ୍ରକଟ ହୋଇଥାଏ। ଏହି ୫ଟି ମୁଖକୁ ପୂଜା କରିବା ଦ୍ୱାରା ସମସ୍ତ କଷ୍ଟ ଦୂର ହୋଇ ସର୍ବସିଦ୍ଧି ପ୍ରାପ୍ତ ହୋଇଥାଏ।

ମହାମୃତ୍ୟୁଞ୍ଜୟ : ଭଗବାନଙ୍କ ଏହି ରୂପକୁ ଦେଖି ମୃତ୍ୟୁ ମଧ୍ୟ ଡରିଯାଇଥାଏ । ତାଙ୍କର ଏହି ରୂପକୁ ଧ୍ୟାନ କରି ମୃତ୍ୟୁ ଉପରେ ମଧ୍ୟ ବିଜୟ ପ୍ରାପ୍ତ କରି ହୋଇଥାଏ। ଏହି ରୂପର ସ୍ତୁତି କରି ମହାମୃତ୍ୟୁଞ୍ଜୟ ମନ୍ତ୍ର ୧ ଲକ୍ଷ ୨୦ ହଜାର ଥର ଜପ କଲେ ଅସାଧ୍ୟ ରୋଗରୁ ମୁକ୍ତି ମିଳିଥାଏ ତଥା ଅକାଳ ମୃତ୍ୟୁ ଯୋଗରୁ ମଧ୍ୟ ରକ୍ଷା ମିଳିଥାଏ ବୋଲି ବିଶ୍ୱାସ ରହିଛି ।

ନୀଳକଣ୍ଠ : ଶିବଙ୍କ ଏହି ରୂପରେ ଭଗବାନଙ୍କ କଣ୍ଠ ଅର୍ଥାତ୍ ଗଳା ନୀଳ ରଙ୍ଗ ହୋଇଥାଏ । ଥରେ ଭଗବାନ ଶିବ ବିଷ ପିଇଦେଇଥିଲେ, ଫଳରେ ତାଙ୍କର ସମସ୍ତ କଣ୍ଠ ନୀଳ ହୋଇଗଲା। ଭଗବାନଙ୍କ ଏହି ରୂପରେ ତାଙ୍କ ମୁଖରେ



ଅତ୍ୟଧିକ ତେଜ ପରିବ୍ୟାପ୍ତ ଥାଏ। ଯାହାର ତୁଳନା ହଜାର ହଜାର ସୂର୍ଯ୍ୟଙ୍କ ତେଜ ସହିତ କରାଯାଇପାରେ ।

ନଟରାଜ : ଭଗବାନଙ୍କର ଏହା ରୌଦ୍ରରୂପ । ଏହି ରୂପରେ ଭଗବାନ ନୃତ୍ୟ ମୁଦ୍ରାରେ ଥାଆନ୍ତି । ସେ ଯୁଦ୍ଧ ସମୟରେ ଏହି ନୃତ୍ୟ କରିଥିଲେ। ଏହାକୁ ତାଣ୍ଡବ ନୃତ୍ୟ ବୋଲି ମଧ୍ୟ କହିଥାନ୍ତି । ଏଥିରେ ଭଗବାନଙ୍କ ଜଟା ଖୋଲି ରହିଥାଏ। ତଥା ତାଙ୍କ ମୁଖମଣ୍ଡଳରେ କ୍ରୋଧରେ ଲାଲ୍ ପଡ଼ିଯାଇଥାଏ।

# ମହର୍ଷି ଅଗସ୍ତ୍ୟ : ଜନ୍ମରୁ ବେଦଜ୍ଞାତା

ସୂର୍ଯ୍ୟବଂଶରେ ରାଜା ଇକ୍ଷାକୁଙ୍କ ପୁତ୍ର ଥିଲେ ନିମି। ଥରେ ସେ ଯଜ୍ଞ ଆୟୋଜନ କରିବା ଲାଗି ନିଷ୍ପତ୍ତି ନେଲେ । ଯଜ୍ଞ କରିବା ନିମନ୍ତେ ସେ ମହର୍ଷି ବଶିଷ୍ଠଙ୍କୁ ଅନୁରୋଧ କଲେ । ମାତ୍ର ବଶିଷ୍ଠ ପୂର୍ବରୁ ଯଜ୍ଞ କରିବା ନିମନ୍ତେ ଦେବରାଜ ଇନ୍ଦ୍ରଙ୍କୁ କଥା ଦେଇ ସାରିଥିଲେ । ତେଣୁ ସେ କହିଲେ, ମୁଁ ପ୍ରଥମେ ଦେବରାଜ ଇନ୍ଦ୍ରଙ୍କ ଯଜ୍ଞ ଶେଷ କରିବା ପରେ ତୁମର ଯଜ୍ଞ ସମ୍ପନ୍ନ କରିବି। ରାଜା ନିମି ଏଥିରେ ଦୁଃଖିତ ହେଲେ। ମାତ୍ର କିଛିନକହି ସେ ଫେରି ଆସିଲେ । ଏହାପରେ ମହର୍ଷି ଗୌତମଙ୍କ ପୁତ୍ର ସଦାନନ୍ଦଙ୍କ ଦ୍ୱାରା ରାଜା ନିମି ଯଜ୍ଞ ସମ୍ପନ୍ନ କରାଇଲେ। ସ୍ୱର୍ଗପୁରୀରେ ଦେବରାଜ ଇନ୍ଦ୍ରଙ୍କ ଯଜ୍ଞ ଶେଷ କରିବା ପରେ ଫେରିଲେ ମହର୍ଷି ବଶିଷ୍ଠ । ସେ ରାଜା ନିମିଙ୍କ ଦରବାରକୁ ଗଲେ । ମାତ୍ର ରାଜା ସେତେବେଳକୁ ଯଜ୍ଞ ଶେଷ କରିସାରିଥିବା ଜାଣିଲେ । ଅନ୍ୟପକ୍ଷରେ ରାଜା ମହର୍ଷିଙ୍କ ଆଗମନ ବିଷୟରେ ଜାଣିପାରିଲେ ନାହିଁ । କାରଣ ସେ ଶୋଇଥିଲେ । ବଶିଷ୍ଠ ଭାବିଲେ, ରାଜା ଯଜ୍ଞ ସମ୍ପନ୍ନ କରି ସାରିଥିବାରୁ ଅହଂକାରବଶତଃ ତାଙ୍କୁ ଦେଖା କରିବାକୁ ଚାହୁଁନାହାନ୍ତି । ତେଣୁ ସେ ରାଜାଙ୍କୁ ସଙ୍ଗେ ସଙ୍ଗେ ମୃତ୍ୟୁବରଣ କରିବା ଲାଗି ଅଭିଶାପ ଦେଲେ । ରାଜା ନିମି ଏହି ଅଭିଶାପ ଖବର ପାଇଲେ । ଖୁବ୍ କମ୍ ଦିନ ମଧ୍ୟରେ ତାଙ୍କର ମୃତ୍ୟୁ ଘଟିବ ବୋଲି ସେ ଜାଣିଲେ। ସେ ଭାବିଲେ ଶୋଇଥିବା ଜାଣି ମଧ୍ୟ ମହର୍ଷି ବଶିଷ୍ଠ ତାଙ୍କୁ ଅଭିଶାପ ଦେଲେ । ରାଜା ନିମି ଜଣେ ସିଦ୍ଧ ପୁରୁଷ ଥିଲେ । ତେଣୁ ସେ ମଧ୍ୟ ମହର୍ଷି ବଶିଷ୍ଠଙ୍କ ମୃତ୍ୟୁବରଣ କରିବାର ଅଭିଶାପ ଦେଲେ । ମହର୍ଷି ରାଜାଙ୍କ ଅଭିଶାପ ବିଷୟରେ ଜାଣିବା ପରେ ଦେହତ୍ୟାଗ କରି ବ୍ରହ୍ମଲୋକରେ ପହଞ୍ଚିଲେ । ସେ ପରମପିତା ବ୍ରହ୍ମାଙ୍କୁ ସବୁକଥା କହିଲେ । ବ୍ରହ୍ମା କହିଲେ, ମୁଁ ସବୁ ଜାଣିଛି ବତ୍ସ ! ତେବେ ତୁମେ ଶରୀର ତ୍ୟାଗ କରି ଏଠାକୁ ଆସିବା ଉଚିତ୍ ହେଲା ନାହିଁ । ଧରାପୃଷ୍ଠରେ ତୁମ ଦ୍ୱାରା ଅନେକ ମହାନ କାର୍ଯ୍ୟ ସାଧିତ ହେବାକୁ ବାକି ଅଛି । ତୁମେ ଅନେକ ମହାନ କାର୍ଯ୍ୟର ସୂତ୍ରଧର ହେବ । ତେଣୁ ତୁମେ ପୁଣିଥରେ ପୃଥିବୀ ପୃଷ୍ଠକୁ ଫେରିଯାଅ। ବ୍ରହ୍ମାଙ୍କ ପରାମର୍ଶକ୍ରମେ ମହର୍ଷି ବଶିଷ୍ଠ ପୁଣିଥରେ ଦେହଧାରୀ



ହୋଇ ଜନ୍ମ ନେବା ଲାଗି ମିତ୍ର-ବରୁଣଙ୍କୁ ଭେଟିଲେ । ମିତ୍ର ଓ ବରୁଣ ଦୁଇ ଜଣ ହୋଇଥିବାରୁ ମହର୍ଷି ବଶିଷ୍ଠଙ୍କ ଦୁଇଟି ଶରୀର ପୃଥିବୀରେ ଜନ୍ମ ନେଲା । ପ୍ରଥମେ ମହର୍ଷି ଅଗସ୍ତ୍ୟ ଏବଂ ଦ୍ୱିତୀୟରେ ସ୍ୱୟଂ ମହର୍ଷି ବଶିଷ୍ଠ ଜନ୍ମ ନେଲେ । ପ୍ରଥମେ ଜନ୍ମ ହୋଇଥିବାରୁ ମହର୍ଷି ଅଗସ୍ତ୍ୟଙ୍କୁ ବଶିଷ୍ଠଙ୍କ ଜ୍ୟେଷ୍ଠ ଭ୍ରାତା କୁହାଯାଏ । ମହର୍ଷି ଅଗସ୍ତ୍ୟ କାହାଠାରୁ ବେଦଜ୍ଞାନ ଆହରଣ କରିନଥିଲେ । କାରଣ ସେ ଜନ୍ମରୁ ହିଁ ବେଦଜ୍ଞାନୀ ହୋଇ ମର୍ତ୍ତ୍ୟରେ ଜାତ ହୋଇଥିଲେ । ଅସ୍ତ୍ରଶସ୍ତ୍ର ଚାଳନାରେ ସେ ଥିଲେ ସିଦ୍ଧହସ୍ତ । ସପ୍ତର୍ଷିଙ୍କ ମଧ୍ୟରୁ ଅନ୍ୟତମ ମହର୍ଷି ଅଗସ୍ତ୍ୟଙ୍କ ପରମ ଶିଷ୍ୟ ଥିଲେ ଋଷି ଅଗ୍ନିବେଶ । ତାଙ୍କ ଠାରୁ ଦ୍ରୋଣାଚାର୍ଯ୍ୟ ଅସ୍ତ୍ର ବିଦ୍ୟା ଶିକ୍ଷା ଲାଭ କରିଥିଲେ । ମହର୍ଷି ଅଗସ୍ତ୍ୟଙ୍କ ପତ୍ନୀ ଥିଲେ ଲୋପାମୁଦ୍ରା । ସେ ଜଣେ ପରମଜ୍ଞାନୀ ମହିଳା ଥିଲେ । ବେଦରେ ଲୋପାମୁଦ୍ରଙ୍କ ଦ୍ୱାରା ରଚିତ ବହୁ ଗୁରୁତ୍ୱପୂର୍ଣ୍ଣ ମନ୍ତ୍ର ରହିଛି । ପ୍ରାଚୀନ କାଳରେ ମହିଳା ବିଦ୍ୱାନମାନଙ୍କୁ ମଧ୍ୟ ଗୁରୁତ୍ୱ ଦିଆଯାଉଥିବା ଏଥିରୁ ପ୍ରମାଣ ମିଳିଥାଏ ।

## ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ ଆରଏସଏସ ମୁଖ୍ୟ



ପୁରୀ, ୯।୮ (ମହାଭାରତ) : ଓଡ଼ିଶାରେ ପହଞ୍ଚିବାର ଗୋଟିଏ ଦିନ ପରେ ରାଷ୍ଟ୍ରିୟ ସ୍ୱୟଂସେବକ ସଂଗଠନ (ଆରଏସଏସ) ମୁଖ୍ୟ ମୋହନ ଭଗବତ ଶୁକ୍ରବାର ଦିନ ପୁରୀ ଶ୍ରୀ ଜଗନ୍ନାଥ ମନ୍ଦିର ଯାଇ ମହାପ୍ରଭୁଙ୍କ ଆଶିଷ ନେଇଛନ୍ତି। ଏହା ପରେ ସେ ଗୋବର୍ଦ୍ଧନ ପୀଠରେ ପୁରୀ ଶଙ୍କରାଚାର୍ଯ୍ୟ ସ୍ୱାମୀ ନିଶ୍ଚଳାନନ୍ଦ ସରସ୍ୱତୀଙ୍କୁ ଭେଟିବେ। ମହାପ୍ରଭୁଙ୍କ ଦର୍ଶନ ସାନିଧ ସହ ବିମଳା ମନ୍ଦିର,ଲକ୍ଷ୍ମୀ ମନ୍ଦିର, ଆନନ୍ଦ ବଜାର ଓ ସ୍ନାନବେଦୀ ଦର୍ଶନ କରିଥିଲେ ସେ। ଶ୍ରୀମନ୍ଦିରରୁ ଫେରିବା ସମୟରେ ସେ କାଶୀ ବିଶ୍ୱନାଥ ଓ ପତିତ ପାବନଙ୍କ ସାନିଧ ମଧ୍ୟ ନେଇଥିଲେ। ବାଂଲାଦେଶ ରେ ଚାଲିଥିବା ସାଂପ୍ରତିକ ପରିସ୍ଥିତିରେ ହିନ୍ଦୁ ମାନଙ୍କ ସୁରକ୍ଷା ପାଇଁ ସେ ପ୍ରାର୍ଥନା କରିଥିଲେ ବୋଲି କହିଛନ୍ତି ସେବାୟତ। ରାଷ୍ଟ୍ରର ମଙ୍ଗଳ ତଥା ହିନ୍ଦୁ ମାନଙ୍କ ମଙ୍ଗଳ କାମନା କରି ସେ ମହାପ୍ରଭୁଙ୍କ ନିକଟରେ ମଧ୍ୟ ଦୀପଦାନ କରିଛନ୍ତି।

# ଏମ୍ସର ପ୍ରାକୃତିକ ଚିକିତ୍ସାକେନ୍ଦ୍ର ବନ୍ଦ

## ଖତଖାଉଛି ଲକ୍ଷାଧିକ ଟଙ୍କାର ଉପକରଣ

ଭୁବନେଶ୍ୱର, ୦୯/୦୮(ମହାଭାରତ) : ଓଡ଼ିଶାର ଏକମାତ୍ର ଏମ୍ସ୍ ଭୁବନେଶ୍ୱରସ୍ଥିତ ପ୍ରାକୃତିକ ଚିକିତ୍ସା (ନେଚରୋପାଥି) କେନ୍ଦ୍ର ୫ ମାସରୁ ଊର୍ଦ୍ଧ୍ୱ ସମୟ ହେଲା ବନ୍ଦ ହୋଇଯାଇଛି। ଏଠାରେ କାର୍ଯ୍ୟରତ ଡାକ୍ତର, ଫିଜିଓଥେରାପିଷ୍ଟ, ପାରା ମେଡିକାଲ କର୍ମଚାରୀ ଫେରି ଯାଇଛନ୍ତି। ଚିକିତ୍ସା ପାଇଁ ବ୍ୟବହୃତ ଲକ୍ଷାଧିକ ଟଙ୍କାର ଉପକରଣ ଖତ ଖାଉଛି। ଏଣେ ଏହି ପଦ୍ଧତିରେ ଚିକିତ୍ସିତ ହୋଇ ସୁସ୍ଥ ହେଉଥିବା ଅନେକ ରୋଗୀଙ୍କ ଚିନ୍ତା ବିବାରେ ଲାଗିଛି। ଔଷଧ ବ୍ୟବହାର ନ କରି ପଞ୍ଚ ମହାଭୂତ ବାୟୁ, ପାଣି, ପୃଥିବୀ, ଅଗ୍ନି ଓ ମହାକାଶର ଥେରାପିରେ ପ୍ରାକୃତିକ ଚିକିତ୍ସା ପଦ୍ଧତିରେ ମଧ୍ୟ ସୁସ୍ଥ ହୁଅନ୍ତି ବିଭିନ୍ନ ପ୍ରକାର ଦୁରାରୋଗ୍ୟରେ ପୀଡ଼ିତ ରୋଗୀ। ଏହା ଭାରତର ପୁରାତନ ବୈଜ୍ଞାନିକ ଚିକିତ୍ସା ପଦ୍ଧତି। ଦେଶରେ ପ୍ରାକୃତିକ ଚିକିତ୍ସାର ୧୭ ସରକାରୀ ସମେତ ୪୭ ମେଡିକାଲ କଲେଜ ଏବଂ ୨୦୦ ସରକାରୀ ସମେତ ୮୦୦ ଡାକ୍ତରଖାନା ରହିଛି। ୨୦୦୯ ମସିହାରୁ ଏମ୍ସ ଦିଲ୍ଲୀରେ ଏହାକୁ ନେଇ ସ୍ୱତନ୍ତ୍ର ଗବେଷଣା କରାଯାଉଛି। ଏମ୍ସ୍ ରାୟପୁର, ଯୋଧପୁର,




ଋଷିକେଶ ସମେତ ସବୁ ଏମ୍ସରେ ଆୟୁଷ ବିଭାଗ ଅଧୀନରେ ସ୍ୱତନ୍ତ୍ର ଭାବରେ ପ୍ରାକୃତିକ ଚିକିତ୍ସା କେନ୍ଦ୍ର ରହିଛି। ଏଏମ୍ସ୍ ଭୁବନେଶ୍ୱରରେ ମଧ୍ୟ ୨୦୧୪ ମସିହାରୁ ଏହା କାର୍ଯ୍ୟକ୍ଷମ ଥିଲା। ନିର୍ଦ୍ଦେଶକ ଅଶୋକ ମହାପାତ୍ର ଏବଂ ଡାକ୍ତର ଗୀତାଞ୍ଜଳି ବି. ଙ୍କ ଚେଷ୍ଟାରେ ୨୦୧୪ ଏବଂ ୨୦୧୭ ମସିହାରେ ଦୁଇଟି ପର୍ଯ୍ୟାୟରେ ଏମ୍ସ୍ ପକ୍ଷରୁ ଯୋଗ ଏବଂ ନେଚୁରୋପାଥିର କେନ୍ଦ୍ରୀୟ ଗବେଷଣା ପରିଷଦ ସହିତ ଚୁକ୍ତିନାମା କରାଯାଇ ଚିକିତ୍ସା କରାଯାଉଥିଲା। ପ୍ରତିଦିନ ୨୦ରୁ ୨୨ ଜଣ ରୋଗୀ ଏହି ପଦ୍ଧତିରେ ନିୟମିତ ଚିକିତ୍ସିତ ହେଉଥିଲେ। ସ୍ଥାନାଭାବ ଦର୍ଶାଇ ଦେଢ଼ ବର୍ଷ ହେଲା ଆୟୁଷ ଡାକ୍ତରଖାନାରେ ପ୍ରଥମେ ଚିକିତ୍ସା ଏବଂ ୫ ମାସ ହେଲା ପରାମର୍ଶ ବ୍ୟବସ୍ଥାକୁ ବନ୍ଦ କରି ଦିଆଯାଇଛି।

ପ୍ରାକୃତିକ ଚିକିତ୍ସା ପଦ୍ଧତିର ଚିକିତ୍ସକ ଡାକ୍ତର ଭାନୁବ୍ରତ ପାଣି କହିଛନ୍ତି, ଉଭୟ ଶାରୀରିକ ଓ ମାନସିକ ରୋଗୀଙ୍କୁ ଏହି ପଦ୍ଧତିରେ ଚିକିତ୍ସା କରାଯାଏ। ଏମ୍ସ୍ ଭୁବନେଶ୍ୱରରେ ସୀମିତ ସୁବିଧା ସତ୍ତ୍ୱେ ଏଠାକୁ ମୁଖ୍ୟତଃ ମାନସିକ ରୋଗ, ରକ୍ତଚାପ, ମଧୁମେହ, ଆର୍ଥ୍ରାଇଟିସ୍ ଭଳି ଜୀବନ ଶୈଳୀ ସମ୍ପର୍କିତ ରୋଗରେ ପୀଡ଼ିତ ରୋଗୀ ଆସୁଥିଲେ। ଅନେକ ପ୍ରତିଷ୍ଠିତ ଡାକ୍ତର ମଧ୍ୟ ଏଠାରୁ ଥେରାପି ନେଉଥିଲେ। ରାଜ୍ୟର ଅନ୍ୟ କୌଣସି ସରକାରୀ ଡାକ୍ତରଖାନାରେ ପ୍ରାକୃତିକ ଚିକିତ୍ସା ପଦ୍ଧତି ସେବା ନଥିବାରୁ ଏହାକୁ ସମ୍ପ୍ରସାରିତ କରାଯିବା ନେଇ ଆଶା ଥିଲା। କିନ୍ତୁ ଏହାକୁ ବନ୍ଦ କରାଯିବାକୁ ଅନେକ ଡାକ୍ତର ଏବଂ ରୋଗୀ ନାପସନ୍ଦ କରିଛନ୍ତି। ଏପରିକି କେନ୍ଦ୍ରୀୟ ଆୟୁଷ ନିର୍ଦ୍ଦେଶାଳୟ ପକ୍ଷରୁ ଏମ୍ସ୍କୁ ବିକଳ୍ପ ସ୍ଥାନ ବ୍ୟବସ୍ଥା ପାଇଁ କୁହାଯାଇଥିଲେ ମଧ୍ୟ ଏଥିପ୍ରତି କେହି ଦୃଷ୍ଟି ଦେଇ ନଥିଲେ। ବିଜେପି ସରକାର ଏବଂ ପ୍ରଧାନମନ୍ତ୍ରୀ ଆୟୁଷ ଚିକିତ୍ସା ବ୍ୟବସ୍ଥାକୁ ବିଶେଷ ଗୁରୁତ୍ୱ ଦିଅନ୍ତି। ବର୍ତ୍ତମାନ ଓଡ଼ିଶାରେ ବିଜେପି ସରକାର ଥିବାରୁ ଉଭୟ କେନ୍ଦ୍ର, ରାଜ୍ୟର ବିଜେପି ସରକାର କିଭଳି ଏମ୍ସରେ ପୁନଃ ପ୍ରାକୃତିକ ଚିକିତ୍ସା କେନ୍ଦ୍ର ଖୋଲିବ ତାକୁ ନେଇ ଗୁରୁତ୍ୱ ଦେବେ ବୋଲି ଆଶା କରାଯାଉଛି। ଏମ୍ସ୍ ପକ୍ଷରୁ କୁହାଯାଇଛି, ଆୟୁଷ ବିଭାଗ ସମ୍ପ୍ରସାରଣ ପାଇଁ ଚେଷ୍ଟା କରାଯାଉଛି। ଏପରିକି ଏଲୋପାଥି ସହିତ ଏହାକୁ ଯୋଡ଼ାଯାଇଛି।

## କଂଗ୍ରେସ ପକ୍ଷରୁ କ୍ରାନ୍ତି ଦିବସ ପାଳିତ



ଭୁବନେଶ୍ୱର, ୯।୮ ମହାଭାରତ): ଆଜି ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଭାରତ ଛାଡ଼ ଆନ୍ଦୋଳନ ତଥା ପବିତ୍ର କ୍ରାଁ ଦିବସ ଭୁବନେଶ୍ୱର କଂଗ୍ରେସ ଭବନ ଠାରେ ପାଳିତ ହୋଇଯାଇଛି। ଏହି ଉପଲକ୍ଷେ ସକାଳେ କଂଗ୍ରେସ ନେତୃବୃନ୍ଦ କଳ୍ପନା ଛକ ସ୍ଥିତ ସହୀଦ ସ୍ମୃତି ସ୍ତମ୍ଭରେ ମାଲ୍ୟାର୍ପଣ କରିଥିଲେ ଓ ପରେ କଂଗ୍ରେସ ଭବନ ପରିସରରେ ମହାମନିଷୀ ମାନଙ୍କ ପ୍ରତିମୂର୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଏହି ସମସ୍ତ କାର୍ଯ୍ୟକ୍ରମରେ କଂଗ୍ରେସ ନେତୃବୃନ୍ଦ ସର୍ବଶ୍ରୀ ନିରନ ପଟ୍ଟନାୟକ, ଜୟଦେବ ଜେନା, ଶିବାନନ୍ଦ ରାୟ, ମନୋରନ ଦାଶ, ୟାସିର ନୱାଜ, ରଣଜିତ ପାତ୍ର, ତରୁଣ ମିଶ୍ର, ମିହିର ଆଚାର୍ଯ୍ୟ, ସୁଶାନ୍ତ ତ୍ରିପାଠୀ, ଲିଙ୍ଗରାଜ ସାହୁ, ପ୍ରଭାତ ପ୍ରତାପ ସିଂ, ଆଲୋକ ମହାନ୍ତି, ଜ୍ୟୋତିଷ ସାହୁ, ଖଗେଶ୍ୱର ମଲ୍ଲିକ, ତାପସ ସେଠୀ, ସୁବ୍ରତ ମହାପାତ୍ର, ବିରଂଚି ବାରିକ, ରାଜକିଶୋର ଦାଶ ପ୍ରମୁଖ ବହୁ କଂଗ୍ରେସ ନେତା ଓ କର୍ମୀ ଅଂଶଗ୍ରହଣ କରିଥିଲେ।

# ଅନୁଭବ୍ୟ ଐତିହ୍ୟ ଗ୍ୟାଲେରୀର ଲୋକାର୍ପଣ କଲେ ମୁଖ୍ୟମନ୍ତ୍ରୀ

## ଓଡ଼ିଆ କଳା ଓ ସଂସ୍କୃତି ର ନିଚ୍ଛକ ପ୍ରତିଫଳନ ହେଉଛି ଏହି ଅନୁଭବ୍ୟ ଐତିହ୍ୟ ଗ୍ୟାଲେରୀ- ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୯।୮(ମହାଭାରତ):ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଆଜି ଭୁବନେଶ୍ୱର ସ୍ଥିତ ରାଜ୍ୟ ସଂଗ୍ରହାଳୟକୁ ଗସ୍ତ କରି ସେଠାରେ ନବନିର୍ମିତ ଅନୁଭବ୍ୟ ଐତିହ୍ୟ ଗ୍ୟାଲେରୀର ଲୋକାର୍ପଣ କରିଛନ୍ତି।

ଏହି ଅବସରରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତାଙ୍କୁ ସ୍ୱାଗତ ଜଣାଇବା ସହିତ ଗ୍ୟାଲେରୀ ମଧ୍ୟରେ ସ୍ଥାପିତ ହୋଇଥିବା ବିଭିନ୍ନ ପ୍ରତିମୂର୍ତି ଏବଂ ଚିତ୍ରକଳା ସମ୍ବନ୍ଧରେ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଗ୍ୟାଲେରୀ ମଧ୍ୟରେ ସ୍ଥାପିତ ହୋଇଥିବା ଓଡ଼ିଶାର ପ୍ରସିଦ୍ଧ ନୃତ୍ୟକଳା ଯଥା ଛଉନୃତ୍ୟ, ଗୋଟିପୁଅ, ଗଦବା, ସାହିଯାତ ଆଦିର ଚିତ୍ର, ବିଭିନ୍ନ ପର୍ବପର୍ବାଣୀ ଯଥା ରଥଯାତ୍ରା, ରଜପର୍ବ, ମାଣବସା, ନୂଆଁଖାଇ ଏବଂ ଦଶବତାର ଚିତ୍ରକଳା, ଓଡ଼ିଆ ସମାଜର ଜୀବନଶୈଳୀକୁ ପ୍ରଦର୍ଶିତ କରୁଥିବା ନିଖୁଣ କାରୁକାର୍ଯ୍ୟ ଆଦି ଦେଖି ମୁଖ୍ୟମନ୍ତ୍ରୀ ସନ୍ତୋଷ ବ୍ୟକ୍ତ କରିଥିଲେ।

ଓଡିଆ ଅସ୍ମିତା ପୁରପଲ୍ଲୀରେ ବାସ କରିଛି ଏବଂ ଏହି ନବନିର୍ମିତ ଗ୍ୟାଲେରୀରେ ଏହା ଖୁବ ସୁନ୍ଦର ଭାବେ ପ୍ରତିଫଳିତ ହୋଇଛି ବୋଲି ସେ ମତପ୍ରକାଶ କରିଥିଲେ। ଏହା ସହିତ ଓଡ଼ିଶା ରାଜ୍ୟ ସଂଗ୍ରହଳୟ କୁ ଆସୁଥିବା ବିଭିନ୍ନ ଦର୍ଶକ ମାନଙ୍କୁ ଏହା ଓଡ଼ିଶାର କଳା ଓ ସଂସ୍କୃତି ସମ୍ବନ୍ଧରେ ଗୁଢତଥ୍ୟ ପ୍ରଦାନ କରିବ ବୋଲି ସେ ମତବ୍ୟକ୍ତ କରିଥିଲେ। ଏଥିସହ ଆଜିର କ୍ରାନ୍ତି ଦିବସରେ ଭାରତର ସ୍ୱାଧୀନତା ପାଇଁ ବଳିଦାନ କରିଥିବା ବରପୁତ୍ର ମାନଙ୍କର ଫୋଟଚିତ୍ର ରାଜ୍ୟ ସଂଗ୍ରହାଳୟରେ ରଖିବା ପାଇଁ ସେ ପରାମର୍ଶ ଦେଇଥିଲେ। ଆଗକୁ ଓଡ଼ିଶା ରାଜ୍ୟ ସଂଗ୍ରହାଳୟରେ ଆଉ ୧୦ଟି ନୂଆ ଗ୍ୟାଲେରୀ ଲୋକାର୍ପିତ ହେବ ବୋଲି ସେ ସୂଚନା ପ୍ରଦାନ କରିଥିଲେ।

ଏହି ଉଦଘାଟନ ସମାରୋହରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭଗର ମନ୍ତ୍ରୀ ଶ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କ ଅଧକ୍ଷତାରେ ଓଡ଼ିଆ ଅସ୍ମିତା ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ବହୁ ବିଶିଷ୍ଟ ଭାଷାବିତ, ସାହିତ୍ୟିକ ଓ ଛାତ୍ରଛାତ୍ରୀ ମାନେ ଆଲୋଚନାରେ ଭାଗ ନେଇ ଓଡ଼ିଆ ଅସ୍ମିତା ସମ୍ପର୍କରେ ନିଜର ମତ ରଖିଥିଲେ। କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାଏଙ୍କ ସମେତ ବିଭାଗର ସମସ୍ତ ବରିଷ୍ଠ ଅଧିକାରୀ, ଓଡ଼ିଶା ରାଜ୍ୟ ସଂଗ୍ରହାଳୟର ଅଧିକାରୀ ଓ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ହରଘର ତ୍ରିରଙ୍ଗା ଅଭିଯାନ ବ୍ୟାପକ କରିବାକୁ ପରାମର୍ଶ

ଭୁବନେଶ୍ୱର,୯।୮ (ମହାଭାରତ): ହରଘର ତିରଙ୍ଗା (ପ୍ରତ୍ୟେକ ଘରେ ତ୍ରିରଙ୍ଗା) ଅଭିଯାନକୁ ବ୍ୟାପକ କରିବାକୁ ଆଜି ପୂର୍ବାହ୍ନରେଏକ ବୈଠକ ଲୋକ ସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟଶାସନ ସଚିବ ଅନୁଗର୍ଗଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ପଞ୍ଚାୟତିରାଜ ପାନୀୟଜଳ ବିଭାଗ ପ୍ରମୁଖ ଶାସନ ସଚିବ ସୁଶୀଲ କୁମାର ଲୋହାନୀ, ଗ୍ରାମ୍ୟ ଉନ୍ନୟନ, ସୂଚନା ଓ ଲୋକସଂପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଂଜୟ କୁମାର ସିଂ, ଓଡ଼ିଆ। ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ସୂଚନା ଓ ଲୋକସଂପର୍କ ବିଭାଗ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ଆଦିର ନିର୍ଦ୍ଦେଶକ ଓ ଅନ୍ୟ ସମ୍ପୃକ୍ତ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିବା ବେଳେ ସମସ୍ତ ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ବ୍ୟବସ୍ଥା ମାଧ୍ୟମରେ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ। ଏହି ଅଭିଯାନକୁ ବ୍ୟାପକ ଓ ଭଲ ଭାବରେ ଅନୁଷ୍ଠିତ ହେବା ନେଇ ଉନ୍ନୟନ କମିଶନର ସମସ୍ତଙ୍କ ସହଯୋଗ କାମନା କରିଥିଲେ।

ହର ଘର ତିରଙ୍ଗା ଅଭିଯାନ,ଘରେ ଘରେ ଜାତୀୟ ପତାକା ତ୍ରିରଙ୍ଗା ଉତ୍ତୋଳନ କରିବା ସହଏଥିରେ ସମସ୍ତେ ସାମିଲ ହୋଇ ଦେଶର ଏକତା ଓ ଦେଶଭକ୍ତି ଭାବନକୁ ଉତ୍ସାହିତ କରିବା ପାଇଁ ଉଦ୍ଦିଷ୍ଟ। ଏହି ଅଭିଯାନ ପଂଚାୟତିରାଜ ଓ ପାନୀୟଜଳ ବିଭାଗ, ସୂଚନା ଓ ଲୋକସଂପର୍କ ବିଭାଗ, ଓଡ଼ିଆ। ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାବିଭାଗ, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଉଚ୍ଚଶିକ୍ଷା ବିଭାଗ, ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ, ମିଶନ ଶକ୍ତି ବିଭାଗ ଆଦି ସହଯୋଗରେ କରାଯାଉଛି। ଏହି ଅଭିଯାନରେ ପ୍ରମୁଖ କାର୍ଯ୍ୟକ୍ରମ ମଧ୍ୟରେ ତ୍ରିରଙ୍ଗା ଯାତ୍ରା, ତ୍ରିରଙ୍ଗା ଶୋଭାଯାତ୍ରା, ତ୍ରିରଙ୍ଗା ଗଣ ଦୌଡ, ତ୍ରିରଙ୍ଗା ସଙ୍ଗୀତ ସମାରୋହ,ତ୍ରିରଙ୍ଗା ଶପଥ, ତ୍ରିରଙ୍ଗା ସେଲଫି, ସମ୍ବର୍ଦ୍ଧନା, ତ୍ରିରଙ୍ଗା କାନଭାସ ,ତ୍ରିରଙ୍ଗା ମେଳା ଇତ୍ୟାଦିକାର୍ଯ୍ୟକ୍ରମ ଆଦି ରହିଛି। ଏ ସଂପର୍କରେ ଜିଲ୍ଲାପାଳମାନଙ୍କ ସହିତ ପୁଙ୍ଖାନୁପୁଙ୍ଖ ଆଲୋଚନା ସହ ମତାମତ ଗ୍ରହଣ ପୂର୍ବକ ଆବଶ୍ୟକ ପରାମର୍ଶ ଦିଆଯାଇଥିଲା। ରାଜ୍ୟ ତଥା ଜିଲ୍ଲାରେ ହର ଘର ତିରଙ୍ଗା ଅଭିଯାନକୁ ବ୍ୟାପକ କରିବାକୁ ସୂଚନା ଓ ଲୋକସଂପର୍କ ବିଭାଗ ତରଫରୁ ବ୍ୟାପକ ପ୍ରଚାର ପ୍ରସାର କରାଯିବା ନେଇ ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହି ଅଭିଯାନରେ ରାଜ୍ୟରେ ଅଗଷ୍ଟ ୧୩ ତାରିଖରେ ଜିଲ୍ଲାସ୍ତରରେ ତ୍ରିରଙ୍ଗା ଯାତ୍ରା ଶୋଭାଯାତ୍ରା ଅନୁଷ୍ଠିତ ହେବ। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀମାନେ ଜିଲ୍ଲାପାଳଙ୍କ ତତ୍ତ୍ୱାବଧାନରେ ଅନ୍ୟ ଜିଲ୍ଲାସ୍ତରୀୟ ବିଭାଗ ଓ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାର ସହଯୋଗରେ ପ୍ରସ୍ତୁତି କରିବେ। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ପ୍ରସ୍ତୁତ ତ୍ରିରଙ୍ଗା ସଙ୍ଗୀତ ସମସ୍ତ ସମାରୋହରେ ପରିବେଷଣ କରାଯିବ। ରାଜ୍ୟସ୍ତରୀୟ ତ୍ରିରଙ୍ଗା ସଙ୍ଗୀତ ସମାରୋହ ଜୟଦେବ ଭବନଠାରେ ଅନୁଷ୍ଠିତ ହେବ। ଅଗଷ୍ଟ ୧୩ ରୁ ୧୫ ତାରିଖ ମଧ୍ୟରେ ଜିଲ୍ଲାର ସମସ୍ତ ପ୍ରମୁଖ କାର୍ଯ୍ୟକ୍ରମରେ ତ୍ରିରଙ୍ଗା ଶପଥ ପାଠ ଅନୁଷ୍ଠିତ ହେବ। ସବୁଠି ଓଡ଼ିଆ। ଭାଷାରେ ତ୍ରିରଙ୍ଗା ଶପଥ ନିଆଯିବ। ବିଭିନ୍ନ ସ୍ଥାନରେ ହେବାକୁ ଥିବା ତ୍ରିରଙ୍ଗା ସଙ୍ଗୀତ ସମାରୋହ ଆରମ୍ଭରୁ ମଧ୍ୟ ଶପଥ ପାଠ କରାଯିବା ପାଇଁ ପରାମର୍ଶ ଦିଆଯାଇଛି। ତ୍ରିରଙ୍ଗା ସଙ୍ଗୀତ ସମାରୋହ ସ୍ଥଳରେ ନିର୍ଦ୍ଦିଷ୍ଟ ଆକାରର ଫ୍ରେମ୍ ପ୍ରସ୍ତୁତି କରାଯାଇ ସେଲଫି ପଏଣ୍ଟ କରାଯିବ।

## 'ଜନଜାତିଙ୍କ ବିକାଶ, ଜୀବିକା ଓ ସଂସ୍କୃତିର ସୁରକ୍ଷା ପାଇଁ ବିଜେଡି ଜାରି ରଖିବ କାମ'



ଭୁବନେଶ୍ୱର, ୯।୮ (ମହାଭାରତ) : ଆଜି ବିଶ୍ୱ ଜନଜାତି ଦିବସ ଶଙ୍ଖ ଭବନ ଠାରେ ସମାରୋହ ସହକାରେ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ ବିଜେଡି ସଭାପତି ନବୀନ ପଟ୍ଟନାୟକ। ଏହି ଅବସରରେ ନବୀନ କହିଥିଲେ ଯେ, ଓଡିଶା ର ଲୋକ ସଂଖ୍ୟା ର ଏକ ଚତୁର୍ଥାଂଶ ହେଉଛନ୍ତି ଜନଜାତି ତେଣୁ ଓଡିଶା ପାଇଁ ଆଜିର ଦିବସ ବିଶେଷ ଗୁରୁତ୍ୱ ରଖେ ଯ ଜନଜାତିଙ୍କ କଲ୍ୟାଣ, ବିକାଶ ସହିତ ସେମାନଙ୍କ ସଂସ୍କୃତି ର ସୁରକ୍ଷା ପାଇଁ ବିଜେଡି ପ୍ରତିଶୃତିବଦ୍ଧ।

ଶ୍ରୀ ପଟ୍ଟନାୟକ ଆହୁରି କହିଥିଲେ ଯେ, ବିଜେଡି ସରକାର ସମୟରେ ଜନଜାତି ଭାଇ ଭଉଣୀ ମାନଙ୍କ ଅବଦାନକୁ ସମ୍ମାନ ଜଣାଇ କୋରାପୁଟରେ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ, କଳାହାଣ୍ଡିରେ ସହିଦ ରେଣ୍ଡୋ ମାଝୀ ମେଡିକାଲ କଲେଜ ବାରିପଦା ରେ ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଏବଂ ରାଉରକେଲା ରେ ଭଗବାନ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ କରାଯାଇଛି। ସେହିପରି ସାନ୍ତାଳୀ ଭାଷା କୁ ସମ୍ବିଧାନ ର ଅଷ୍ଟମ ପରିଚ୍ଛେଦରେ ସାମିଲ କରାଯାଇଥିଲା।

## ସବୁ ବର୍ଗର କର୍ମଚାରୀଙ୍କୁ ସ୍ୱାସ୍ଥ୍ୟବୀମା ମିଳିବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି

ଭୁବନେଶ୍ୱର, ୯।୮ (ମହାଭାରତ) : ରାଜ୍ୟ ସରକାରଙ୍କ ଅଧିନରେ କାମ କରୁଥିବା ସବୁ ବର୍ଗର କର୍ମଚାରୀଙ୍କ ସ୍ୱାସ୍ଥ୍ୟର ସୁରକ୍ଷା କରିବା ସରକାରଙ୍କ ପ୍ରାଥମିକତା ବୋଲି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଛନ୍ତି ଓଡ଼ିଶାର ସରକାରୀ ମିଳିତ କର୍ମଚାରୀ ମହାମଞ୍ଚର ଆବାହକ ବିଜୟ ମଲ୍ଲ। ରାଜ୍ୟର ଜଣେ ଗରିବ ଓ ମଧ୍ୟବିତ୍ତ ଶ୍ରେଣୀର ଲୋକଟେ ତାର ପରିବାର ଲୋକଙ୍କୁ ଓଡ଼ିଶାର ପ୍ରତିଷ୍ଠିତ ଡାକ୍ତରଖାନା ଗୁଡ଼ିକରେ ନିର୍ଦ୍ୱନ୍ଦରେ ଚିକିତ୍ସିତ କରିପାରୁଥିବା ବେଳେ ଜଣେ ସରକାରୀ କର୍ମଚାରୀ ସେପରି ଚିକିତ୍ସା ସୁବିଧାର ଲାଭ ଉଠେଇବା ସ୍ୱପ୍ନ ମାତ୍ର। ସାଧାରଣ ଲୋକଟେ ଚିନ୍ତା କରେ କି ଜଣେ ସରକାରୀ କର୍ମଚାରୀକୁ ସରକାର ସବୁ ପ୍ରକାର ସୁବିଧା ଉପଲବ୍ଧ କରାଇଛନ୍ତି ସେଥିରେ ଚିକିତ୍ସାର ସୁବିଧା ମଧ୍ୟ ଅନ୍ତର୍ଭୁକ୍ତ। ମାତ୍ର ବାସ୍ତବରେ ସରକାର ଯେଉଁ ଆର.ସି.ଏମ୍. ସ୍କିମ୍ (ଚିକିତ୍ସା ଖର୍ଚ୍ଚ ପରିଶୋଧ ଯୋଜନା) ଲାଗୁ କରିଛନ୍ତି, ସେଥିରେ ପ୍ରଥମତଃ ସମ୍ପୂର୍ଣ୍ଣ ଖର୍ଚ୍ଚ ହୋଇଥିବା ଅର୍ଥରାଶି ପରିଶୋଧ ହୁଏନାହିଁ, ଦ୍ୱିତୀୟତଃ ପ୍ରଶାସନିକ ଜଟିଳତା କାରଣରୁ ବିଲ୍ ପାସ୍ କରିବା ପାଇଁ ଅଫିସ୍ ମାନଙ୍କରେ ଚକ୍କର କରିବା ବି ଏକ ସମୟ ସାପେକ୍ଷ କାର୍ଯ୍ୟ। ଯାହାର କଷ୍ଟ ଜଣେ ସରକାରୀ କର୍ମଚାରୀ ହିଁ ବୁଝିପାରେ।

ରାଜ୍ୟ ସରକାର, ସରକାରୀ କର୍ମଚାରୀ ଏବଂ ଆୟକରଦାତା ମାନଙ୍କୁ ବାଦ୍ ଦେଇ ଗ୍ରାମାଞ୍ଚଳର ସବୁ ପରିବାରକୁ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ବା ଜି.ଜେ.ଏ.ୱାଇ. ସ୍କିମ୍ ଅଧୀନରେ ଅନ୍ତର୍ଭୁକ୍ତ କରିଛନ୍ତି, କିନ୍ତୁ ଦୀର୍ଘଦିନ ଧରି ସ୍ୱାସ୍ଥ୍ୟ କାର୍ଡ ପାଇଁ ରାଜ୍ୟର ସରକାରୀ କର୍ମଚାରୀମାନେ ଅପେକ୍ଷାରତ ଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ସରକାର ଏଥିନିମନ୍ତେ କୌଣସି ପଦକ୍ଷେପ ନ ନେବା କର୍ମଚାରୀ ମହଲରେ ଅସନ୍ତୋଷର ବାତାବରଣ ସୃଷ୍ଟି କରିଛି। ମୁଖ୍ୟମନ୍ତ୍ରୀ ସରକାରୀ କର୍ମଚାରୀଙ୍କ ପାଇଁ ସ୍ୱାସ୍ଥ୍ୟ କାର୍ଡ ଲାଗୁ କରିବା ସହ ନିଜର ଉଦାରତା ଓ ଭଲ ପାଇବା କର୍ମଚାରୀଙ୍କ ପ୍ରତି ଦେଖାଇବେ ବୋଲି ଗଣମାଧ୍ୟମ ଜରିଆରେ ରାଜ୍ୟ ସରକାରଙ୍କୁ ଅନୁରୋଧ କରିଛନ୍ତି ବିଜୟ ମଲ୍ଲ। ସଂଗଠନ ତରଫରୁ ମାନ୍ୟବର ମୁଖ୍ୟମନ୍ତ୍ରୀ, ସ୍ୱାସ୍ଥ୍ୟ ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ସମସ୍ତ ସଚିବଙ୍କୁ ଅନୁରୋଧ କରି ଓଡ଼ିଶାର କର୍ମଚାରୀ ମାନଙ୍କୁ ସ୍ୱାସ୍ଥ୍ୟବୀମା ଲାଗୁ କରିବା ଲାଗି ସଂଗଠନର ରାଜ୍ୟ ନେତୃତ୍ୱ ଅଶ୍ୱିନୀ ଦାସ, ପ୍ରଯତ୍ନ ବରାଳ, ଗୁରୁଃ ଗୋବିନ୍ଦ ଦଳାଇ, ଶୁଭ୍ରଜିତ୍ ପ୍ରତିହାରୀ, ରାଜେନ୍ଦ୍ର ମଲ୍ଲିକ, ପ୍ରଦୀପ ପ୍ରଧାନ, ସୁଧାଂଶୁ ପାତ୍ର, ରଶ୍ମି ରଞ୍ଜନ ପାଢୀ, କ୍ଷିତୀଶ ପଣ୍ଡା, ପ୍ରଶାନ୍ତ ରାଉତରାୟ, ଅନ୍ତର୍ଯ୍ୟାମୀ ଲେଙ୍କା, ସୁଧାଂଶୁ ପୁହାଣ, ଶିବ ଶଙ୍କର ସାହୁ ଓ ବାବୁଲ୍ ନାୟକ ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି।

## ଉତ୍କଳ ବାଳାଶ୍ରମର ଅନ୍ତେବାସୀଙ୍କ ପାଇଁ ନୂତନ ଆବାସିକ ଗୃହ ଉଦ୍‌ଘାଟିତ

ପୁରୀ, ୯।୮ (ମହାଭାରତ) : ପୁରୀ ନରେନ୍ଦ୍ର କୋଣ ସ୍ଥିତ ଉତ୍କଳ ବାଳାଶ୍ରମର ଅନ୍ତେବାସୀଙ୍କ ନିମନ୍ତେ ବହୁତଳ ଆବାସିକ ଗୃହର ଉଦଘାଟନ ହୋଇଯାଇଛି। ଏହାକୁ ଉଦଘାଟନ କରିଛନ୍ତି ଉପମୁଖ୍ୟ ମନ୍ତ୍ରୀ ପ୍ରଭାତୀ ପରିଡା। ଏହି ବହୁତଳ ବିଶିଷ୍ଟ ଆବାସିକ ଗୃହ ଟି ଅନ୍ତେବାସୀ ମାନଙ୍କୁ ସୁରକ୍ଷା ଓ ଆନନ୍ଦ ଦେବା



ସହ ସେମାନଙ୍କୁ ଶିକ୍ଷା ପାଇଁ ମନୋନିବେଶରେ ବେଶ ସହାୟକ ହେବ ବୋଲି ଉପମୁଖ୍ୟ ମନ୍ତ୍ରୀ ଶ୍ରୀମତୀ ପରିଡା ଆଶା ବ୍ୟକ୍ତ କରିଛନ୍ତି। ତେବେ ଜି +୩ର ଏହି ବିଲ୍ଡିଂ ରେ ୧୦୦ ପିଲା ରହିବାର ବ୍ୟବସ୍ଥା ରହିଛି। ବିଲ୍ଡିଂ ନିର୍ମାଣ ରେ ୩ କୋଟି ୮୮ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବେଳେ, ଏହାର ପାରିପାର୍ଶ୍ୱିକ ବିକାଶ ପାଇଁ ୩୭ ଲକ୍ଷ ଏହିଭଳି ମୋଟ ୪ କୋଟି ୨୫ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି ବୋଲି ଅଧୀକ୍ଷଣ ଯନ୍ତ୍ରୀ ସୂଚନା ଦେଇଛନ୍ତି।

## ବରିଷ୍ଠ ନାଗରିକ ସଂଘ ସଂକଳ୍ପର ବାର୍ଷିକ ଉତ୍ସବ

ଭୁବନେଶ୍ୱର,୯।୮ (ମହାଭାରତ): ବରିଷ୍ଠ ନାଗରିକ ସଂଘ ସଂକଳ୍ପର ବାର୍ଷିକ ଉତ୍ସବ ଚନ୍ଦ୍ରଶେଖରପୁର ସ୍ଥିତ ଏକ ହୋଟେଲ ପରିସରରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ହୃଦରୋଗ ବିଶେଷଜ୍ଞ ଡାକ୍ତର ସୁଶାନ୍ତ ଶୈଳ ଯୋଗଦେଇ ହୃଦରୋଗର ଲକ୍ଷଣ, ପ୍ରତିକାର, ପ୍ରତିଷେଧକ



ଓ ଚିକିତ୍ସା ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ବିଶିଷ୍ଟ ମନସ୍ତତ୍ତ୍ୱବିତ୍ ପ୍ରଫେସର ଫକୀର ମୋହନ ସାହୁ ଯୋଗଦେଇ ବୟସ୍କମାନେ କିପରି ଚାପଗ୍ରସ୍ତ ଜୀବନରୁ ମୁକ୍ତି ପଇବେ ସେ ଉପରେ ମାର୍ଗଦର୍ଶନ ଦେଇଥିଲେ। ସମ୍ମାନୀତ ଅତିଥି ଆଇନଜୀବୀ ବିଜୟ କୁମାର ପାତ୍ର ବରିଷ୍ଠ ନାଗରିକ ମାନଙ୍କର ବର୍ତ୍ତମାନ ସମାଜ ପାଇଁ ସାମାଜିକ ଦାୟିତ୍ୱ ଓ ପାରିବାରିକ ମୂଲ୍ୟବୋଧତା ଉପରେ ଆଲୋଚନା କରିଥିଲେ। ସଂକଳ୍ପର ସଭାପତି ଅତିଥି ପରିଚୟ ପ୍ରଦାନ କରିବା ସହିତ ପ୍ରାରମ୍ଭିକ ଭାଷଣ ରଖିଥିଲେ। ସାଧାରଣ ସମ୍ପାଦକ ପାଣ୍ଡବ ବେହେରା ସାମାଜିକ କାର୍ଯ୍ୟକ୍ରମର ବାର୍ଷିକ ବୀବରଣୀ ଓ କୋଷାଧକ୍ଷ ଦୟାନିଧି ପୃଷ୍ଟି ଆୟ-ବ୍ୟୟର ବୀବରଣୀ ପାଠ କରିଥିଲେ। ଏହି ଅବସରରେ ସଂକଳ୍ପର ପ୍ରତିଷ୍ଠାତା ସ୍ୱର୍ଗତ ରବୀନ୍ଦ୍ର ମହାନ୍ତିଙ୍କ ସ୍ମୃତି ଚାରଣ କରାଯାଇଥିଲା। ତାଙ୍କ ଧର୍ମପତ୍ନୀ ଗୀତାରାଣୀ ମହାନ୍ତି ଏବଂ ୮୦ ବର୍ଷରୁ ଅଧିକ ବୟସ୍କ ମାନଙ୍କୁ ସମ୍ମାନୀତ କରାଯାଇଥିଲା। ଇଂ ଦୀଲ୍ଲିପ କୁମାର ସାହୁ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ରୋଜାଲିନ ସାହୁ ଓ ସଂଘମିତ୍ରା ମହାପାତ୍ରଙ୍କ ପରିଚାଳନାରେ ଆଗାମୀ ବର୍ଷ ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଥିଲା। ଏଥିରେ ସଭାପତି ନିଧି ସେନାପତି, ଉପସଭାପତି ବିଜୟ କୁମାର ସାହୁ, ସାଧାରଣ ସମ୍ପାଦକ ପାଣ୍ଡବ ବେହେରା, କାର୍ଯ୍ୟକାରୀ ସମ୍ପାଦକ ରବିନାରାୟଣ ସେନାପତି, କୋଷାଧକ୍ଷ ଦୟାନିଧି ପୃଷ୍ଟି ଓ କାର୍ଯ୍ୟନିବାହୀ ସଭ୍ୟ ଭାବେ ଜୟନ୍ତ କୁମାର ରଥ, ଉମା ପ୍ରସାଦ ଷଡଙ୍ଗୀ, ପ୍ରମୋଦ କୁମାର ଚୌଧୁରୀ, କୃଷ୍ଣ ଚନ୍ଦ୍ର ମହାପାତ୍ର, ଶୁଭକାନ୍ତ ଦାସ, ଅକ୍ଷୟ କୁମାର ନାୟକ, ଗୀରିଶ ଚନ୍ଦ୍ର ମହାନ୍ତି, ଅଶୋକ କୁମାର ରାଉଳ ନିର୍ବାଚିତ ହୋଇଥିଲେ। ଶେଷରେ ଅକ୍ଷୟ କୁମାର ନାୟକ, ରିତା ଚୌଧୁରୀ, ଜ୍ୟୋସ୍ନାରାଣୀ ଦାସ, ଉଷାରାଣୀ ସାହୁଙ୍କ ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା।

## ଅସୁରକ୍ଷିତ ପଶ୍ଚିମ ଓଡିଶାର ପୁରାତନ ସୁଉଚ୍ଚ ମନ୍ଦିର

ଭୁବନେଶ୍ୱର, ୯।୮ (ମହାଭାରତ) : ଅସ୍ତିତ୍ୱ ହରାଇବାକୁ ବସିଛି ସୁବର୍ଣ୍ଣପୁରର ଶ୍ରୀଗୁଣ୍ଡିଚା ମନ୍ଦିର। ରକ୍ଷଣାବେକ୍ଷଣ ଅଭାବରୁ ଅସୁରକ୍ଷିତ ରାଜାରାଜୁଡା ଅମଳରୁ ତିଆରି ହୋଇଥିବା ପଶ୍ଚିମ ଓଡିଶାର ଉଚ୍ଚତମ ମନ୍ଦିର। ପ୍ରତିବର୍ଷ ରଥଯାତ୍ରା ସମୟରେ ତିନି ଠାକୁର ଶ୍ରୀମନ୍ଦିରରୁ ଆସି ଗୁଣ୍ଡିଚା ମନ୍ଦିରରେ ବିଜେ କରିଥାନ୍ତି। ଏଠାରେ ଶ୍ରୀଜିଉଙ୍କ ଦଶାବତାର ବେଶ ଦର୍ଶନ କରିଥାନ୍ତି ଶ୍ରଦ୍ଧାଳୁ।

ସୁବର୍ଣ୍ଣପୁର ସହର ମଧ୍ୟଭାଗରେ ରହିଛି ପଶ୍ଚିମ ଓଡିଶାର ଉଚ୍ଚତମ ମନ୍ଦିର। ୧୮୪୪ ମସିହାରେ ମୁଖ୍ୟ ମନ୍ଦିରଟି ରେଖାଦେଉଳ ଶୈଳୀରେ ନିର୍ମିତ ହୋଇଛି। ରାଜା ବୀରମିତ୍ରୋଦୟ ସିଂହଦେବ ୧୯୨୨ରେ ଆଧୁନିକ ଶୈଳିରେ ମନ୍ଦିରର ମୁଖଶାଳାଟି ନିର୍ମାଣ କରି ମନ୍ଦିର ଗର୍ଭଗୃହରେ ଦଶାବତାର ମୁର୍ତ୍ତି ସ୍ଥାପନ କରିଛନ୍ତି। କାରୁକାର୍ଯ୍ୟପୂର୍ଣ୍ଣ ଏହି ମନ୍ଦିରରେ ପୂଜା ପାଆନ୍ତି ନୃସିଂହ ଦେବ। ରକ୍ଷଣାବେକ୍ଷଣ ଅଭାବରୁ ବିପଦ ସଂକୁଳ ଅବସ୍ଥାରେ ମନ୍ଦିର। ମନ୍ଦିର ଉପରେ ଗଛ ଉଠିଲାଣି। ଛାତରୁ ପାଣି ଗଳୁଛି। ଦୀର୍ଘଦିନ ହେବ ମରାମତି ହୋଇନାହିଁ। ଫଳରେ ପୁରୁଣା କାରୁକାର୍ଯ୍ୟପୂର୍ଣ୍ଣ ମୂର୍ତ୍ତି ଗୁଡିକ ଭାଙ୍ଗିବାକୁ ବସିଲାଣି।ମନ୍ଦିରଟି ରଥଯାତ୍ରା ସମୟରେ ଶ୍ରୀଜଗନ୍ନାଥଙ୍କ ମାଉସୀ ମନ୍ଦିର ଭାବେ ବ୍ୟବହାର ହୋଇଆସୁଛି। ତିନି ଠାକୁର ଦଶାବତାର ବେଶରେ ଭକ୍ତଙ୍କୁ ଦର୍ଶନ ଦେଇଥାନ୍ତି। ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରିବା ସହିତ ନୃସିଂହଦେବଙ୍କୁ ଦର୍ଶନ କଲେ ଅକାଳପୁଣ୍ୟ ଲାଭ ହୁଏ ବୋଲି ବିଶ୍ୱାସ ରହିଛି।

## ବାଂଲାଦେଶରେ ସଂଖ୍ୟାଲଘୁ ସମ୍ପ୍ରଦାୟର ସୁରକ୍ଷା ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯାଉ : ଭିଏଚ୍‌ପି

ଭୁବନେଶ୍ୱର,୯/୮ (ମହାଭାରତ) : ବିଶ୍ୱ ହିନ୍ଦୁ ପରିଷଦ, ଓଡିଶା ପୂର୍ବପ୍ରାନ୍ତ ତରଫରୁ ଅଗଷ୍ଟ ୯ ତାରିଖ ଦିନ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସଂଗଠନର ସହ-ସମ୍ପାଦକ ଉମାଶଙ୍କର ଆଚାର୍ଯ୍ୟ କହିଥିଲେ କି ପଡୋଶୀ ରାଷ୍ଟ୍ର ବାଂଲାଦେଶରେ ଚାଲିଥିବା ହିଂସା ଓ ଅରାଜକତା ଚରମ ସୀମାରେ ପହଁଚିଛି। ଗଣତାନ୍ତ୍ରିକ ପଦ୍ଧତିରେ ନିର୍ବାଚିତ ପ୍ରଧାନମନ୍ତ୍ରୀ ପଦତ୍ୟାଗ ଓ ଦେଶତ୍ୟାଗ କରିବା ପାଇଁ ବାଧ୍ୟ ହୋଇଛନ୍ତି। ସେଠାରେ ଆଇନ ଶୃଙ୍ଖଳା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭାବେ ଧ୍ୱସ୍ତ ବିଧ୍ୱସ୍ତ ହୋଇପଡିବା ସହ ଅରାଜକତା ସୃଷ୍ଟିକାରୀ ଜେହାଦୀ ମାନେ ଉଦ୍ଦେଶ୍ୟ ମୂଳକ ଭାବରେ ହିନ୍ଦୁ ସମାଜ ଉପରେ ବର୍ବରୋଚିତ ଆକ୍ରମଣ ଆରମ୍ଭ କରିଦେଇଛନ୍ତି। ବାଂଲାଦେଶରେ ଅତୀତ ଦିନମାନଙ୍କରେ ମଧ୍ୟ ସଂଖ୍ୟାଲଘୁ ହିନ୍ଦୁମାନଙ୍କ ଉପରେ ଏଭଳି ବର୍ବରୋଚିତ ଆକ୍ରମଣ ଯେମିତି କି ବ୍ୟବସାୟିକ ପ୍ରତିଷ୍ଠାନ, ଧାର୍ମିକପୀଠ ଏବଂ ବାସଗୃହ ଉପରେ ଆତଙ୍କିତ ଆକ୍ରମଣ ଦ୍ୱାରା ନଷ୍ଟ କରିଦିଆ ଯାଇଛି। ଏହି ପ୍ରକାର ଘୃଣ୍ୟକାର୍ଯ୍ୟ ବାଂଲାଦେଶର ବିଭିନ୍ନ ଜିଲ୍ଲାରେ ଘଟୁଛି। ନିରନ୍ତର ଏହି ପ୍ରକାର ଘଟଣା ଏବଂ ବାରମ୍ବାର ଦଙ୍ଗା ଯୋଗୁଁ ଭାରତରୁ ବାଂଲାଦେଶ ବିଭାଜନ ସମୟରେ ହିନ୍ଦୁ ୩୨%ଥିଲେ ଏବେ ତାହା ୮% ରୁ କମ




ହୋଇଯାଇ ଜେହାଦୀ ମାନଙ୍କର ଶିକାର ହୋଇଚାଲିଛନ୍ତି। ବାଂଲାଦେଶରେ ଥିବା ଅଳ୍ପ ସଂଖ୍ୟକ ହିନ୍ଦୁ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଯାଇଛି। ଏହା ଅତ୍ୟନ୍ତ ଚିନ୍ତା ଜନକ ବିଷୟ। ବାଂଲାଦେଶରେ ସଂଖ୍ୟାଲଘୁ ସମ୍ପ୍ରଦାୟର ସୁରକ୍ଷା ଏବଂ ସେମାନଙ୍କର ମାନବିକ ଅଧିକାର ପାଇଁ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ବିଶ୍ୱସମୁଦାୟଙ୍କ ଦାୟିତ୍ୱ ଅଟେ। ଏହି ପରିସ୍ଥିତିରେ ଭାରତ ନିଶ୍ଚିତଭାବରେ ଆଖିବୁଜି ରହିବ ନାହିଁ। ଭାରତ ସଦାସର୍ବଦା ଉତ୍ପୀଡ଼ିତ ଓ ବିସ୍ଥାପିତ ମାନଙ୍କୁ ସର୍ବଦା ସହାୟତା କରି ଆସିଛି। ବିଶ୍ୱ ହିନ୍ଦୁ ପରିଷଦ ତରଫରୁ ଭାରତ ସରକାରଙ୍କୁ ଆଗ୍ରହ କରାଯାଇଛି କି ବାଂଲାଦେଶରେ ଥିବା ଅଳ୍ପ ସଂଖ୍ୟକ ହିନ୍ଦୁଙ୍କ ସୁରକ୍ଷା ପାଇଁ ଯଥା ସମ୍ଭବ ପଦକ୍ଷେପ ନିଅନ୍ତୁ। ଏହି ବିକଟ ପରିସ୍ଥିତିର ଲାଭ ଉଠାଇ ଜେହାଦୀ ବିପୁଳ ପରିମାଣରେ ଭାରତକୁ ଅନୁପ୍ରବେଶର ସମ୍ଭାବନା ଅଛି। ଏଥିପ୍ରତି ସତର୍କ ରହିବା ଆବଶ୍ୟକ। ସୀମାରେ ଥିବା ସେନାବାହିନୀ ରହିବା ସହ ଅତିକ୍ରମଣକୁ ସମ୍ପୂର୍ଣ୍ଣ ରୋକିବା ଆବଶ୍ୟକ। ବିଶ୍ୱ ହିନ୍ଦୁ ପରିଷଦ ତରଫରୁ କୁହାଯାଇଛି ଯେ ଆମେ ଆଶା କରୁଛୁ କି ବାଂଲାଦେଶରେ ଗଣତନ୍ତ୍ର ଓ ଧର୍ମନିରପକ୍ଷ ସରକାର ଯଥାଶୀଘ୍ର ସ୍ଥାପିତ ହେଉ। ଅଳ୍ପସଂଖ୍ୟକମାନଙ୍କୁ ମାନବାଧିକାର ମିଳୁ ଏବଂ ବାଂଲାଦେଶରେ ନିରନ୍ତର ବୃଦ୍ଧିହେଉଥିବା ଆର୍ଥିକ ପ୍ରଗତିରେ ବାଧକ ନ ଆସୁ।

# ହାସିନା ଯୁଗର ଅବସାନ

ଦେଶର ଯୁବଗୋଷ୍ଠୀର ରୋଷର ଶିକାର ହୋଇ ବଙ୍ଗଳା ଦେଶର ପ୍ରଧାନମନ୍ତ୍ରୀ ଶେଖ ହାସିନା ଦେଶ ଛାଡି ଚାଲିଯିବାକୁ ବାଧ୍ୟ ହେବା ଦେଶର ରାଜନୈତିକ ଇତିହାସରେ ଏକ ନୂତନ ଅଧ୍ୟାୟର ଆରମ୍ଭ ବୋଲି କୁହାଯାଇପାରିବ। ତେବେ ବଙ୍ଗଳା ଦେଶର ରାଜନୈତିକ ଇତିହାସରେ ରାଜନୈତିକ ଅସ୍ଥିରତା, ସାମରିକ ବିଦ୍ରୋହ, ଅଶାନ୍ତି କିଛି ନୂଆ ନୁହେଁ। ୧୯୭୧ ମସିହାରେ ବଙ୍ଗଳାଦେଶ ଏକ ସ୍ୱାଧୀନ, ସାର୍ବଭୌମତ୍ୱ ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ ହେବା ପରେ ଗତ ୫୩ବର୍ଷର ଇତିହାସରେ ଦେଶ ବହୁବାର ସାମରିକ ବିଦ୍ରୋହ ଦ୍ୱାରା ସେନା ଶାସନର ସମ୍ମୁଖୀନ ହୋଇଛି। ଏପରିକି ବଙ୍ଗଳାଦେଶର ପ୍ରତିଷ୍ଠାତା ଶେଖ ମୁଜିବୁର ରହେମାନଙ୍କୁ ପରିବାରର ୪ଜଣ ସଦସ୍ୟଙ୍କୁ ବିଦ୍ରୋହ ଦ୍ୱାରା ହତ୍ୟା କରିଥିଲେ, ଯେଉଁଥିରୁ ହାସିନା ଏବଂ ତାଙ୍କ ଭଉଣୀ ଭାରତରେ ଥିବାରୁ ଅଳ୍ପକେ ବର୍ତିଯାଇ ଥିଲେ। କିନ୍ତୁ ଦେଶରୁ କ୍ଷମତାରେ ଥିବା ଜଣେ ପ୍ରଧାନମନ୍ତ୍ରୀ ଦେଶ ଛାଡି ଚାଲିଯିବା ବା ସେନା ଦ୍ୱାରା ବିତାଡିତ ହେବା ଦେଶରେ ପ୍ରଥମ ଘଟଣା। ଶେଷ ହାସିନାଙ୍କ ୧୫ବର୍ଷର ଶାସନରେ କେବଳ ଅବସାନ ଘଟି ନାହିଁ, ଅୱାମୀ ଲିଗ୍ ଦଳର ଯୁଗ ଶେଷ ହୋଇଛି ବୋଲି କୁହାଯାଇଛି। ଏହା ନିସନ୍ଦେହରେ ଶେଖ ହାସିନା ନିଜ ଗୋଡରେ ନିଜ କୁରାଢୀ ହାଣିଛନ୍ତି। ଗତ ୨୦୦୮ ରୁ ୨୦୨୪ ମଧ୍ୟରେ ଲଗାତାର ୧୫ବର୍ଷର ଶାସନ କାଳରେ ବାଂଲାର ଅର୍ଥନୀତି ସମେତ ବିଭିନ୍ନ କ୍ଷେତ୍ରରେ ବିକାଶ ଲାଭ କରିଛି। ଏପରିକି ୨୦୨୬ ସୁଦ୍ଧା ବିକଶିତ ରାଷ୍ଟ୍ର ଗୋଷ୍ଠୀରେ ସାମିଲ ହେବା ଅଭିମୁଖେ ଅଗ୍ରସର ହେଉଥିଲା। କେବଳ ଏତିକି ନୁହେଁ, ଦକ୍ଷିଣ ଏସିଆ ମହାଦେଶରେ ବାଂଲା ଏକ ଏସିଆନ ଷ୍ଟାର ଭାବେ ନିଜକୁ ପ୍ରତିଷ୍ଠିତ କରିବାକୁ ସମର୍ଥ ହୋଇଥିଲା। କିନ୍ତୁ ଦେଶରେ ବେକାରୀ ସମସ୍ୟା ବୃଦ୍ଧି ସାଙ୍ଗକୁ ବିଭିନ୍ନ ଅତ୍ୟାବଶ୍ୟକୀୟ ସାମଗ୍ରୀର ଦରବୃଦ୍ଧି, ଯାହାକି ତାଙ୍କ ଶାସନ ପତନର ମୁଖ୍ୟକାରଣ ହୋଇଛି। ବେକାରୀ ସମସ୍ୟା ଏବଂ ଦେଶର ସଂରକ୍ଷଣ ବ୍ୟବସ୍ଥାର ଉଚ୍ଛେଦ ଲାଗି ଗତ ଏକ ମାସରୁ ଊର୍ଦ୍ଧ୍ୱ ଧରି ଲାଗି ରହିଥିବା ଛାତ୍ର, ଯୁବ ଆନ୍ଦୋଳନ ଶେଷରେ ଗଣ ଆନ୍ଦୋଳନରେ ପରିଣତ ହୋଇଥିଲା। ଯେଉଁଥିରେ ୨୦୦ରୁ ଊର୍ଦ୍ଧ୍ୱ ଛାତ୍ର, ଯୁବକ, ନିରୀହ ନାଗରିକ ଏବଂ ସୁରକ୍ଷା କର୍ମୀଙ୍କ ଜୀବନ ଯାଇଛି। ଶେଷରେ ମଧ୍ୟ ଦେଶର ସେନା ଆନ୍ଦୋଳନକୁ ସମର୍ଥକ କରିବା ସହ ୪୫ ମିନିଟ୍ ମଧ୍ୟରେ ଦେଶଛାଡି ଚାଲିଯିବା ଲାଗି ସେନାମୁଖ୍ୟ ନିର୍ଦ୍ଦେଶ ଦେଇଥିଲେ। କହିବା ବାହୁଲ୍ୟ ଯେ, ୨୦୦୮ରୁ ଲଗାତାର କ୍ଷମତାସୀନ ଥିବା ହାସିନାଙ୍କ ସମୟରେ ୨୦୧୪, ୨୦୧୮ ଏବଂ ୨୦୨୪ର ନିର୍ବାଚନ ବିବାଦ ମୁକ୍ତ ନଥିଲା। ୨୦୨୪ ନିର୍ବାଚନରେ ବ୍ୟାପକ ଜାଲିଆତି ହୋଇଥିବା ଅଭିଯୋଗ ଉଠିଥିଲା। ଏଥି ସହ ତାଙ୍କର କେତେକ ବିବାଦୀୟ ନୀତି ଏବଂ ଏକଛତ୍ରବାଦୀ ଆଭିମୁଖ୍ୟ ତାଙ୍କର ଲୋକପ୍ରିୟତାକୁ ହ୍ରାସ କରିଥିଲା। ୨୦୧୮ ମସିହାରେ ଏକ କଳା ଆଇନ ଦ୍ୱାରା ଗଣମାଧ୍ୟମ, ସାମାଜିକ ଗଣମାଧ୍ୟର କଣ୍ଠରୋଧ କରିବା ସହ ସ୍ୱାଧୀନ ମତବାଦ ଉପରେ ଅଙ୍କୁଶ ଲଗାଇଥିଲେ। କେବଳ ଏତିକି ନୁହେଁ, ବିକ୍ଷୋଭ, ପ୍ରତିବାଦ ନିଷିଦ୍ଧ କରିବା ସହ ବିରୋଧି ଦଳକୁ ମଧ୍ୟ ଏକ ପ୍ରକାର ନିସ୍ତେଜ କରିଦେଇଥିଲେ। ଯାହାକି ତାଙ୍କ ବିରୁଦ୍ଧରେ ଜନତାଙ୍କ କ୍ରୋଧକୁ ତେଜିୟାନ କରିଥିବାବେଳେ ମହାମାରୀ କରୋନା, ୟୁକ୍ରେନ ରୁଷ ଯୁଦ୍ଧ ଯୋଗୁଁ ଦେଶର ଅର୍ଥନୀତି ମାନ୍ଦାଗସ୍ତ ହେବା ସହ ବିଭିନ୍ନ ଅତ୍ୟାବଶ୍ୟକୀୟ ଖାଦ୍ୟ ସାମଗ୍ରୀର ମୂଲ୍ୟବୃଦ୍ଧି ସାଙ୍ଗକୁ ବେକାରୀ ବୃଦ୍ଧି ତାଙ୍କ ଶାସନ ବିରୁଦ୍ଧରେ ଜନମତକୁ ଜାଗ୍ରତ କରିଥିଲା। ବାଂଲା ସ୍ୱାଧୀନତା ଆନ୍ଦୋଳନରେ ମୃତକଙ୍କ ପରିବାରକୁ ସରକାରୀ ଚାକିରୀରେ ଦିଆଯାଇଥିବା ୩୦ ପ୍ରତିଶତ ସଂରକ୍ଷଣ ଉଚ୍ଛେଦ ଦାବିରେ ଦେଶବ୍ୟାପୀ ଛାତ୍ର, ଯୁବକ ତୀବ୍ରତର ହୋଇଥିଲା। ତେବେ ସୁପ୍ରିମକୋର୍ଟ ସ୍ୱାଧୀନତା ସଂଗ୍ରାମୀ ପରିବାରକୁ ୫ ପ୍ରତିଶତ ଏବଂ ଭିନ୍ନକ୍ଷମଙ୍କ ପାଇଁ ୨ ପ୍ରତିଶତ ସଂରକ୍ଷଣ ଧାର୍ଯ୍ୟ କରିବା ପରେ ଆନ୍ଦୋଳନ ସମ୍ପୂର୍ଣ୍ଣ ଥମି ଯାଇଥିବା ବେଳେ ସପ୍ତାହକ ପରେ ପୁଣି ଉଗ୍ରରୂପ ନେବା ପଛରେ ଦେଶବିରୋଧି ଶକ୍ତି ତଥା ମୌଳବାଦୀ, ଆତଙ୍କବାଦୀ, ପାକିସ୍ଥାନ ଗୁଇନ୍ଦା ସଂସ୍ଥା ଆଇଏସଆଇ ଏବଂ ଚୀନର ଷଡଯନ୍ତ୍ରକୁ ଅସ୍ୱୀକାର କରାଯାଇନପାରେ। ଉଲ୍ଲେଖଯୋଗ୍ୟ ଭାରତ ସହ ହାସିନାଙ୍କର ସମ୍ପର୍କ ନିବିଡ ଥିଲା। ଦୁଇଦେଶ ମଧ୍ୟରେ ଦ୍ୱିପାକ୍ଷିକ ସୁସମ୍ପର୍କ ପାଇଁ ବହୁ ଚୁକ୍ତି ସ୍ୱାକ୍ଷରିତ ହୋଇଥିବାବେଳେ ଏବେ ବହୁ ପ୍ରକଳ୍ପର କାର୍ଯ୍ୟ ଭାରତ ସହାୟତାରେ ବଙ୍ଗଳାଦେଶରେ ଚାଲିଛି। ବାଂଲା ସହ ଭାରତର ସମ୍ପର୍କ ଏତେ ନିବିଡ ଥିଲା ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତୃତୀୟ ପାଳିରେ ହାସିନା ପ୍ରଥମ ରାଷ୍ଟ୍ରମୁଖ୍ୟ ଭାବେ ଭାରତକୁ ଆମନ୍ତ୍ରିତ ହୋଇଥିଲେ। ଏବେ ବଙ୍ଗଳାଦେଶରେ ରାଜନୈତିକ ଅସ୍ଥିରତା ଏବଂ ମୌଳବାଦୀ ସକ୍ରୀୟ ହେବା ଭାରତ ପାଇଁ ଚିନ୍ତାର କାରଣ ହୋଇଛି। କହିବା ବାହୁଲ୍ୟ ଯେ, ଗତ ୪ବର୍ଷ ମଧ୍ୟରେ ଭାରତର ପଡୋଶୀ ରାଷ୍ଟ୍ରଭାବେ ବାଂଲା ରାଜନୈତିକ ଅସ୍ଥିରତାର ସମ୍ମୁଖୀନ ହେବାରେ ହେଉଛି ପଂଚମ ରାଷ୍ଟ୍ର। ପୂର୍ବରୁ ଆଫଗାନିସ୍ଥାନ, ପାକିସ୍ଥାନ, ଶ୍ରୀଲଙ୍କାରେ ରାଜନୈତିକ ଅସ୍ଥିରତା ଲାଗି ରହିଛି। ଅନ୍ୟପକ୍ଷରେ ଅନ୍ୟ ପଡୋଶୀ ରାଷ୍ଟ୍ର ନେପାଳ, ମାଳଦ୍ୱୀପ ସହ ଭାରତର ସମ୍ପର୍କରେ ଅବନତି ଘଟିଛି। ଦକ୍ଷିଣ ଏସୀୟ ରାଷ୍ଟ୍ରମାନଙ୍କୁ ନେଇ ଗଠିତ ଦକ୍ଷିଣ ଏସୀୟ ଆଂଚଳିକ ସହଯୋଗ ସମିତି(ସାର୍କ) ଏକ ପ୍ରକାର ନିଷ୍କ୍ରୀୟ ହୋଇପଡିଛି। ପାକିସ୍ଥାନର ପ୍ରଚ୍ଛନ୍ନ ସହାୟତାରେ ଚୀନ ପଡୋଶୀ ରାଷ୍ଟ୍ରମାନଙ୍କରେ ମୁଣ୍ଡ ପୁରାଇବା ଆରମ୍ଭ କରିଛି, ଯାହାକି ଭାରତ ପାଇଁ ଆଦୌ ଶୁଭଙ୍କର ନୁହେଁ। ସେହିପରି ଅତୀତରେ ବାଂଲା ଜାତୀୟ ପାର୍ଟି (ବିଏନପି) ଏବଂ ଜାମାତ-ଇ-ଇସଲାମୀ ସରକାର ଭାରତ ପାଇଁ ସୁଖଦ ନଥିଲା। ଉଲ୍ଲେଖ କରାଯାଇପାରେ ଯେ, ଜାମାତ-ଇ-ଇସ୍‌ଲାମୀକୁ ହାସିନା ସରକାର ଏକ ଆତଙ୍କବାଦୀ ସଂଗଠନ ଭାବେ ଘୋଷଣା କରିଥିଲେ। ଏବେ ହାସିନା ସରକାରର ପତନ ସେନା ମୁଖ୍ୟଙ୍କ ନେତୃତ୍ୱରେ ଅନୁଷ୍ଠିତ ସର୍ବଦଳୀୟ ବୈଠକ ଜାମାତ-ଇ-ଇସ୍‌ଲାମୀ ଅଂଶ ବିଶେଷ ଥିଲା। ଆହୁରି ମଧ୍ୟ ହାସିନା ଯୁଗର ଅବସାନ ପରେ ବାଂଲାରେ ହିନ୍ଦୁଙ୍କ ଉପରେ ଅତ୍ୟାଚାର ବଢିଚାଲିଛି। ହିନ୍ଦୁଙ୍କ ମନ୍ଦିର ଓ ଘରକୁ ଟାର୍ଗେଟ କରାଯାଉଥିବା ଅଭିଯୋଗ ହୁଏ। ବଙ୍ଗଳାଦେଶରେ ୨୫ ହଜାରରୁ ହିନ୍ଦୁ ଥିବାବେଳେ ସଂଖ୍ୟାଲଘୁ ଭାବେ ପରିଚିତ। ସେମାନଙ୍କ ସୁରକ୍ଷା ଭାରତ ପାଇଁ ଉଦ୍‌ବେଗର କାରଣ ଭାବେ ଉଭା ହୋଇଛି। ସେହିପରି ବାଂଲା ସୀମାନ୍ତ ସଂଲଗ୍ନ ପଶ୍ଚିମବଙ୍ଗ, ଆସାମ ସୀମାନ୍ତରେ ସୁରକ୍ଷା ବ୍ୟବସ୍ଥାକୁ ଭାରତ ସରକାର କଡାକଡି କରିଛନ୍ତି। ଭାରତରେ ଉଭୟ ସ୍ଥଳ ଓ ଜଳଭାଗରେ ବାଂଲା ଅନୁପ୍ରବେଶକାରୀଙ୍କ ସଂଖ୍ୟା ବଢିବା ଆଶଙ୍କାକୁ ମଧ୍ୟ ଅଣ ଦେଖା କରାଯାଇପାରେ। ସେହିପରି ବାଂଲା ଆତଙ୍କବାଦୀଙ୍କ କାର୍ଯ୍ୟକଳାପ ବୃଦ୍ଧି ଆଶଙ୍କାକୁ ଏଡାଇ ଦେଇ ହେଉନାହିଁ। ବାଂଲାରେ ଅଶାନ୍ତି ଓ ରାଜନୈତିକ ପଟ୍ଟପରିବର୍ତନ ପରିପ୍ରେକ୍ଷୀରେ ଅନୁଷ୍ଠିତ ସର୍ବଦଳୀୟ ବୈଠକରେ ହିନ୍ଦୁଙ୍କ ସୁରକ୍ଷା, ଅନୁପ୍ରବେଶ ଓ ଆତଙ୍କବାଦୀ କାର୍ଯ୍ୟକଳାପ ନେଇ ସହମତି ପ୍ରକାଶ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ହାସିନା ଏବେ ଭାରତରେ ଥିବାରୁ ମୌଳବାଦୀ ଗୋଷ୍ଠୀ ଆହୁରି ରକ୍ତମୁଖା ହେବା ସ୍ୱାଭାବିକ। ହାସିନାଙ୍କ ଶାସନର ପତନ ଭାରତ ପାଇଁ ଏକ ବୃହତ କୁଟନୈତିକ ଚ୍ୟାଲେଞ୍ଜ ସଦୃଶ ଉଭା ହୋଇଛି, ଏହା ନିସନ୍ଦେହ।

# ସରକାରୀ ଓକିଲ ନିଯୁକ୍ତି ବନାମ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାବଳୀ

**ସତ୍ୟବ୍ରତ ପଟ୍ଟନାୟକ**

ଭାରତୀୟ ସାମ୍ବିଧାନିକ ବ୍ୟବସ୍ଥାରେ ଏକ ଅଲିଖିତ ଆଇନଗତ ବ୍ୟବସ୍ଥା ରହିଛି ତାହାହେଲା କେନ୍ଦ୍ର ହେଉ ବା ରାଜ୍ୟ, ସରକାର ବଦଳିବା ମାତ୍ରେ ପ୍ରଶାସନିକ ବ୍ୟବସ୍ଥା ସହ ଆଇନଗତ ବ୍ୟବସ୍ଥା କୁହାଯାଉଥିବା ଓକିଲ ନିଯୁକ୍ତି ବ୍ୟବସ୍ଥାରେ ମଧ୍ୟ ପରିବର୍ତ୍ତନ ହୋଇଥାଏ। ଓଡ଼ିଶାରେ ପାଞ୍ଚପାଳିର ବିଜେଡି ସରକାରକୁ ଧୂଳିସାତ୍ କରି ବିଜେପି ସରକାର ଗଢ଼ିବା ପରେ ପାଖାପାଖି ଦେଢ଼ମାସ ପରେ ବରିଷ୍ଠ ଆଇନଜୀବୀ ପିତାମ୍ବର ଆଚାର୍ଯ୍ୟଙ୍କୁ ଏହି ଗୁରୁଦାୟିତ୍ୱ ନ୍ୟସ୍ତ କରାଗଲା। ରାଜ୍ୟରେ ସରକାରୀ ବ୍ୟବସ୍ଥା ପରିବର୍ତ୍ତନ ହେଲେ ସ୍ୱାଭାବିକ ଭାବେ ହାଇକୋର୍ଟ ଓ ତଳକୋର୍ଟରେ ସରକାରୀ ଓକିଲ ନିଯୁକ୍ତି ପାଇଁ ନାନା କଳ୍ପନା ଜଳ୍ପନା ପ୍ରକାଶ ପାଇଥାଏ। ବିଳମ୍ବରେ ହେଲେ ମଧ୍ୟ ସରକାର ଜଣେ ଦକ୍ଷ ଓ ରାଜ୍ୟର ବରିଷ୍ଠ ଆଇନଜୀବୀଙ୍କୁ ଆଡ଼ଭୋକେଟ ଜେନେରାଲ ଭାବେ ନିଯୁକ୍ତି ଦେଇଛନ୍ତି ଯାହାକୁ ହାଇକୋର୍ଟର ଓକିଲଙ୍କ ସମେତ ଓଡ଼ିଶାର ଓକିଲ ମହଲ ସ୍ୱାଗତ କରିଛନ୍ତି। ତେବେ ନୂଆ ଆଡ଼ଭୋକେଟ ଜେନେରାଲ ଭାବେ ପିତାମ୍ବର ଆଚାର୍ଯ୍ୟଙ୍କ ନିଯୁକ୍ତି ପରେ ଏବେ ସରକାରୀ ଆଇନଜୀବୀ ବା ଜିଏ, ଏଜିଏ (ଅତିରିକ୍ତ ସରକାରୀ ଆଇନଜୀବୀ), ଷ୍ଟାଣ୍ଡିଂ କାଉନସିଲ ଓ ଅତିରିକ୍ତ ଷ୍ଟାଣ୍ଡିଂ କାଉନସିଲ ପଦକୁ ନେଇ ଧାଁ ଧଉଡ଼ ଆରମ୍ଭ ହୋଇଯାଇଛି। ବର୍ତ୍ତମାନ ହାଇକୋର୍ଟ ଓ ତଳକୋର୍ଟରେ ସରକାରୀ ଓକିଲ ନିଯୁକ୍ତି ପାଇଁ ବିଜେପି ଦଳ ପ୍ରତି ଆନୁଗତ୍ୟ ଥିବା ଅନେକ ଓକିଲ ଆଶାୟୀ ରହିଛନ୍ତି।

ମାନ୍ୟବର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଦକ୍ଷ, ସଚ୍ଚୋଟ ଓ ଅନୁଭବୀ ତଥା କୋର୍ଟ ମାମଲା ପରିଚାଳନାରେ ପାରଙ୍ଗମତା ଥିବା ସଚ୍ଚୋଟ ଟ୍ରାକ ରେକର୍ଡ଼ଧାରୀ ଓକିଲ ମାନଙ୍କୁ ସରକାରୀ ଓକିଲ ଭାବେ ନିଯୁକ୍ତି ଦିଆଯିବା କଥା। ମାତ୍ର ଚଳି ଆସିଥିବା ପ୍ରଥା ଅନୁଯାୟୀ ଦଳୀୟ ରାଜନୀତି ଯୋଗୁଁ ଦଳପ୍ରତି ଆନୁଗତ୍ୟ ଥିବା ଓକିଲ ମାନଙ୍କୁ ସରକାରୀ ଓକିଲ ଭାବେ ନିଯୁକ୍ତି ଦିଆଯାଉଛି। ଦଳ ପ୍ରତି ଆନୁଗତ୍ୟ ଥିବା ଅନେକ ଦକ୍ଷ ଓକିଲ କିନ୍ତୁ ନେତା ମାନଙ୍କ ଆଶୀର୍ବାଦ, ପୃଷ୍ଠପୋଷକତା ନପାଇବା କାରଣରୁ ସରକାରୀ ଓକିଲ ହୋଇପାରୁ ନାହାଁନ୍ତି। ଏଠାରେ କୁହାଯାଇପାରେ ଯେ ଗତ ବିଜେପି-ବିଜେଡ଼ି ମେଣ୍ଟ ସରକାର ଥିବା ସମୟରେ ଅନେକ ଓକିଲ ସରକାରୀ ଓକିଲ ହୋଇ ସରକାରଙ୍କ ଠାରୁ ଦରମା ଓ ସବୁ ପ୍ରକାର ସୁବିଧା ସୁଯୋଗ ପାଇ ମଧ୍ୟ ପ୍ରତିପକ୍ଷଙ୍କ ଠାରୁ ଉତ୍କୋଚ ନେଇ ସରକାରଙ୍କୁ ଅପଦସ୍ତ କରାଇଛନ୍ତି। ଅନେକ ମାମଲାରେ ସରକାର ହାରିବା ସହ ପ୍ରତିପକ୍ଷ ବିଜେତା ହୋଇ ସରକାରଙ୍କ ନାକ କଟି ଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ଏଥର ସରକାରୀ ଓକିଲ ଚୟନରେ ସଚ୍ଚୋଟ, ଦକ୍ଷ, ଅନୁଭବୀସମ୍ପନ୍ନ ଓ ଯୁବ ଓକିଲ ମାନଙ୍କୁ ସୁଯୋଗ ଦେବାକୁ ଓକିଲାମାନଙ୍କ ସମେତ ବୁଦ୍ଧିଜୀବୀ ଓ ଓଡ଼ିଶାବାସୀଙ୍କ ତରଫରୁ ଦୃଢ଼ ଦାବୀ ହେଉଛି। ପୁନଶ୍ଚ ଯେଉଁ ଓକିଲମାନେ କେନ୍ଦ୍ର ସରକାର ଓ ସେଣ୍ଟ୍ରାଲ ଆଡମିନିଷ୍ଟ୍ରେଟିଭ ଟ୍ରିବ୍ୟୁନାଲ ପ୍ୟାନେଲରେ ଅଛନ୍ତି ସେମାନଙ୍କୁ ରାଜ୍ୟ ସରକାରଙ୍କ ଓକିଲ ପ୍ୟାନେଲରେ ନରଖିବାକୁ ମଧ୍ୟ ଦାବୀ ଉଠୁଛି। ରାଜ୍ୟ ଆଇନମନ୍ତ୍ରୀ ଜଣେ ଅନୁଭବୀସମ୍ପନ୍ନ ନେତା ଓ ତାଙ୍କ ବାପା ବିଶ୍ୱଭୂଷଣ ବାବୁ ରାଜ୍ୟର ଆଇନମନ୍ତ୍ରୀ ଭାବେ ଦାୟିତ୍ୱ ନିର୍ବାହ କରିଛନ୍ତି। ତେଣୁ ରାଜ୍ୟ ଆଇନମନ୍ତ୍ରୀ ରାଜ୍ୟର ସ୍ୱାର୍ଥ ଦୃଷ୍ଟିରୁ ଗତ ମେଣ୍ଟ ସରକାରରେ ଯେଉଁ ସରକାରୀ ଓକିଲମାନେ ପ୍ରତିପକ୍ଷ ମାନଙ୍କ ଠାରୁ ଉତ୍କୋଚ ନେଇ ସରକାରଙ୍କୁ ବଦନାମ ଓ କ୍ଷତିରେ ପହଞ୍ଚାଇଥିଲେ ଏହାର ତଦନ୍ତ କରି ଯୁବ ଓକିଲ ମାନଙ୍କୁ ଅଗ୍ରାଧିକାର ଭାବରେ ସରକାରୀ ଓକିଲ ଭାବେ ନିଯୁକ୍ତି ଦିଅନ୍ତୁ।

ସରକାରୀ ଆଇନଜୀବୀ ବ୍ୟବସ୍ଥାରେ ମାନ୍ୟବର ସୁପ୍ରିମକୋର୍ଟଙ୍କ ଯେଉଁ ନିର୍ଦ୍ଦେଶାବଳୀ ରହିଛି ତାହା ହେଉଛି ଅଦାଲତରେ ମାମଲା ପରିଚାଳନା ସମୟରେ ଏଜି ବା ଆଡ଼ଭୋକେଟ ଜେନେରାଲ ହେଉଛନ୍ତି ସରକାରଙ୍କ ଆଇନ ପ୍ରତିନିଧି ଏବଂ ତାଙ୍କ ଦ୍ୱାରା ଆଇନଜୀବୀ ପ୍ୟାନେଲ ଗଠିତ ହୋଇଥାଏ। କୋର୍ଟରେ ଆଡ଼ଭୋକେଟ ଜେନେରାଲ ତଥା ସରକାରୀ ଆଇନଜୀବୀ ପ୍ୟାନେଲ ଉପରେ ସରକାରଙ୍କ ଜିତାପଟ ଓ ଅନେକ ମାମଲାରେ ସ୍ଥିତି ରକ୍ଷା ନିର୍ଭର କରେ। ସରକାର ଯାହା କରୁଛନ୍ତି ତାହା କେତେ ଦୂର ଠିକ ବା ତାହା ସାଧାରଣ ଲୋକଙ୍କ ପାଇଁ କ'ଣ ଆବଶ୍ୟକତା ରହିଛି ଏବଂ ସର୍ବୋପରି ସମସ୍ତ କାର୍ଯ୍ୟ ଆଇନର ନିୟମ କାନୁନ ପରିସୀମା ଭିତରେ ହେଉଛି କି ନାହିଁ ଏହାକୁ ବୁଝାଇବାର କାମ ହେଉଛି ଏହି ପ୍ୟାନେଲର। ଏଠାରେ ସୂଚନା ଦିଆଯାଇପାରେ ଯେ, ଏଜିଙ୍କ ପ୍ୟାନେଲରେ ଯେତେ ଦକ୍ଷ ଆଇନଜୀବୀ ରହିବେ ସେହିକ୍ରମରେ ସରକାର ମଧ୍ୟ ସେତେଟା ସକ୍ରିୟ ରହିବେ।

ଆଇନଗତ ବ୍ୟବସ୍ଥା ଅନୁଯାୟୀ ଓଡ଼ିଶା ହାଇକୋର୍ଟରେ ଆଡ଼ଭୋକେଟ ଜେନେରାଲଙ୍କୁ ମିଶାଇ ଏହି ପ୍ୟାନେଲରେ ବିଭିନ୍ନ କୋର୍ଟରେ ମାମଲା ପରିଚାଳନା ପାଇଁ ୭୩ଜଣ ଆଇନଜୀବୀ ରହିବେ। ଜଣେ ଜିଏଙ୍କ ବ୍ୟତୀତ ୩୫ଜଣ ଏଜିଏ, ଜଣ୍ଟେ ଷ୍ଟାଣ୍ଡିଂ କାଉନସିଲ ଓ ୩୫ ଜଣ ଅତିରିକ୍ତ ଷ୍ଟାଣ୍ଡିଂ କାଉନସିଲ ରହିବେ। ଏହି ପ୍ୟାନେଲରେ କେଉଁ ଆଇନଜୀବୀ, କେଉଁ ମାନଦଣ୍ଡ ଆଧାରରେ ମନୋନୀତ ହେବେ ଓ ସେମାନଙ୍କୁ ନିଯୁକ୍ତି ମିଳିବ ଏ ସଂକ୍ରାନ୍ତରେ ୨୦୧୫ ମସିହାରେ ସୁପ୍ରିମକୋର୍ଟଙ୍କ ଏକ ନିର୍ଦ୍ଦେଶାବଳୀ ରହିଛି। ସୁପ୍ରିମକୋର୍ଟର ତତ୍କାଳୀନ ପ୍ରଧାନ ବିଚାରପତି ନ୍ୟାୟମୂର୍ତ୍ତି ପି.ଏସ.ଠାକୁର, ନ୍ୟାୟମୂର୍ତ୍ତି କୁରିଏନ୍ ଯୋଶେଫଙ୍କ ଏକ ଖଣ୍ଡପୀଠ ସ୍ପଷ୍ଟ ଭାବେ ନିର୍ଦ୍ଦେଶାବଳୀରେ କହିଥିଲେ କି ଯେ ରାଜନୈତିକ ଆନୁଗତ୍ୟ ଆଧାରରେ ଲ'ଅଫିସର ବା ଆଇନଜୀବୀଙ୍କୁ ନିଯୁକ୍ତି କରାଗଲେ ନ୍ୟାୟିକ କାର୍ଯ୍ୟ ଚାଲିପାରିବ ନାହିଁ ବରଂ ଦଳୀୟ ଆନୁଗତ୍ୟ ପରିବର୍ତ୍ତେ ଆଇନ ସମ୍ପର୍କରେ ଜ୍ଞାନ ଥିବା ସଚ୍ଚୋଟ ଓ ମେଧାବୀ ବ୍ୟକ୍ତିଙ୍କୁ ସରକାରୀ ଆଇନଜୀବୀ ଭାବେ ନିଯୁକ୍ତି ଦିଆଯିବା ଆବଶ୍ୟକ। କେବଳ ସେତିକି ନୁହେଁ ସୁପ୍ରିମକୋର୍ଟ ଆହୁରି ମଧ୍ୟ କହିଥିଲେ ଯେ ସରକାରୀ ଆଇନଜୀବୀଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ସରକାର ଏକ ପ୍ୟାନେଲ ପ୍ରସ୍ତୁତ କରିବେ ଏହା ହାଇକୋର୍ଟର ମୁଖ୍ୟ ବିଚାରପତିଙ୍କ ନିକଟକୁ ପଠାଯିବ। ମୁଖ୍ୟ ବିଚାରପତିଙ୍କ ସହମତି ଅନୁମୋଦନ ପରେ ଏହି ପ୍ୟାନେଲ ଚୂଡ଼ାନ୍ତ ହେବ ଯଦିଓ ତତ୍କାଳୀନ ପଞ୍ଜାବ-ହରିୟାଣା ସରକାରଙ୍କ ସମୟରେ ସେଠାକାର ହାଇକୋର୍ଟରେ ସରକାରୀ ଆଇନଜୀବୀ ନିଯୁକ୍ତିକୁ ନେଇ ଦେଖାଦେଇଥିବା ସମସ୍ୟା ପରିପ୍ରେକ୍ଷୀରେ ସର୍ବୋଚ୍ଚ ଅଦାଲତ ଏହି ଆଦେଶ ଦେବା ସହ ସମଗ୍ର ଦେଶରେ ସରକାରୀ ଆଇନଜୀବୀ ନିଯୁକ୍ତି ପ୍ରକ୍ରିୟାରେ ସଂସ୍କାର ଆଣିବା ପାଇଁ ଏହି ଆଦେଶକୁ କାର୍ଯ୍ୟକାରୀ କରିବା ପାଇଁ ପରାମର୍ଶ ଦେଇଥିଲେ। ଅନେକ ରାଜ୍ୟରେ ଏବେ ସର୍ବୋଚ୍ଚ ଅଦାଲତଙ୍କ ଆଦେଶ ଆଧାରରେ ଏଜିଙ୍କ ପ୍ୟାନେଲ ଗଠନ ହୋଇ ଆସୁଅଛି ତଥାପି ଅନେକ ସମୟରେ ଅନେକ ରାଜ୍ୟରେ ଏଭଳି ଦଳୀୟ ଆନୁଗତ୍ୟକୁ ଗୁରୁତ୍ୱ ଦିଆଯାଉଛି ଯାହାର ବିଷମ ପରିଣତି ସ୍ୱରୂପ ଅନେକ ମାମଲାରେ ରାଜ୍ୟ ସରକାର ହାରି ଯାଉଛନ୍ତି ଏବଂ ସରକାରଙ୍କ ଆଇନଗତ ସମ୍ମାନ ତଳେ ପଡ଼ିଯାଉଛି। ତେଣୁ ଓଡ଼ିଶାରେ ସରକାର ଏହି ଦିଗ ପ୍ରତି ଗୁରୁତ୍ୱ ଦେବା ବାଞ୍ଛନୀୟ।

ଅବସରପ୍ରାପ୍ତ ଜିଲ୍ଲା ଜଜ୍, ପ୍ଲଟ ନଂ. ୧୨(ଏନ୍), ସୂର୍ଯ୍ୟ ବିହାର, ଭୁବନେଶ୍ୱର, E-mail : suryakanta003pattanaik@gmail.com

# ସେବା ପ୍ରେମ କରୁଣାମୂର୍ତ୍ତି ପରମହଂସ ପ୍ରଜ୍ଞାନାନନ୍ଦ

**ହେମନ୍ତ କୁମାର ପରିଡ଼ା**

ସତ୍ୟ ଶାନ୍ତି ଦୟା କ୍ଷମାର ଦିବ୍ୟ ଶାଶ୍ୱତ ସନ୍ଦେଶରେ ସୃଷ୍ଟିକୁ ସୁନ୍ଦର ମଧୁର କରିଥିବା ସାଧୁସନ୍ଥମାନେ ଆମ ସଂସ୍କୃତିର ଆଧାର ଶୀଳା। ଯୁଗେ ଯୁଗେ ସମାଜ ସେମାନଙ୍କର ସ୍ତୁତି ଗାନ କରିଆସିଛି। କୃତଜ୍ଞତା ଜଣାଇଛି। ସେହି ମାନଙ୍କ ସୃଷ୍ଟି ଆମ୍ଭେମାନେ ଏହି ସୃଷ୍ଟିଧାରାର ପରିଣତି ଅଟୁ। ସେମାନେ ମହାନ। ଏପରି କୌଣସି ମୂଳ ଭାରତୀୟ ବଂଶୋଦ୍ଭବ ନାହାଁନ୍ତି ଯେଉଁମାନେ କୌଣସି ନା କୌଣସି ଏକ ଋଷିକୁଳର ଅନ୍ତର୍ଗତ ନୁହଁନ୍ତି। ସେହି ମାନଙ୍କର ନାମ ଗୋତ୍ରର ସ୍ୱୀକୃତିରେ ଆମ୍ଭେମାନେ ସ୍ୱୀକୃତ ହୋଇଛେ। ସେହି ମାନଙ୍କର ଦିଗଦର୍ଶନ ଆମକୁ ପୂର୍ଣ୍ଣତା ପଥେ ଆଗେଇବାର ମାର୍ଗଦର୍ଶନ କରିଛି। ଅନନ୍ତ କାଳରୁ ପ୍ରବାହିତ ଏହି ଧାରା ପ୍ରବାହରେ ଆମେ ପାଇଛେ ଜଣେ ମହାନ ଦିଗଦ୍ରଷ୍ଟା ମହାପୁରୁଷ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜଙ୍କୁ। ସ୍ୱ ମହିମାରେ ସେ ମହାନ।

ବିଶ୍ୱ କ୍ରିୟାଯୋଗ ପରମ୍ପରାର ଅନ୍ୟତମ ପ୍ରବାଦ ପୁରୁଷ ମହାଯୋଗୀ ପରମହଂସ ହରିହରାନନ୍ଦ ଗିରିଙ୍କର ସେ ସୁଯୋଗ୍ୟ ଶିଷ୍ୟ ତଥା ଆଧ୍ୟାତ୍ମିକ ଉତ୍ତରାଧିକାରୀ। ସେ କହିଥିଲେ 'ପ୍ରଜ୍ଞାନାନନ୍ଦ ଆଉ ମୁଁ ଏକ ଏବଂ ଅଭିନ୍ନ। ମୋ ଭିତରେ ତାଙ୍କୁ ଏବଂ ତାଙ୍କ ଭିତରେ ମୋତେ ଦର୍ଶନ କରିବ।' ଥରେ ଜଣେ ବିଦେଶିନୀ ମା'ଙ୍କ ପାଖକୁ ପତ୍ର ଲେଖି ସେ ପ୍ରଜ୍ଞାନାନନ୍ଦଙ୍କ ବିଷୟରେ ଯାହା ପରିଚୟ ପ୍ରଦାନ କରିଥିଲେ, ତାହାର ସାରାଂଶ ହେଉଛି - ସେ ଜଣେ ବହୁଭାଷାବିତ, ଶାସ୍ତ୍ରଜ୍ଞ, ସଂସ୍କୃତି ବିଦ୍ୱାନ। ସୁଦ୍ଧ ଚରିତ୍ରବାନ ବ୍ରହ୍ମଚାରୀ, ଜ୍ଞାନୀ, ଗୁଣି, ନମ୍ର ଓ ଉଚ୍ଚକୋଟୀର ସାଧକ। ଶାସ୍ତ୍ର ସମ୍ବନ୍ଧରେ ମୋ ଭିତରେ ଶଙ୍କା ଉପୁଜିଲେ ମୁଁ ତାଙ୍କ ସହ ମତ ବିନିମୟ କରେ। ସେ ଜଣେ ଶ୍ରଦ୍ଧାଶୀଳ, ବନ୍ଧୁବତ୍ସଳ, ମିଷ୍ଟଭାଷୀ ରମଣୀୟ ବ୍ୟକ୍ତିତ୍ୱ। ମୋ ଅନ୍ତେ ସେ ମୋର ଉତ୍ତରାଧିକାରୀ ହେବେ।

ଥରେ ଜଣେ ଯୋଗୀ ତାଙ୍କ ଜନ୍ମ ସ୍ଥାନକୁ ଆସି ତାଙ୍କ ଗର୍ଭଧାରିଣୀଙ୍କୁ ଭବିଷ୍ୟ ବାଣୀ କରିଥିଲେ - 'ମା' ତୁମ ଗର୍ଭରେ ଜଣେ ମହାନ ଯୋଗୀ ଆସୁଛନ୍ତି। ଭବିଷ୍ୟତରେ ସେ ବିଶ୍ୱଗୁରୁ ହେବେ। ଜନ୍ମ ପରେ ତୁମେ ତାଙ୍କ ନାମ ତ୍ରିଲୋକୀ ରଖିବ। ଗୁରୁ ହରିହରାନନ୍ଦଙ୍କର ଶିଷ୍ୟ ପ୍ରଜ୍ଞାନାନନ୍ଦ ଉପରେ ଥିଲା ଗଭୀର ଆସ୍ଥା ଆଉ ବିଶ୍ୱାସ। ସମୟକ୍ରମେ ଗୁରୁ ନିଷ୍ଠା ଓ ଗୁରୁ ଭକ୍ତିର ପରାକାଷ୍ଠା ସ୍ୱରୂପ ତାଙ୍କ ଉପରେ ଗୁରୁକୃପା ଝରିପଡ଼ିଥିଲା। ପରବର୍ତ୍ତୀ ଅବସ୍ଥାରେ ଗୁରୁଦେବ ତାଙ୍କର ସମସ୍ତ ପାର୍ଥିବ ଓ ପରମାର୍ଥିକ ସମ୍ପତ୍ତି ସହିତ ନିଜର ସମସ୍ତ ସାଧନ ଶକ୍ତି ପ୍ରଦାନ କରି ତାଙ୍କୁ ଆଧ୍ୟାତ୍ମିକ କ୍ଷେତ୍ରରେ ଶକ୍ତିମାନ କରିଥିଲେ। ଖାଲି ସେତିକି ନୁହେଁ ଆଧ୍ୟାତ୍ମିକ ଉତ୍ତରାଧିକାରୀ ଭାବେ ତାଙ୍କୁ ଗୁରୁଭାର ପ୍ରଦାନ କରିଥିଲେ। ଏବେ ପରମହଂସ ପ୍ରଜ୍ଞାନାନନ୍ଦ ଜୀ ମହାରାଜ କ୍ରିୟାଯୋଗ ପରମ୍ପରାର ଜଣେ ସର୍ବମାନ୍ୟ ଗୁରୁଭାବେ ସାରା ବିଶ୍ୱରେ ସ୍ୱୀକୃତ।

ଖାଲି ଗୁରୁ ହରିହରାନନ୍ଦ ନୁହଁନ୍ତି ବହୁ ବିଶିଷ୍ଟ ସାଧୁସନ୍ଥ ମାନେ ମଧ୍ୟ ତାଙ୍କ ଉପରେ ଉଚ୍ଚ ମନ୍ତବ୍ୟ ପ୍ରଦାନ କରିଛନ୍ତି। ଏପରିକି ସନ୍ୟାସ ନେବା ପୂର୍ବରୁ ମଧ୍ୟ ତାଙ୍କୁ ଶ୍ରଦ୍ଧା ସମ୍ମାନ ସହ ସାଧୁ ଭାବେ ସାଧୁ ସନ୍ଥମାନେ ମାନ୍ୟତା ପ୍ରଦାନ କରୁଥିଲେ। ଦିନକର ଘଟଣା - ମହାନ ସନ୍ଥ ସ୍ୱାମୀ ରାମସୁଖ ଦାସଜୀ ମହାରାଜ ଋଷିକେଶ ଗଙ୍ଗାକୂଳସ୍ଥ ତାଙ୍କ କୁଟିଆରେ ଅବସ୍ଥାନ କରୁଥାନ୍ତି। ପ୍ରଜ୍ଞାନାନନ୍ଦ ଜୀ (ତତକାଳୀନ ତ୍ରିଲୋକୀ) ତାଙ୍କୁ ଦର୍ଶନ କରି ତାଙ୍କ ଠାରୁ କିଛି ଗୀତା ପୁସ୍ତକ ନେଇ ଫେରୁଥାଆନ୍ତି। ଏହି ସମୟରେ କିଛି ଭକ୍ତ ସ୍ୱାମୀଜୀଙ୍କ ଦର୍ଶନ ପାଇଁ ଆସିଥିଲେ। ସ୍ୱାମୀଜୀଙ୍କୁ ପ୍ରଣାମ କଲାବେଳକୁ ସେ କହିଲେ - ପଛେ ମୋତେ ପ୍ରଣାମ କରିବ, ଆଗ ଯାଅ ଧୋତି ପଞ୍ଜାବୀ ପରିହିତ ହାତରେ ଗୀତା ପୁସ୍ତକ ଧରି ସେହି ଯେଉଁ ମହାତ୍ମା ଯାଉଛନ୍ତି ତାଙ୍କୁ ପ୍ରଣାମ କରି ତାଙ୍କ ଠାରୁ ଆଶୀର୍ବାଦ ନିଅ। ସେତେବେଳେ ପ୍ରଜ୍ଞାନାନନ୍ଦ ସନ୍ୟାସ ନେଇନଥିଲେ। ସେ ଥିଲେ କଟକ ରେଭେନ୍ସା ମହାବିଦ୍ୟାଳୟର ଜଣେ ଅର୍ଥନୀତି ଅଧ୍ୟାପକ ତ୍ରିଲୋକୀ ଦାସ।

ତୁଳସୀ କ୍ଷେତ୍ର କେନ୍ଦ୍ରାପଡ଼ା ଜିଲ୍ଲା ପଟ୍ଟାମୁଣ୍ଡାଇ ଅନ୍ତର୍ଗତ ବେଲତଳ ଗ୍ରାମର ବନ୍ଧପଡ଼ା ଠାରେ ତାଙ୍କର ଜନ୍ମ। ମାତା ବୈଦେହୀ ଦେବୀ ଓ ପିତା ନିରଞ୍ଜନ ଦାଶଙ୍କ କୋଳମଣ୍ଡନ କରି ସେ ୧୯୫୯ ମସିହା ଶ୍ରାବଣ ଶୁକ୍ଳ ସପ୍ତମୀ ଇଂରାଜୀ ଅଗଷ୍ଟ ୧୦ ତାରିଖ ଦିନ ଭୂମିଷ୍ଠ ହୋଇଥିଲେ। ଅଧିକାରୀ ବ୍ରାହ୍ମଣ ପରିବାର। ଉଭୟ ପିତାମାତା ଥିଲେ ଅତ୍ୟନ୍ତ ଶ୍ରଦ୍ଧାଶୀଳ ସଂସ୍କାର ସମ୍ପନ୍ନ ସାଧୁସନ୍ଥ ଅନୁରାଗୀ ନିଷ୍ପାପର ବ୍ୟକ୍ତି। ଗୁରୁ ପରମ୍ପରା ଥିଲା



ତାଙ୍କର କୌଳିକ ବୃତ୍ତି। ସାଧୁଙ୍କ ଭବିଷ୍ୟତ ବାଣୀଙ୍କୁ ଆଧାର କରି ପରିବାର ଲୋକେ ନବଜାତ ଶିଶୁର ନାମ ରଖିଥିଲେ ତ୍ରିଲୋକୀ। ପିଲାଟି ଦିନରୁ ତାଙ୍କ ଭିତରେ ବିଶେଷ ବିଶେଷତା ପରିଲକ୍ଷିତ ହେଉଥିଲା। ୧୯୯୫ ମସିହା ଏପ୍ରିଲ ୨୫ ତାରିଖ ଦିନ ଗୁରୁ ହରିହରାନନ୍ଦଙ୍କ ଠାରୁ ସେ ସନ୍ନ୍ୟାସ ଦୀକ୍ଷା ପ୍ରାପ୍ତ ହୋଇଥିଲେ। ସେବେଠାରୁ ଅଧ୍ୟାପକ ତ୍ରିଲୋକୀ ଦାଶ ସର୍ବତ୍ର ସ୍ୱାମୀ ପ୍ରଜ୍ଞାନାନନ୍ଦ ଗିରି ଭାବରେ ପରିଚିତ ହେଲେ। ପିଲାଟି ଦିନରୁ ସେଥିଲେ ନିବୃତ୍ତି ମାର୍ଗର ଅନୁରାଗୀ। ଏହି ସବୁ ସତ୍ତ୍ୱେ ସେ ଥିଲେ ଅତ୍ୟନ୍ତ ମେଧାବୀ, ବନ୍ଧୁବତ୍ସଳ, ଗୁରୁନିଷ୍ଠ, ପରୋପକାରୀ। ବିଦ୍ୟାଳୟର ଶିକ୍ଷକ ମାନଙ୍କ ପ୍ରତି ଥିଲା ତାଙ୍କର ଅଶେଷ ଶ୍ରଦ୍ଧା ସମ୍ମାନ।

ଗୁରୁଙ୍କ ବାଣୀକୁ ମନ୍ତ୍ର ଭଳି ଜ୍ଞାନକରି ଜୀବନ ନିର୍ବାହ କରୁଥିବା ସେ ଜଣେ ବିଲକ୍ଷଣ ସାଧୁ। ଏକ ନିଷ୍ଠ ସାଧନା ଓ କଠୋର ତପସ୍ୟା ଦ୍ୱାରା ସେ ବିପୁଳ ସିଦ୍ଧିର ଅଧିକାରୀ ହୋଇପାରିଛନ୍ତି। ଏବେ ବିଶ୍ୱର ବହୁ ସ୍ଥାନରେ ଅଗଣିତ ସାଧକ ସାଧିକା ତାଙ୍କ ମାର୍ଗ ଦର୍ଶନରେ ସାଧନା କରୁଛନ୍ତି। ଦେଶବିଦେଶରେ ଅନେକ ଆଶ୍ରମ ଓ କ୍ରିୟାଯୋଗ ସାଧନ କେନ୍ଦ୍ର ଗଠନ କରାଯାଇ ଲୋକ ମାନଙ୍କର ସେବାରେ ସମର୍ପିତ ଅଛନ୍ତି। ଏତେ ସବୁ ବୈଭବ ସତ୍ତ୍ୱେ ମଧ୍ୟ ସେ ପାର୍ଥିବ ଆକର୍ଷଣରୁ ମୁକ୍ତ ରହି ନିତ୍ୟ ପରମାର୍ଥ ରାଜ୍ୟରେ ମଗ୍ନ ଥାଆନ୍ତି। ପ୍ରେମ, ପବିତ୍ରତା, ବିନମ୍ରତା ଓ ପ୍ରଖର ପ୍ରଜ୍ଞାର ସେ ଏକ ମୂର୍ତ୍ତିମନ୍ତ ବିଗ୍ରହ। ସାରା ବିଶ୍ୱ ଭ୍ରମଣ କରି ସେ ସନାତନ ଧର୍ମ, ସଂସ୍କୃତି ଓ କ୍ରିୟାଯୋଗର ପ୍ରଚାର ପ୍ରସାର କରିବା ସହିତ ବିଶ୍ୱ ଭ୍ରାତୃତ୍ୱର ପ୍ରତିଷ୍ଠା ପାଇଁ ଉଦ୍ୟମରତ ଅଛନ୍ତି। ସାରା ବିଶ୍ୱରେ ଏତେ କାର୍ଯ୍ୟ କରୁଛନ୍ତି, ଏତେ ସବୁ ଅନୁଷ୍ଠାନ ତାଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିଲେ ମଧ୍ୟ ସବୁ ଅନୁଷ୍ଠାନକୁ ସେ ଗୁରୁଙ୍କ ନାମରେ ନାମିତ କରିଛନ୍ତି। ଆଚରଣ ଓ ଉଚ୍ଚାରଣକୁ ଏକ କରି ତ୍ୟାଗ, ବୈରାଗ୍ୟଧରି ସେ ନିତ୍ୟ ସାଧନରତ ଅଛନ୍ତି।

ତାଙ୍କର ଦୃଷ୍ଟିକୋଣ ଭିନ୍ନ। ଏକ ବିଶାଳ ହୃଦୟ ନେଇ ସେ ସଂସାରକୁ ଈଶ୍ୱର ଜ୍ଞାନରେ ସେବା କରନ୍ତି। ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ହରିହରାନନ୍ଦ ଦାତବ୍ୟ ଚିକିତ୍ସାଳୟ ଦେଶର ବିଭିନ୍ନ ପ୍ରାନ୍ତରେ କାର୍ଯ୍ୟ କରୁଛି। ଅସହାୟ ଗରିବ ଛାତ୍ରଛାତ୍ରୀଙ୍କ ପାଇଁ ଗଢ଼ାଯାଇଛି ହରିହରାନନ୍ଦ ବାଲାଶ୍ରମ ଭଳି ଉନ୍ନତ ମାନର ଇଂରାଜୀ ମାଧ୍ୟମ ବିଦ୍ୟାଳୟ। ଗୋସେବା ଓ ଜୈବିକ କୃଷି କ୍ଷେତ୍ରରେ ତାଙ୍କର ଯୋଗଦାନ ଅନନ୍ୟ। ଯେତେବେଳେ ବନ୍ୟା, ବାତ୍ୟା ଭଳି ଦୈବୀଦୁର୍ବିପାକ ଆସେ ସେତେବେଳେ ସେ ନିଜେ ଅଣ୍ଟାଭିଡ଼ି ସେବା ପାଇଁ ବାହାରି ଆସନ୍ତି। ନିଜର ସମସ୍ତ ଶକ୍ତି ଖଟାଇ ସମାଜରୁ ଦୁଃଖ ଦୂର ପାଇଁ ପ୍ରୟାସ କରିଥାନ୍ତି। ଫନି ବାତ୍ୟାରେ ପ୍ରପିଡ଼ୀତ ସତାଧିକ ପରିବାରଙ୍କ ପାଇଁ ପୁରୀଠାରେ ବାସଗୃହ ନିର୍ମାଣ ହେଉ ବା ଅଗ୍ନିକାଣ୍ଡରେ ପ୍ରପୀଡ଼ିତଙ୍କୁ ନୂତନ ଗୃହ ନିର୍ମାଣ ହେଉ ଏହା ତାଙ୍କର ମହାନତା। ଏହିଭଳି ଆପଦ ବିପଦ ବେଳେ ସେ ନିଜକୁ ସମାଜ ସେବାରେ ସମର୍ପିତ କରିଥାଆନ୍ତି।

ସେ ଜଣେ ବାଗ୍ମୀ, ଶୋତ୍ରୀୟ ବ୍ରହ୍ମନିଷ୍ଠ ଶାସ୍ତ୍ରଜ୍ଞ ବିଦ୍ୱାନ ଅଟନ୍ତି। ଜଣେ ଉଚ୍ଚକୋଟୀର ବକ୍ତା। ମାନବ ନିର୍ମାଣ ଓ ଆତ୍ମ କଲ୍ୟାଣ ପାଇଁ ସେ ସତାଧିକ ଅମୂଲ୍ୟ ଗ୍ରନ୍ଥ ରଚନା କରିଛନ୍ତି। ଏହାସବୁ ପୃଥିବୀର ବିଭିନ୍ନ ଭାଷାରେ ଅନୁଦିତ ହୋଇ ଲୋକାଦୃତ ହୋଇଛି। ତାଙ୍କର ଅନେକ ପୁସ୍ତକ ବିଶ୍ୱର ବିଭିନ୍ନ ବିଶ୍ୱବିଦ୍ୟାଳୟ ଦ୍ୱାରା ପାଠ୍ୟ ପୁସ୍ତକ ଭାବେ ସ୍ୱୀକୃତ। ବିଶ୍ୱର ପ୍ରାୟ ପ୍ରମୁଖ ବିଶ୍ୱ ବିଦ୍ୟାଳୟ ମାନଙ୍କରେ ସେ ନିମନ୍ତ୍ରିତ ଅତିଥି ଭାବେ ଯୋଗ ଦେଇ ଆପଣା ସୁଚିନ୍ତିତ ବକ୍ତବ୍ୟ ଦ୍ୱାରା ବହୁଭାବେ ପ୍ରଶଂସିତ ହୋଇଛନ୍ତି। ସରଳ ଜୀବନ ଉଚ୍ଚ ଚିନ୍ତନରେ ବିଶ୍ୱାସ ରଖିଥିବା ଏହି ଭାରତୀୟ ଯୋଗୀ ମାତୃଭୂମିର ମହିମା ବର୍ଣ୍ଣନାରେ ଭାବ ବିହ୍ୱଳ ହୋଇ ଉଠନ୍ତି। ତାଙ୍କ ଭାଷାରେ ଭାରତ ଓ ଭାରତ ବର୍ଷର ସନାତନ ସଂସ୍କୃତି ବିଶ୍ୱରେ ଅଦ୍ୱିତୀୟ। ଏହା ଦେବଭୂମି, ଶ୍ରେଷ୍ଠଭୂମି, ଆଗାମୀ ଦିନରେ ଭାରତ ବିଶ୍ୱଗୁରୁର ସ୍ଥାନ ମଣ୍ଡନ କରିବ। ଆମେମାନେ ଗର୍ବିତ ଏହି ବିଶ୍ୱ ବନ୍ଦ୍ୟ ମହାପୁରୁଷ ହେଉଛନ୍ତି ଆମ ଓଡ଼ିଶା ମାଟିର ସନ୍ତାନ। ତାଙ୍କ ମହାନତାର ତୁଳନା ନାହିଁ। କରୁଣା ବିଗଳିତ ହୃଦୟଯୁକ୍ତ ଅଧ୍ୟାତ୍ମ ଆକାଶର ଏହି ବିନୟୀ ବିଭୁତିଙ୍କୁ ଆମର ପ୍ରଣାମ।

ମାଳତୀକୁଞ୍ଜ, ପ୍ଲଟ ନଂ.୫୨୬/ଡ଼ି, ସେକ୍ଟର-୧୦, ସିଡିଏ, କଟକ,
ଦୂରଭାଷ : ୮୭୬୩୧୦୭୧୨୬

# ମନେପଡ଼ନ୍ତି ବରେନ୍ଦ୍ରକୃଷ୍ଣ ଧଳ

**ବାଦଲ ଭୂୟାଁ**

କେବଳ ଓଡ଼ିଶା ନୁହେଁ ସମଗ୍ର ଭାରତ ବର୍ଷର ସାମ୍ବାଦିକତାର କ୍ଷେତ୍ରରେ ବରେନ୍ଦ୍ରକୃଷ୍ଣ ଧଳ ଜଣେ ପରିଚିତ ବ୍ୟକ୍ତିତ୍ୱ ଥିଲେ। ଓଡ଼ିଶା ବ୍ୟତୀତ ତାଙ୍କର ଉଭୟ ଇଂରାଜୀ ଓ ହିନ୍ଦୀର ନିୟମିତ ସ୍ତମ୍ଭ ବିଭିନ୍ନ ଜାତୀୟ ସ୍ତରର ଖବରକାଗଜରେ ପ୍ରକାଶ ପାଉଥିଲା। ୧୯୪୧ ମସିହା ମାର୍ଚ୍ଚ ୨୫ ତାରିଖରେ କଟକ ଜିଲ୍ଲାର ଚର୍ଚ୍ଚିକାଠାରେ ଜନ୍ମ ଗ୍ରହଣ କରିଥିଲେ ଓଡ଼ିଶାର ଜଣେ ଖ୍ୟାତିନାମା ସାମ୍ବାଦିକ ତଥା ସାହିତ୍ୟିକ ବରେନ୍ଦ୍ର କୃଷ୍ଣଧଳ। ବରେନ୍ଦ୍ର କୃଷ୍ଣଧଳଙ୍କ ନେତୃତ୍ୱରେ ଓଡ଼ିଶାର ଉପାନ୍ତ ଅଞ୍ଚଳରେ ଓଡ଼ିଆ ଭାଷା ଓ ସଂସ୍କୃତିକୁ ଗତିଶୀଳ କରିବା ନିମନ୍ତେ ଲେଖକ ସାମୁଖ୍ୟ ଗଠନ କରାଯାଇଥିଲା। ସେ ଏହି ଅନୁଷ୍ଠାନର ମହାସଚିବ ଭାବରେ କାର୍ଯ୍ୟ କରିଛନ୍ତି। ୧୯୯୦-୯୩ପର୍ଯ୍ୟନ୍ତ ସେ ନ୍ୟାସନାଲ ଇୟୁନିଅନ ଅଫ ଜର୍ଣ୍ଣାଲିଷ୍ଟ ସଭାପତି ଭାବରେ କାର୍ଯ୍ୟ କରିଥିଲେ। ସେ ପ୍ରତିବର୍ଷ ଫେବୃଆରୀ ମାସରେ ଅନୁଷ୍ଠିତ ହେଉଥିବା ଭୁବନେଶ୍ୱର ପୁସ୍ତକ ମେଳା ଆରମ୍ଭ କରିଥିଲେ। ବରେନ୍ଦ୍ର କୃଷ୍ଣ ଓଡ଼ିଆ ଓ ବଙ୍ଗଳା ଭାଷାରେ ୧୯ଟି ପୁସ୍ତକ ରଚନା କରିଥିଲେ। ସନ୍ଧ୍ୟାର ମୁକୁର, ବିଦଗ୍ଧ ବିହଙ୍ଗୀ, କବର, ନାୟିକ, ନିଶୀଥ ପ୍ରେମ ପରି ଅନେକ ଉପନ୍ୟାସ ରଚନା କରି ବହୁ ସମ୍ମାନର ଅଧିକାରୀ ହୋଇଥିଲେ। ଜଣେ ଗୁଣଗ୍ରାହୀ ବନ୍ଧୁବତ୍ସଳ ଓ ମେଳାପୀ ସ୍ୱଭାବର ବରେନ୍ଦ୍ର ବାବୁ ପଢ଼ାପଢ଼ି କରିବାକୁ ବହୁତ ଭଲ ପାଆନ୍ତି। ସେ ବ୍ୟକ୍ତିଗତ ଭାବେ ଏକ ପାଠାଗାର ମଧ୍ୟ ତିଆରି କରିଥିଲେ। ଓଡ଼ିଶା ସାହିତ୍ୟ, ଓଡ଼ିଶା ଇତିହାସ, ଓଡ଼ିଶାରେ ସାମ୍ବାଦିକତା ଉପରେ ତାଙ୍କର କିଛି ପୁସ୍ତକ ସାମ୍ବାଦିକତା ପାଠ୍ୟକ୍ରମ ପାଇଁ ଏକ ସଂଗ୍ରହଣୀୟ ବହି ଭାବେ ପରିଗଣିତ। ବିଭିନ୍ନ ସମାଜ ସେବା ସଂଗଠନ ସହ ସେ ଜଡ଼ିତ ଥିଲେ ଓ ଅନେକ ସାମାଜିକ ସଂଗଠନର ପୃଷ୍ଠପୋଷକତା କରିବା ସହ ମାର୍ଗଦର୍ଶନ ମଧ୍ୟ କରୁଥିଲେ। ୨୦୧୬ ମସିହା ଆଜିର ଦିନରେ ତାଙ୍କର ପରଲୋକ ହୋଇଥିଲା।

ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍', ପୁରୁଣା ସୋନାରି, ଜାମସେଦପୁର,
ଦୂରଭାଷ : ୭୪୮୮୯୯୮୫୩୨

# ଜମିରହିଥିବା ପାଣିକୁ ନିଷ୍କାସନ କଲାନି ପୂର୍ତ୍ତବିଭାଗ

## ଉତ୍କଳ ସାମ୍ବାଦିକ ସଂଘର ଏଭଳି ମହନୀୟ କାର୍ଯ୍ୟକୁ ବିଭିନ୍ନ ମହଲରେ ପ୍ରଶଂସା

**ଦଶରଥପୁର,(ମହାଭାରତ) :** ଦଶରଥପୁର ବ୍ଲକର ମଙ୍ଗଳପୁର ବଜାର ଏକ ପ୍ରମୁଖ ବ୍ୟବସାୟିକ କେନ୍ଦ୍ର ଅଟେ । ଏହି ବଜାର ଉପରେ ଦଶରଥପୁର ବ୍ଲକ, ବିଂଝାରପୁର ବ୍ଲକ, ଧାମନଗର ବ୍ଲକ, ରାଜକନିକା ବ୍ଲକ, ଚାନ୍ଦବାଲି ବ୍ଲକ ସମେତ ତିନୋଟି ଜିଲ୍ଲାର ଜନସାଧାରଣ ନିର୍ଭର କରିଥାନ୍ତି । ଏହି ବଜାରରେ ଗୋଟିଏ ସବରେଜିଷ୍ଟର ଅଫିସ, ମଙ୍ଗଳପୁର ଥାନା, ମଙ୍ଗଳପୁର ବାଳିକା ମହାବିଦ୍ୟାଳୟ, ମଙ୍ଗଳପୁର ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର, ସରସ୍ୱତୀ ଶିଶୁ ମନ୍ଦିର, ମଙ୍ଗଳପୁର ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟ, ତିନି ଚାରିଟି ଇଂଲିଶ ମିଡିୟମ ସ୍କୁଲ, ୪ଟି ଜାତୀୟ କରଣ ବ୍ୟାଙ୍କ, ୪ ଟି କମ୍ପାନୀର ୨ ଚକିଆ ଗାଡି ସୋରୁମ, ମୁଖ୍ୟ ଡାକଘର, ସମେତ ୨ ଟି ଘରୋଇ ବ୍ୟାଙ୍କ ସମେତ ୧ ୨ ସହରୁ ଉର୍ଦ୍ଧ ଦୋକାନ ବଜାର ରହିଛି । ଏତେ ଗୁଡିଏ ଅନୁଷ୍ଠାନରେ ଭରପୁର ମଙ୍ଗଳପୁର ବଜାର ସବୁବେଳେ ଜନଗହଳିରେ ପରିପୂର୍ଣ ହୋଇ ରହିଥାଏ ।







ବଜାର ମଧ ଦେଇ ଯାଇଥିବା ଜାତୀୟ ରାଜପଥଟି ସବୁବେଳେ ଗହଳି ହେଉ ଥିବାରୁ ଗାଡି ମଟର ଚଳପ୍ରଚଳରେ ବହୁତ ଅସୁବିଧା ହୋଇଥାଏ । ଏପରିକି ବଜାର ମଧରେ ଅନେକ ସମୟରେ ଭିଡ଼ ଲାଗିରହୁଥିବାରୁ ମେଡିକାଲ ଆମ୍ବୁଲାନ୍ସ, ଦମକଳ ଗାଡି, ସ୍କୁଲ ଗାଡି ଓ ପୋଲିସ ଗାଡି ଭଳି ଜରୁରୀ କାଳୀନ ଗାଡି ଗୁଡିକୁ ମଧ ଦୀର୍ଘ ସମୟ ଅପେକ୍ଷା କରିବା ପାଇଁ ପଡିଥାଏ । ଏହାକୁ ଦୃଷ୍ଟିରେ ରଖି ସରକାର ମଙ୍ଗଳପୁର ୟୁନିୟନ ବ୍ୟାଙ୍କ ଠାରୁ କାରାଣ୍ଡିପୁର ଛକ ପର୍ଯ୍ୟନ୍ତ ବାଇପାସ ରାସ୍ତା ନିର୍ମାଣ କରିଥିଲେ । ହେଲେ ଏହି ରାସ୍ତା ମଝିରେ ବିଭିନ୍ନ ସ୍ଥାନରେ ବଡ ବଡ ଗାଡ଼ ସୃଷ୍ଟି ହୋଇ ଥିବା ବେଳେ ଗାଡି ମଟର ଯାତାୟତ ସମୟରେ ଅନେକ ସମୟରେ ବିଭିନ୍ନ ଦୁର୍ଘଟଣା ଘଟୁଥିବା ଦେଖିବା ପାଇଁ ମିଳିଛି । ଏ ସମ୍ପର୍କରେ ଗଣ ମାଧମ ପ୍ରତିନିଧି ମାନେ ବାରମ୍ବାର ଖବର ପ୍ରସାରଣ କରିଥିଲେ ମଧ ପ୍ରଶାସନ ତଥା ପୂର୍ତ୍ତ ବିଭାଗ ପକ୍ଷରୁ କୌଣସି ପଦକ୍ଷେପ ନିଆଗଲା ନାହିଁ । ଏହାର ପ୍ରତିବାଦରେ ଆଜି ଦଶରଥପୁର ବ୍ଲକ ଉତ୍କଳ ସାମ୍ବାଦିକ ସଂଘର ସଭାପତି ଜୟପ୍ରକାଶ ନାୟକଙ୍କ ନେତୃତ୍ୱରେ ସଂଘର ସମ୍ପାଦକ ସତ୍ୟରଞ୍ଜନ ସାହୁ, ବରିଷ୍ଠ ସଭ୍ୟ ଆନନ୍ଦ ଚନ୍ଦ୍ର ବାରିକ, ସଭ୍ୟ ସୀତାଂଶୁ ଶେଖର ଯେନା,ସଞ୍ଜୟ ରାୟ, ମନୋରଞ୍ଜନ ମଲ୍ଲିକ,ସରୋଜ ପଣ୍ଡା, ରାକେଶ ସାହୁ ପ୍ରମୁଖ ପ୍ରମୁଖ ଶାବଳ କୋଦାଳ ସାହାଯ୍ୟରେ ରାସ୍ତାରେ ହୋଇଥିବା ଗାଡ଼ରେ ଜମି ରହିଥିବା ପାଣିକୁ ନାଳ ଖୋଳି ନିଷ୍କାସନ କରିଥିଲେ । ଉତ୍କଳ ସାମ୍ବାଦିକ ସଂଘର ସାମ୍ବାଦିକ ମାନଙ୍କର ଏତାଦୃଶ୍ୟ କାର୍ଯ୍ୟକୁ ଥାଲକୁଡ଼ି ପଞ୍ଚାୟତର ବିଯୁଜନତା ଦଳର ସଭାପତି ବିଜୟ ପାତ୍ର, ସମାଜସେବୀ ପ୍ରମୋଦ କୁମାର ପଣ୍ଡା, ବରିଷ୍ଠ ବ୍ୟବସାୟୀ କ୍ଷୀରୋଦ ଶତପଥୀ, ସିପିଆଇ ନେତା ମଳୟ କୁମାର ପଣ୍ଡା, ଯୁବ ବ୍ୟବସାୟୀ ରାକେଶ କୁମାର ଜେନା ପ୍ରମୁଖଙ୍କ ସମେତ ଅଞ୍ଚଳବାସୀ ବେଶ ପ୍ରଶଂସା କରିଛନ୍ତି । ଏହି ରାସ୍ତାରେ ଆହୁରି କିଛି ସ୍ଥାନରେ ଜମି ରହିଥିବା ପାଣିକୁ ଆଗାମୀ ଦିନରେ ନିଷ୍କାସନ କରାଯିବ ବୋଲି କହିବା ସହ ଏମିତି ଜନହିତକର କାର୍ଯ୍ୟ ଜାରିରହିବ ବୋଲି ସଂଘର ବରିଷ୍ଠ ସଭ୍ୟ ଆନନ୍ଦ ଚନ୍ଦ୍ର ବାରିକ ମତପ୍ରକାଶ କରିଛନ୍ତି ।

# ନିମ୍ନ ମାନର ବିଦ୍ୟାଳୟ ଛାତ ମରାମତି କରି ଠିକାଦାର ମାଲେମାଲ

**କନ୍ଧମାଳ,(ମହାଭାରତ) :** ଜିଲ୍ଲା କନ୍ଧମାଳ ବ୍ଲକର ଗାର୍ଦ୍ଦିକିଆ ସେବାଶ୍ରମ ବିଦ୍ୟାଳୟରେ ସ୍କୁଲ ଛାତରୁ ଗଳୁଛି ପାଣି । ଛାତରୁ ପାଣି ଗଳିବାରୁ ଛାତ୍ରଛାତ୍ରୀ କ୍ଲାସ ରୁମରେ ପାଠ ନ ପଢି ହଷ୍ଟେଲର ଖଟ ଉପରେ ବସି ପଢୁଥିବା ଦୃଶ୍ୟ ଦେଖିବାକୁ ମିଳିଛି ।ଅବ୍ୟବସ୍ଥା ମଧରେ ଖଟରେ ବସି ପଢା ଚାଲିଥିବିରୁ ଶିକ୍ଷକ ମାନେ ପାଠ ପଢାଇବାରେ ବହୁ ଅସୁବିଧାର ସମ୍ମୁଖିନ ହୋଉଥିବା କହିଛନ୍ତି । ଏହି ସେବାଶ୍ରମ ରେ ପ୍ରଥମ ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୫୪ଜଣ ଛାତ୍ରଛାତ୍ରୀ ଅଛନ୍ତି ସେଥି ମଧରୁ ୪୦ଜଣ ଛାତ୍ର ହଷ୍ଟେଲରେ ରହି ପାଠ ପଢୁଛନ୍ତି ।ଶ୍ରେଣୀ ଗୃହ ଗୁଡିକ କମ ଦିନ ଭିତରେ ଆଇଟିଡିଏ ତରଫରୁ ମରାମତି କରାଯାଇଥିଲେ ମଧ ନିମ୍ନ ମାନର କାମ ଯୋଗୁଁ ଛାତରୁ ପାଣି ଗଳିବା ସହିତ କାନ୍ଥ ସନ୍ଥଉଥିବା ଅଭିଯୋଗ ହୋଇଛି । ଏ ବିଷୟରେ ପ୍ରଧାନ ଶିକ୍ଷକ ଡ୍ଲଇଓ,ଡିଡ୍ଲଇଓ ଙ୍କୁ ବାରମ୍ବାର ଜଣାଇଥିଲେ ମଧ ଏଥିପ୍ରତି ଦୃଷ୍ଟି ନ ଦେବା ଶିକ୍ଷା ବିଭାଗର ବିକଳ ଚିତ୍ର ଉପରେ ଆଙ୍ଗୁଳି ନିର୍ଦ୍ଦେଶ ହୋଉଅଛି । କିଭଳି କନ୍ଧମାଳ ଜିଲ୍ଲାରେ ଶିକ୍ଷା ବିଭିଗର ଶିକ୍ଷାର ବିକାଶ ସରକାର ଓ ପ୍ରଶାସନ କରୁଛନ୍ତି ଏହି ଦୃଶ୍ୟରୁ ବାରୀ ହେଇ ପଡୁଛି କ୍ଷବର୍ଷା ହେଲେ ଛାତରୁ ପାଣି ଗଳିବାରୁ ପିଲାମାନଙ୍କ ବହି, ଖାତା ପାଣି ଭିଜି ନଷ୍ଟ ହୋଇଯାଉଥିବା କହିଛନ୍ତି ପଚଂମ ଶ୍ରେଣୀ ଛାତ୍ର ।ମରାମତି କାର୍ଯ୍ୟରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ବିଲ୍ ହୋଇଛି ତଥାପି କ୍ଲାସ ରୁମରେ ପାଣି ଗଳିବାରୁ ପିଲା ପାଠ ନ ପଢିପାରିବା ପରିତାପର ବିଷୟ ଅଟେ କ୍ଷସରକାରଙ୍କ ସଭିଏ ପଢିବେ ସଭିଏ ବଢିବେ ନାରା ନାରାରେ ହିଁ ରହିଯାଇଥିବା ଦେଖିବାକୁ ମିଳିଛି । ନିମ୍ନ ମାନର ମରାମତି କାର୍ଯ୍ୟ ପାଇଁ ଛାତ୍ରଛାତ୍ରୀ ପଢିପାରୁ ନାହାଁନ୍ତି କ୍ଲସ ରୁମରେ । ଯୁଆଡେ ଦେଖିବ ପାଣି ହିଁ ପାଣି ରହିଛି କ୍ଲାସ ରୁମ ଗୁଡିକରେ । ମରାମତି କାର୍ଯ୍ୟ କରିଥିବା ଠିକାଦାର ଓ ଦାଇତ୍ୱ ରେ ଥିବା ଜେଇଇଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି ଗ୍ରାମବାସୀ ।



# ରାଜ୍ୟ ବିଜେପି ସଭାପତି ମନ ମୋହନ ସାମଲଙ୍କୁ ଦାବିପତ୍ର ପ୍ରଦାନ



**ଗଜପତି,(ମହାଭାରତ) :** ରାଜ୍ୟ ବିଜେପି ସଭାପତି ମନ ମୋହନ ସାମଲ ଏକ ଦିନିଆ ଗଜପତି ଜିଲ୍ଲା ଗସ୍ତରେ ଆସିଥିଲେ । ଏହି ସମୟରେ ସର୍କିଟ ହାଉସ ଠାରେ ଜିଲ୍ଲା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ସଂଗଠନ ଗଜପତି (PSTA )ପକ୍ଷରୁ ପ୍ରାଥମିକ ଶିକ୍ଷକର ବିଭିନ୍ନ ସମସ୍ୟା ସମାଧାନ କରିବା ନିମନ୍ତେ ବିଜେପି ସଭାପତି ମନମୋହନ ସାମଲଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି ବୋଲି ଉପ ସଭାପତି ବି. ଗୋପାଳ ରାଓ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏହି ଦାବୀପତ୍ରରେ ତିନି ଗୋଟି ଦାବୀ ନେଇ ଉଲ୍ଲେଖ ରହିଥିବାର ଦେଖିବାକୁ ମିଳିଛି। ଦାବୀ ଗୁଡିକ ହେଲା ଅନ୍ୟ ବିଭାଗ ଭଳି ପ୍ରାଥମିକ ଶିକ୍ଷା ରୁ ଠିକା ଚୁକ୍ତି ଭିତ୍ତିକ ନିର୍ଯୁକ୍ତି ଉଚ୍ଛେଦ କରି ନିୟମିତ ଶିକ୍ଷକ ନିଯୁକ୍ତି କରାଯାଉ ଓ ୬/ ୮ ବର୍ଷର ସ୍ୱେଚ୍ଛାସେବୀ ଶିକ୍ଷା ସହାୟକ , ଶିକ୍ଷା ସହାୟକ ଓ ଚୁକ୍ତି ଭିତ୍ତିକ କନିଷ୍ଠ ଶିକ୍ଷକ କାର୍ଯ୍ୟକାଳକୁ ୬/ ୮ ଟି ନୋସନାଲ ଇନକ୍ରିମେଣ୍ଟ ଦେଇ ମୂଳ ଚାକିରୀରେ ଗଣନା କରାଯାଉ ।ଅନ୍ୟ ରାଜ୍ୟ ଭଳି ସମସ୍ତ ପ୍ରାଥମିକ ଶିକ୍ଷକ ମାନଙ୍କୁ କେନ୍ଦ୍ରୀୟ ହାରରେ ମୂଳ ଦରମା ୩୫, ୪୦୦ ଟଙ୍କା ଦରମା ଦିଆଯାଉ। ଝାଡ଼ଖଣ୍ଡ, ଛତିଶଗଡ଼, ରାଜସ୍ଥାନ, ପଞ୍ଜାବ ଓ ପଶ୍ଚିମବଙ୍ଗ ଭଳି ଆମ ରାଜ୍ୟରେ ନୂତନ ପେନସନ ଯୋଜନାକୁ ଉଚ୍ଛେଦ କରି ପୁରୁଣା ପେନସନ ପୁନଃ ପ୍ରଚଳନ କରାଯାଉ ବୋଲି ଦାବୀ ରହିଥିଲା ବୋଲି ଗଣମାଧମ କୁ ସୂଚନା ଦେଇଛନ୍ତି।

# ପ୍ରଥମ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ବଡମାଷ୍ଟେଙ୍କ ଶ୍ରାଦ୍ଧ ଦିବସ ପାଳିତ

**ବାଣପୁର,(ମହାଭାରତ) :** ଖୋର୍ଦ୍ଧା ଜିଲ୍ଲା ବାଣପୁର ନିକଟସ୍ଥ ଭୀମପୁର ଗ୍ରାମର ସର୍ବପୁରାତନ ଶିକ୍ଷାନୁଷ୍ଠାନ, ପଣ୍ଡିତ ଗୋଦାବରୀଶ ମିଶ୍ର ଅଧ୍ୟୟନ କରିଥିବା ଭରନା କୁଲାର ସ୍କୁଲର ପ୍ରଧାନଶିକ୍ଷକ ବାଣପୁର ଅଞ୍ଚଳର ପ୍ରଥମ ରାଷ୍ଟ୍ରପତି ପୁରଷ୍କାରପ୍ରାପ୍ତ ବଡ଼ମାଷ୍ଟ୍ରେ ଭାବରେ ପରିଚିତ ସ୍ୱର୍ଗତ ହରେକୃଷ୍ଣ ପଟ୍ଟନାୟକଙ୍କ ୨୧ତମ ଶ୍ରାଦ୍ଧ ଦିବସ ବାନାମ୍ବରଏକାଡ଼େମୀ ପରିସରରରେ ପାଳିତ ହୋଇଯାଇଛି । ଏକାଡ଼େମୀର ପୂର୍ବତନ ପ୍ରଧାନଶିକ୍ଷକ ଆନନ୍ଦ ଚନ୍ଦ୍ରସେନାପତିଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସଭାରେ ଅଧାପକ ସଂଗ୍ରାମ କେଶରୀ ସାହୁ, ଡ଼ଃଚାନ୍ଦକିଶୋର ତ୍ରିପାଠୀ, ଶିକ୍ଷାବିତ୍ ବାଳମୁକୁନ୍ଦ ଦାସ, ମଧୁସୂଦନ ନନ୍ଦ, ବିଭୂତି ଭୂଷଣ ନନ୍ଦ, ବୈରାଗୀ ଚରଣ ବେହେରା, ଲକ୍ଷ୍ମୀଧର ସାହୁ, ରାସବିହାରୀ ସାହୁ, ଶଙ୍କର ନାୟକ ପ୍ରମୁଖ ଯୋଗ ଦେଇ ତାଙ୍କ ଶିକ୍ଷକ ଜୀବନରେ କିପରି ଶତଶତ ଉତ୍ତମ ଆଦର୍ଶଛାତ୍ରଛାତ୍ରୀ ସୃଷ୍ଟି କରିବା ସହିତ ଭୀମପୁର ଗ୍ରାମରେ ମାଇନର ସ୍କୁଲ ଓ ହାଇସ୍କୁଲ୍ ପ୍ରତିଷ୍ଠା କରିବାରେ ତାଙ୍କ ଅବଦାନ ପ୍ରତି ସ୍ମୃତି ଅର୍ଘ୍ୟ ଅର୍ପଣ ପୂର୍ବକ ତାଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସଭା ଆରମ୍ଭରେ ଏକାଡେମୀ ଛାତ୍ରଛାତ୍ରୀଙ୍କ ତରଫରୁ ସ୍ୱାଗତ ସଂଗୀତ ଗାନ କରାଯାଇଥିଲା। ଚଳିତବର୍ଷର ଦଶମ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଛାତ୍ର ଶ୍ରୀମାନ କୃତିବିଦ୍ୟ ମହାପାତ୍ରଙ୍କୁ ହରେକୃଷ୍ଣ ପଟ୍ଟନାୟକ ସ୍ମାରକୀ ପୁରଷ୍କାର ପ୍ରଦାନ କରାଯାଇଥିଲା । ଶେଷରେ ପୁତ୍ର ଅରୁଣ କୁମାର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ ।



# ବଡ଼ମାଲର ଜ୍ଞାନ ବିଜ୍ଞାନ ମେଳା

**ଟିଟିଲାଗଡ,(ମହାଭାରତ) :** ସଇଁତଲା ଗଣ୍ଡପତ୍ରାପାଳି ଗ୍ରାମପଞ୍ଚାୟତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ବଡ଼ମାଲ ର ବିଦ୍ୟାଳୟ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଅନୁଷ୍ଠିତ ହୋଇ ଯାଇଅଛି । ପ୍ରଧାନ ଆଚାର୍ଯ୍ୟ ସରୋଜ କୁମାର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୂର୍ବତନ ଯୁଗ୍ମ ସମ୍ପାଦକ ଦୁର୍ଯ୍ୟୋଧନ ସ୍ୱାଇଁ ମୁଖ୍ୟ ଅତିଥି ଭାବରେ ଏବଂ ପରିଚାଳନା ସମିତିର ସମ୍ପାଦକ ଫିରୋଜ କୁମାର ବଗର୍ତ୍ତୀ, ସହ ସମ୍ପାଦିକା ବବିତା ସାହୁ, ବିଦ୍ୱତ୍ ପରିଷଦ ଅଧକ୍ଷ ହରେକୃଷ୍ଣ ବଗର୍ତ୍ତୀ ଏବଂ ଯୁବ ସାମ୍ବାଦିକ ଗୋକୁଳାନନ୍ଦ ବଗର୍ତ୍ତୀ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଶିଶୁମାନଙ୍କୁ ଉତ୍ସାହିତ କରିଥିଲେ । ବିଦ୍ୟାଳୟର ବିଜ୍ଞାନ ପ୍ରମୁଖ ଆଚାର୍ଯ୍ୟ ଜିତେନ୍ଦ୍ରିୟ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଶିଶୁ ବାଟିକା, ପ୍ରାକ୍ ଶିଶୁ ବର୍ଗ, ଶିଶୁ ବର୍ଗ, ବାଲ ବର୍ଗ ଏବଂ କିଶୋର ବର୍ଗ ରେ ମୋଟ୍ ୧୮୦ ଜଣ ଛାତ୍ର ଛାତ୍ରୀ ଅଂଶ ଗ୍ରହଣ କରିଥିଲେ । ଏଥିରେ ମୋଟ୍ ୮୨ ଟି ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା । ଆଚାର୍ଯ୍ୟ ଚୁଡ଼ାମଣି ମହାଲିଙ୍ଗ ମଞ୍ଚ ପରିଚାଳନା କରିଥିଲେ ଏବଂ ଆଚାର୍ଯ୍ୟା ଜୁଲୀ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ବିତରଣ କରା ଯାଇଥିଲା । କାର୍ଯ୍ୟକ୍ରମକୁ ସାଫଲ୍ୟ ମଣ୍ଡିତ କରିବାରେ ସମସ୍ତ ଗୁରୁଜୀ ଗୁରୁମା ତଥା ସେବକ ସେବିକା ସହଯୋଗ କରିଥିଲେ ।



# ନୂତନ ଜିଲ୍ଲାପାଳ ଭାବେ ଯୋଗଦେବେ ଡଃ ଶୁଭଙ୍କର ମହାପାତ୍ର



**ନବରଙ୍ଗପୁର,(ମହାଭାରତ) :** ପ୍ରଶାସନିକ ସ୍ତରରେ ବଡ଼ ଧରଣର ଅଦଳ ବଦଳ ହେଇଛି । ରାଜ୍ୟରେ ବଦଳିଛନ୍ତି ୧୭ ଜଣ ଜିଲ୍ଲାପାଳ, ବୁଧବାର ବିଳମ୍ବିତ ରାତିରେ ଏନେଇ ସାଧରଣ ପ୍ରଶାସନ ଓ ଅଭିଯୋଗ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି, ନବରଙ୍ଗପୁର ଜିଲ୍ଲାର ଜିଲ୍ଲାପାଳ ଡଃ କମଳ ଲୋଚନ ମିଶ୍ର ଙ୍କୁ ଓଡିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବେ ବଦଳି କରାଯଇ ଥିବା ବେଳ ଗ୍ରାମ୍ୟ ଉନ୍ନୟନ ବିଭାଗ ର ନିର୍ଦ୍ଦେଶକ ଡଃ ଶୁଭଙ୍କର ମହାପାତ୍ରଙ୍କୁ ଭା.ପ୍ର.ସେ ନବରଙ୍ଗପୁର ଜିଲ୍ଲାର ଜିଲ୍ଲାପାଳ ଭାବେ ବଦଳି ହୋଇଥିବା ପ୍ରକାଶ ପାଇଛି । ଡଃ ଶୁଭଙ୍କର ମହାପାତ୍ର ୨୦୧୮ ବେଚ ର ପ୍ରଶାସନିକ ଅଧିକାରୀ ଏଥୂ ପୂର୍ବରୁ ସେ ରାଉରକେଲା ମୁନିସିପାଲିଟି କମିଶନର ଭାବେ କାର୍ଯ୍ୟରତ ଥିଲେ ଏବଂ ଯାଜପୁର ଜିଲ୍ଲା ଜିଲ୍ଲାପାଳ ଭାବେ ମଧ କାର୍ଯ୍ୟ କରିଛନ୍ତି।

# ସବୁଜ ସୁନ୍ଦର କୋରେଇ ଅଭିଯାନ ଶୁଭାରମ୍ଭ

**କୋରେଇ,(ମହାଭାରତ) :** ଭାଜପା ବିଧାୟକ ଆକାଶ ଦାସ ନାୟକ ପୁଣି ସବୁଜ ସୁନ୍ଦର କୋରେଇ ଅଭିଯାନର ଶୁଭାରମ୍ଭ କରିଛନ୍ତି । ବୁଧବାର କୋରେଇ ବ୍ଲକ ଅଧୀନ ଖମଣ ପଞ୍ଚାୟତ ଶଙ୍ଖଚିଲା ହିଙ୍ଗୁଳା ପୀଠରେ ମା'ଙ୍କୁ ଦର୍ଶନ ପରେ ଶଙ୍ଖଚିଲା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଦାସନାୟକ ଚାରାରୋପଣ କରି ଅଭିଯାନରେ ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଶଙ୍ଖଚିଲା ହିଙ୍ଗୁଳା ଉଚ୍ଚ ବିଦ୍ୟାପୀଠ, ବଡ଼େଇଟିକର ବୁଢୀ ବାସୁଲେଇ ପୀଠରେ ଚାରାରୋପଣ କରାଯାଇଛି । ଏଥିସହିତ ଶଙ୍ଖଚିଲା ବଜାର, ମଠପାଟଣା, ବଡେଇଟିକର, ଠାକୁରପାଟଣା ଗ୍ରାମରେ ପିଜୁଳି, ଆମ୍ବ, ଲେମ୍ବୁ ଆଦି ବିଭିନ୍ନ ପ୍ରକାର ୪୦୦ ଚାରା ବଣ୍ଟନ କରାଯାଇଛି। ବର୍ତ୍ତମାନ ଜଳବାୟୁ ପରିବର୍ତ୍ତନ ଯୋଗୁ ବିଭିନ୍ନ ପ୍ରକାର ପ୍ରାକୃତିକ ବିପର୍ଯ୍ୟୟ ଘଟୁଛି। ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଅନେକ ଧନଜୀବନ ହାନୀ ହେଉଛି । ଗଛ ଲଗାଇବା ଦ୍ୱାରା ଏହିସବୁ ସମସ୍ୟାରୁ କିଛିମାତ୍ରାରେ ମୁକ୍ତି ମିଳିପାରିବ ବୋଲି ବିଧାୟକ କହିଛନ୍ତି। କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟିକା ସଞ୍ଚିତା ମହାନ୍ତି, ଖରସ୍ରୋତା ମଣ୍ଡଳ ପ୍ରମୁଖ ପ୍ରମୋଦ ରଥ, ନାୟକ, ସାହୁ, ଦୀପକ କୁଅଁର, ପ୍ରତାପ ରବୀନ୍ଦ୍ର ଆସନ୍ତୁ ଗଢିବା..... ସବୁଜ ସୁନ୍ଦର କୋରେଇ ସବୁଜ ସୁନ୍ଦର କୋରେଇ ରଲ ଅଭିଯାନ ଶୁଭାରମ୍ଭ କାର୍ଯ୍ୟକ୍ରମରେ ବିଧାୟକ ଆକାଶ ଦାସନାୟକ ଏବଂ ଅନ୍ୟମାନେ । ସାହୁ, ବୈତରଣୀ ମଣ୍ଡଳ ପ୍ରମୁଖ ବିଷ୍ଣୁ ଖମଣ ପଞ୍ଚାୟତ ପ୍ରମୁଖ ମୁଖ ଅକ୍ଷୟ ପୂର୍ବତନ ସରପଞ୍ଚ ପଞ୍ଚ ସୁଶାନ୍ତ ଅଜୟ ଶଙ୍କର ସାହୁ, ସୁଜିତ ସାହୁ, , ଗୋବିନ୍ଦ ଦାସ, ବାବୁ ସାହୁ, ସୁରେନ୍ଦ୍ର ସାହୁ, ସୁରେଶ ସାହୁ, ଶଙ୍କର୍ଷଣ ସାହୁ, ମାନସ ରଞ୍ଜନ ସାହୁ, ଦୀପ୍ତିମୟୀ ବିଜୟ ମହାପାତ୍ର, ପ୍ରଫୁଲ୍ଲ ସାହୁ, ରାଉ ଉତରାୟ, ସାରସ ଦାସ, ଗୋପୀନାଥ ପତି, ପ୍ରିୟବ୍ରତ ସାହୁ, ବରୁଣ୍ଡେଇ ସରପଞ୍ଚ , ପୂର୍ବତନ ସମିତିସଭ୍ୟ କୁଳମଣି ଦାସ, ଅଶୋକ ଶୋକ ବାରିକ, ଏସ୍‌କେ ଜହର ଅଲି, ଲି, ରାକେଶ ଜେନା, ବସନ୍ତ କର, ଦିବାକର ମହାପାତ୍ର, ଲକ୍ଷ୍ମୀଧର କରଣ, ସୁଶାନ୍ତ ସ୍ୱାଇଁ, ମନ୍ମଥ ଜେନା, ପ୍ରତାପ ସାହୁ, ପ୍ରଦୀପ ରାଉତ ରାଉତ, ନୀଳମଣି କର, କାର୍ତ୍ତିକ ସାହୁ, ଶୁଭଙ୍କର ଶୁଭ ମହାପାତ୍ର, ଅଜୟ ସାହୁ, ଆଲୋକ ଦାସ, ଦାମୋଦର ଖଣ୍ଡାଇ, ପ୍ରଶାନ୍ତ ନାୟକ, ସୁବ୍ରତ ସେଠୀ, ଚନ୍ଦନ ଖୁଲାର ଓ ବିଶ୍ୱନାଥ ପାଢ଼ୀ ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ। ୨ ବର୍ଷରୁ ଉର୍ଦ୍ଧ ହେବ ମିଶନ ସବୁଜ କୋରେଇ କାର୍ଯ୍ୟକ୍ରମ ଜରିଆରେ ବିଧାୟକ କୋରେଇର ନିର୍ବାଚନମଣ୍ଡଳୀର ସମସ୍ତ ପଞ୍ଚାୟତ ତଥା ଗ୍ରାମ ଏବଂ ବ୍ୟାସନଗର ପୌରପାଳିକାର ସମସ୍ତ ୱାର୍ଡରେ ଚାରାରୋପଣ କରି ଲୋକଙ୍କ ହୃଦୟ ଜିଣିବାରେ ସକ୍ଷମ ହୋଇଛନ୍ତି।







# ବ୍ଲକସ୍ତରୀୟ ଡିଜିଟାଲ ଫସଲ ସର୍ବେକ୍ଷଣ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

**ହିନ୍ଦୋଳ,(ମହାଭାରତ) :** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବ୍ଲକ ସଭାଗୃହ ପରିସରରେ ଗୁରୁବାର ଡିଜିଟାଲ ଫସଲ ସର୍ବେକ୍ଷଣ ସମ୍ପର୍କିତ ଏକ ବ୍ଲକସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବ୍ଲକସ୍ତରୀୟ କମିଟର ଅଧକ୍ଷ ହିନ୍ଦୋଳ ତହସିଲଦାର ଦିଲ୍ଲିପ କୁମାର ସେଠିଙ୍କ ପୌରହିତ୍ୟର ଅନୁଷ୍ଠିତ ଶିବିରରେ ହିନ୍ଦୋଳ ଉପଜିଲ୍ଲାପାଳ ଶିବାନନ୍ଦ ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ଡିଜିଟାଲ ଫସଲ ସର୍ବେକ୍ଷଣ ର ଆବଶ୍ୟକତା ଓ ଏହାର ପ୍ରମୁଖ ଦିଗ ଉପରେ ଆଲୋକପାତ କରିଥିଲେ। ଉକ୍ତ ଡିଜିଟାଲ ଫସଲ ସର୍ବେକ୍ଷଣ କାର୍ଯ୍ୟକ୍ରମ ଚଳିତ ଅଗଷ୍ଟମାସ ଆସନ୍ତା ୧୬ରିଖରୁ ଆରମ୍ଭ ହେବ ଏବଂଏହା ଦ୍ୱାରା ହିନ୍ଦୋଳ ବ୍ଲକ ର ମୋଟ ୩ଲକ୍ଷ ଦଶ ହଜାର ୯ଶହ ୫୨ ଟି କୃଷି ପ୍ଲଟ ର ସର୍ବେକ୍ଷଣ କାର୍ଯ୍ୟ କରାଯିବ। ଏହି କାର୍ଯ୍ୟକ୍ରମ କୁ ସମ୍ପାଦନ କରିବା ପାଇଁ ମୋଟ୍ ୭ଜଣ ମାଷ୍ଟର ଟ୍ରେନର, ୪ଜଣ ଭେରିଫାଇଙ୍ଗ ଅଧିକାରୀ,୬୯ଜଣ ସୁପରଭାଇଜର ଓ ୨୦୭ଜଣ ସର୍ଭେୟର ନିଯୋଜିତ ହୋଇ ପ୍ରଶିକ୍ଷଣ ଗ୍ରହଣ କରିଛନ୍ତି ଏବଂ ଉକ୍ତ ଡିଜିଟାଲ ଫସଲ ସର୍ବେକ୍ଷଣ କାର୍ଯ୍ୟକ୍ରମ କେନ୍ଦ୍ର ସରକାର ଙ୍କ ଏକ ସୁଦୁର ପ୍ରସାରି କୃଷକ କଲ୍ୟାଣ ନିମନ୍ତେ ଆଦର୍ଶ କାର୍ଯ୍ୟକ୍ରମ ବୋଲି ମଞ୍ଚାସିନ ଅତିଥି ପ୍ରକାଶ କରିଥିଲେ । ଏହି ତାଲିମ ଶିବିର ରେ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ର (ଆତ୍ମା)ର ସହକାରୀ ବୈଷୟିକ ପରିଚାଳକ ସମୀର କୁମାର ପଟନାୟକ ମାଷ୍ଟର ଟ୍ରେନର ଭାବ ରେ ଯୋଗଦେଇ ଉପସ୍ଥିତ ସମସ୍ତ ପ୍ରଶିକ୍ଷାର୍ଥୀ ମାନଙ୍କୁ ବୈଷୟିକ ଓ ପ୍ରଯୁକ୍ତି ବିଦ୍ୟା ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ।



# ବିଶ୍ୱ ସ୍ତନ୍ୟପାନ ସପ୍ତାହ – ୨୦୨୪

**ଗୋସାଣି,(ମହାଭାରତ) :** ସ୍ତନ୍ୟପାନ ସପ୍ତାହ ୨୦୨୪ ସ୍ଥାନୀୟ ଗୋସାଣି ବ୍ଲକ ର ବାଗଶଳା ଅଙ୍ଗନୱାଡି ଠାରେ ସେଞ୍ଚୁରିଅନ୍ ବିଶ୍ୱବିଦ୍ୟାଳୟ ର ବି.ଏସ.ସି. ନର୍ସିଂ ଛାତ୍ର ଓ ଛାତ୍ରୀ ଏବଂ କର୍ମଚାରୀ ମାନଂକ ଦ୍ୱାରା ପାଳନ କରାଗଲା। ବାଗଶଳା ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡାକ୍ତର, ସ୍ୱାସ୍ଥ୍ୟ ସହାୟକକାରୀ ଏବଂ ସହାୟକ ନର୍ସ ମିଡୱିଭ୍ (ANMs)ଙ୍କ ସକ୍ରିୟ ଅଂଶଗ୍ରହଣ ସହିତ ସେଞ୍ଚୁରିଅନ୍ ୟୁନିଭରସିଟି ବି.ଏସ.ସି. ନର୍ସିଂ ଛାତ୍ର ଓ ଛାତ୍ରୀ ଏବଂ କର୍ମଚାରୀମାନେ ନିକଟରେ ବାଗଶଳା ଅଙ୍ଗନୱାଡିରେ ସ୍ତନ୍ୟପାନ ସପ୍ତାହ ତା:- ୦୭.୦୮.୨୦୨୪ ଦିନ ପାଳନ କରିଥିଲେ। ସେଞ୍ଚୁରିଅନ୍ ୟୁନିଭରସିଟି ର ପ୍ରଶାସନର ନିର୍ଦ୍ଦେଶକ ଡ: ଦୁର୍ଗା ପ୍ରସାଦ ପାଢି ଙ୍କ ସହଯୋଗରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା ଏବଂ କାର୍ଯ୍ୟକ୍ରମ ରେ ଆମ କଲେଜର ସଂଯୋଜକ , ଉପାଧକ୍ଷ ବର ପ୍ରସାଦ ତ୍ରିପାଠି , ଅଧାପିକା ପ୍ରଫେସର ଏସ.ଏନ.ସନ୍ଧ୍ୟା ଏବଂ ଛାତ୍ରଛାତ୍ରୀ ଓ ସମସ୍ତ କର୍ମଚାରୀ ମାନେ ଯୋଗଦାନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ପ୍ରସବକାଳୀନ ଏବଂ ପ୍ରସବକାଳୀନ ମା'ମାନଙ୍କୁ ସ୍ତନ୍ୟପାନର ମହତ୍ୱ ବିଷୟରେ ଶିକ୍ଷା ଦେବା ଉପରେ ଧ୍ୟାନ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଆବଶ୍ୟକୀୟ ବିଷୟ ଯଥା ଉପଯୁକ୍ତ ସ୍ତନ୍ୟପାନ ସ୍ଥିତି, ନର୍ସିଂ ମା'ଙ୍କ ପାଇଁ ପୁଷ୍ଟିକର ଖାଦ୍ୟ, ବିଭିନ୍ନ ପ୍ରକାରର ସ୍ତନ୍ୟପାନ ଏବଂ ଶିଶୁମାନଙ୍କୁ ଖାଇବାକୁ ଦେବା ପରେ ଗୁରୁତ୍ୱ ଦିଆଯିବା ଭଳି ଏକ ସ୍ୱାସ୍ଥ୍ୟ ଶିକ୍ଷା ଆଲୋଚନା ଅନ୍ତର୍ଭୁକ୍ତ ହୋଇଥିଲା। ଏହି ପଦକ୍ଷେପଟି ହେଉଛି ନୂତନ ମାମାନଙ୍କ ମଧରେ ସଚେତନତା ଏବଂ ସମର୍ଥନକୁ ପ୍ରୋତ୍ସାହିତ କରିବା, ଉଭୟ ମା ଏବଂ ସେମାନଙ୍କର ଶିଶୁମାନଙ୍କର ସୁସ୍ଥତାକୁ ସୁନିଶ୍ଚିତ କରିବା । ଏହି ସ୍ତନ୍ୟପାନ ସପ୍ତାହ ପାଳନ ଉତ୍ସବରେ ମେଡିକାଲ୍ କର୍ମଚାରୀ, କଲେଜ ଅଧାପିକା ଏବଂ ଛାତ୍ରମାନଙ୍କ ମିଳିତ ଉଦ୍ୟମ ଯୋଗୁଁ ଏହି କାର୍ଯ୍ୟକ୍ରମ ଏକ ସଫଳ ହୋଇଥିଲା ।



ମହାଭାରତ ଅଞ୍ଚଳ କଥା
ଆପଣା ମାଟିର କଥା ଓ ବ୍ୟଥା



## ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ ପରିସରରେ ହରିୟାଲି ତୀଜ୍ ପର୍ବ ପାଳିତ




ପାରାଦୀପ(ମହାଭାରତ): ବିଗତ ବର୍ଷମାନଙ୍କ ପରି ଚଳିତ ବର୍ଷ ପାରମ୍ପାରିକ ହରିୟାଲି ତୀଜ୍ ପର୍ବ ଜେଏସଡବ୍ଲ୍ୟୁ ପାରାଦୀପ ମଧୁବନସ୍ଥିତ କାର୍ଯ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ସାଧାରଣତଃ ଶ୍ରାବଣ ମାସରେ ମୌସୁମୀର ଆଗମନ ସାରା ପରିବେଶକୁ ସବୁଜ ସୁନ୍ଦର ହୋଇଥାଏ । ଧାରାପୃଷ୍ଟରେ ହରିୟାଲିର ଏକ ଅନନ୍ୟ ଅନୁଭବ ଦେଖା ଦେଇଥାଏ । ଏହି ମାସରେ ଭଗବାନ ଶିବ ଓ ମାଆ ପାର୍ବତୀଙ୍କ ମିଳନକୁ ସ୍ମରଣ କରିବା ପାଇଁ ଏହି ପର୍ବ ପାଳନ କରାଯାଇଥାଏ । ଚଳିତ ବର୍ଷ ଶ୍ରାବଣ ମାସ ଶୁକ୍ଳ ପକ୍ଷ ତୃତୀୟା ତିଥିରେ ଏହି ପର୍ବ ପାଳନ କରାଯାଇଛି । ଏହି ଅବସରରେ ଜେଏସଡବ୍ଲ୍ୟୁ ପାରାଦୀପ ମଧୁବନସ୍ଥିତ କାର୍ଯ୍ୟାଳୟ ଜଟାଧାର ଭବନରେ ମହିଳାମାନେ ସବୁଜ ରଙ୍ଗର ଶାଢୀ ପରିଧାନ କରିବା ସହିତ ହାତରେ ମେହେନ୍ଦୀ ଲଗାଇ ଉତ୍ସବରେ ସାମିଲ ହୋଇଥିଲେ । ଏହି ଅବସରରେ ସୁସଜ୍ଜିତ ଝୁଲାକୁ ଲେଡିଜ୍ କ୍ଲବ୍ ଅଧ୍ୟକ୍ଷା ଜ୍ୟୋର୍ତିମୟୀ କଳ୍ପନା ଉଦଘାଟନ କରିବା ପରେ ସମସ୍ତେ ଏହି ଝୁଲାରେ ଝୁଲି ଥିଲେ । କ୍ଲବ୍‌ର ସମସ୍ତ ମହିଳାମାନଙ୍କୁ ପ୍ରସାଧନ ସାମଗ୍ରୀ ପ୍ରଦାନ କରାଯାଇଥିଲା । ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଜେଏସଡବ୍ଲ୍ୟୁ ଉତ୍କଳ ଷ୍ଟିଲ୍‌ର ବରିଷ୍ଠ ଅଧିକାରୀ ଧନଂଜୟ ସିହ୍ନା, ନିର୍ମଳେନ୍ଦୁ ପୁରୋହିତ ପ୍ରମୁଖ ଯୋଗ ଦେଇ ଶ୍ରାବଣ କୁଇନଙ୍କୁ ପୁରସ୍କୃତ କରିଥିଲେ ।

## କୋକସରା ଠାରେ ଜିଲ୍ଲାସ୍ତରୀୟ ଆଦିବାସୀ ଦିବସ ପାଳିତ



କୋକସରା,(ମହାଭାରତ): ପ୍ରତିବର୍ଷ ଅଗଷ୍ଟ ୯ ତାରିଖକୁ ବିଶ୍ୱ ଆଦିବାସୀ ଦିବସ ରୂପେ ପାଳନ କରାଯାଏ । ଏହି ବିଶ୍ୱ ଆଦିବାସୀ ଦିବସ ପାଳନ ପାଇଁ ଆଜି କୋକସରା ନିୟନ୍ତିତ ବଜାର ଠାରେ କଳାହାଣ୍ଡି ଜିଲ୍ଲା ସ୍ତରୀୟ ଆଦିବାସୀ ଦିବସ କୋକସରା ବ୍ଲକ ଆଦିବାସୀ ସଙ୍ଘ ସଭାପତି ଙ୍କ ତତ୍ୱାବଧାନ ରେ ପାଳିତ ହୋଇଛି। ଆଦିବାସୀ ବେଶ ଭୁଷା, ନାଚ, ଗୀତ ଓ ବାଦ୍ୟ ର ତାଳେ ତାଳେ ଆଦିବାସୀ ମାନେ ତହସିଲ ପରିସର ରୁ ବୁଢ଼ାରଜା ଙ୍କ ମଶାଲ କୁ ସ୍ୱାଗତ କରି ବଜାର ପ୍ରାଙ୍ଗଣ ପର୍ଯ୍ୟନ୍ତ ଶୋଭାଯାତ୍ରା ରେ ବାହାରିଥିଲେ । ମଶାଲ ସ୍ଥାପନ ପରେ ଅତିଥି ସ୍ୱାଗତ ଓ ଇଷ୍ଟ ଦେବାଦେବୀ ଙ୍କ ପୂଜାର୍ଚ୍ଚନା ହୋଇଥିଲା । ଏହି ଅବସରରେ ଜିଲ୍ଲା ସଭାପତି ପ୍ରକାଶ ମାଝୀ ଙ୍କ ସଭାପତିତ୍ୱ ରେ ଆୟୋଜିତ ସଭାରେ ଧର୍ମଗଡ଼ ନିର୍ବାଚନ ମଣ୍ଡଳୀ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଲାଞ୍ଜିଗଡ ନିର୍ବାଚନ ମଣ୍ଡଳୀ ବିଧାୟକ ପ୍ରଦୀପ ଦିଶାରୀ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଆଦିବାସୀ ଙ୍କ ହକ୍ ଅଧିକାର ପାଇଁ ସମସ୍ତେ ଏକଜୁଟ ହୋଇ ସମାଜ କୁ ଶିକ୍ଷିତ ଓ ସଂଘଠିତ କରିବାକୁ ହେବ ବୋଲି କହିଥିଲେ । ଅନ୍ୟ ଅତିଥିଙ୍କ ମଧ୍ୟରେ କୋକସରା ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ବିଡିଓ ସ୍ନେହପ୍ରଭା ମାଝୀ, ବିଇଓ ରଶ୍ମିତା ନେତାମ ସମେତ କଳାହାଣ୍ଡି ଜିଲ୍ଲା ର ସମସ୍ତ ବ୍ଲକ ଆଦିବାସୀ ସଙ୍ଘ ର ସଭାପତି ଓ କୋକସରା ବ୍ଲକର ଆଦିବାସୀ ସରପଞ୍ଚ, ସମିତି ସଭ୍ୟ ଓ ଜିଲ୍ଲା ପରିଷଦ ମଞ୍ଚାସିନ ଥିଲେ । ବ୍ଲକ ଆଦିବାସୀ ସଙ୍ଘ ସଭାପତି ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲା ସାଧାରଣ ସମ୍ପାଦକ ତ୍ରିନାଥ ଶବର ମଞ୍ଚ ପରିଚାଳନା କରିଥିଲେ । ଏହି ଅବସରରେ ୧୧ ଗୋଟି ଆଦିବାସୀ ସମାଜ ର କର୍ମକର୍ତ୍ତା ଓ ଆଦିବାସୀ ମାନେ ଉପସ୍ଥିତ ରହି ବିଶ୍ୱ ଆଦିବାସୀ ଦିବସ ଉତ୍ସାହର ସହିତ ପାଳନ କରିଥିଲେ ।

## ଶେଷ ହେଲା ସରକାରୀ ବିହନ ବିକ୍ରି

# ୯୭ ଡିଲରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ, ୫୧୨୪ କ୍ୱିଣ୍ଟାଲ୍ ଧାନ ବିହନ କିଣିଲେ ଚାଷୀ

ନୟାଗଡ଼, ( ମହାଭାରତ ) : ଖରିଫ ଫସଲ ନିମନ୍ତେ ଶସ୍ୟ ଓ ଅଣଶସ୍ୟ ନିମନ୍ତେ ସରକାରୀ ଧାନ ବିହନ ବିକ୍ରି ଶେଷ ହୋଇଛି । ଆରମ୍ଭରୁ କୃଷି ବିଭାଗ ଯେତିକି ଟାର୍ଗେଟ୍ ରଖିଥିଲା ସେତିକି ପରିମାଣର ବିହନ ବିକ୍ରି ହୋଇଥିବା କୁହାଯାଉଛି । ଜିଲ୍ଲାରେ ଧାନ ଓ ଧନିଚ଼ାକୁ ମିଶାଇ ମୋଟ୍ ଚାଷୀ ମାନେ ୫୧୨୪.୧୫ କ୍ୱିଣ୍ଟାଲ୍ ବିହନ ବିକ୍ରି ହୋଇଛି । ମାତ୍ର ଗୁରୁତ୍ୱପୂର୍ଣ୍ଣ କଥା ହେଲା ଯେତିକି ଜଣ ଡିଲର କୃଷି ବିଭାଗରୁ ବିହନ ନେବାକଥା, ସେତିକି ନେଇ ନାହାନ୍ତି । ସରକାରୀ ଓ ବେସରକାରୀ ଡିଲରଙ୍କୁ ମିଶାଇ ମୋଟ୍ ୨୦୭ ଜଣଙ୍କ ପଞ୍ଜୀକରଣ କରିଥିଲେ ମଧ୍ୟ ୧୧୦ ଜଣ ଏହି ପ୍ରକ୍ରିୟାରେ ସାମିଲ୍ ହୋଇଛନ୍ତି । ଫଳରେ ସରକାରୀ ବିହନ ପାଇବାରେ ଚାଷୀ ମାନଙ୍କୁ ବହୁ ସମସ୍ୟା ଭୋଗିବାକୁ ପଡ଼ିଥିଲା ବୋଲି ଅଭିଯୋଗ ହୋଇଛି । ଏଣୁ ଯେଉଁ ୯୭ ଡିଲର୍ ଏଥିରେ ସାମିଲ୍ ହୋଇନାହାନ୍ତି, ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ସମବାୟ ସମିତି ଡେପୁଟି ରେଜିଷ୍ଟ୍ରାର (ଡିଆର୍ସିଏସ୍)ଙ୍କୁ କୃଷି ବିଭାଗ ଚିଠି ଲେଖିଥିବା ଜଣାପଡ଼ିଛି । ବିହନ ବିକ୍ରି ଆରମ୍ଭରୁ କୃଷି ବିଭାଗ ପକ୍ଷରୁ ସ୍ପଷ୍ଟ କରାଯାଇଥିଲା ଯେ, ୧୩୨ଟି ସମବାୟ ସମିତି ଓ ୭୫ ଜଣ ବେସରକାରୀ ଡିଲର୍ଙ୍କ ଜରିଆରେ ଖରିଫ୍ ଋତୁରେ ବିହନ ବିକ୍ରି କରାଯିବ । ମାତ୍ର ବର୍ତ୍ତମାନ ସୁଦ୍ଧା ମାତ୍ର ୮୪ଟି ସମବାୟ ସମିତି ଓ ୨୬ ଜଣ ଘରୋଇ ଡିଲର କୃଷି ବିଭାଗ ନିକଟରୁ ବିହନ କିଣିଛନ୍ତି । ସମବାୟ ସମିତି ଜରିଆରେ ୨୬୨୫.୯୦ କ୍ୱିଣ୍ଟାଲ୍ ଓ ୨୬ ଜଣ ଘରୋଇ ଡିଲରଙ୍କ ଜରିଆରେ ୨୩୮୯ କ୍ୱିଣ୍ଟାଲ୍ ଧାନ ବିହନ ବିକ୍ରି ହୋଇଥିବା ଜଣାପଡ଼ିଛି । ନୟାଗଡ଼ରେ ଚାଷୀ ମାନେ ୬୬୭.୯ କ୍ୱିଣ୍ଟାଲ୍ ଧାନ ଓ ୧୧.୨୫ କ୍ୱିଣ୍ଟାଲ୍ ଧନିଚାଷ ବିହନ ବିକ୍ରି ହୋଇଛି । ସେହିପରି ଓଡ଼ଗାଁରେ ୧୭୪୩.୪ କ୍ୱିଣ୍ଟାଲ୍ ଧାନ ଓ ୨୧ କ୍ୱିଣ୍ଟାଲ୍ ଧନିଚାଷ,



ରଣପୁରରେ ୬୦୮.୯ କ୍ୱିଣ୍ଟାଲ୍ ଧାନ ଓ ୩୭ କ୍ୱିଣ୍ଟାଲ୍ ଧନିଚ଼ା, ଖଣ୍ଡପଡ଼ାରେ ୨୦୮ କ୍ୱିଣ୍ଟାଲ୍ ଧାନ, ଭାପୁରରେ ୪୬୧ କ୍ୱିଣ୍ଟାଲ୍ ଧାନ ଓ ୩ କ୍ୱିଣ୍ଟାଲ୍ ଧନିଚ଼ା, ଦଶପଲ୍ଲାରେ ୪୨୪ କ୍ୱିଣ୍ଟାଲ୍ ଧାନ ଓ ୨୬ କ୍ୱିଣ୍ଟାଲ୍ ଧନିଚ଼ା, ନୂଆଗାଁରେ କେବଳ ୮୦୫ କ୍ୱିଣ୍ଟାଲ୍ ଧାନ ଓ ୧୧ କ୍ୱିଣ୍ଟାଲ୍ ଧନିଚ଼ା ଓ ଗଣିଆରେ ୯୭ କ୍ୱିଣ୍ଟାଲ୍ ଧାନ ବିହନ ବିକ୍ରି ହୋଇଛି । ଚଳିତ ବର୍ଷ ଚାଷୀ ମାନଙ୍କ ପାଇଁ ୧୦ ପ୍ରକାର କିସମର ବିହନ ୧୦୦୧, ମସୁରୀ, ପୂଜା, ୧୦୭୫, ସ୍ୱର୍ଣ୍ଣ ସବ୍-୧. ମୃଣାଳିନୀ, କଳାଚମ୍ପା, ହସନ୍ତ, ଶାରଳା ଓ ୧୧୫୩ ଉପଲବ୍ଧ ରହିଥିଲା । ପୂର୍ବରୁ ୨୦ କେଜି ବସ୍ତାରେ ଏହି ବିହନ ବିକ୍ରି ହେଉଥିଲା । ମାତ୍ର ଚଳିତ ବର୍ଷ ୧୦ କେଜି ବସ୍ତାରେ ଏହି ବିହନ ବିକ୍ରି କରାଯାଇଛି । ଏ ନେଇ ବିହନ ବିଭାଗ ଅଧିକାରୀ ସନ୍ତୋଷ କୁମାର ପରିଡ଼ା କୁହନ୍ତି ଯେ, ଏଥର କୃଷି ବିଭାଗ ପକ୍ଷରୁ ୫ ହଜାର କ୍ୱିଣ୍ଟାଲ୍ ବିହନ ବିକ୍ରି କରାଯିବା ପାଇଁ ଧାର୍ଯ୍ୟ କରାଯାଇଥିଲା । ଏଣୁ ଏହି ଟାର୍ଗେଟ୍ ପୂରଣ ହୋଇଛି । ମାତ୍ର ଏତେ ସଂଖ୍ୟାରେ ଡିଲର ମାନେ କାହିଁକି ବିହନ କିଣାରେ ଭାଗ ନେଲା ନାହିଁ, ଏ ନେଇ ନିଶ୍ଚିତ ଭାବେ ତଦନ୍ତ କରାଯିବ । ପୂର୍ବରୁ ଜିଲ୍ଲାପାଳଙ୍କ ବୈଠକରେ ଏ ସଂକ୍ରାନ୍ତରେ ଆଲୋଚନା କରାଯାଇଥିଲା । ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଡିଆର୍ସିଏସ୍‌ଙ୍କୁ ଚିଠି ଲେଖିଛନ୍ତି ।

## ଭାରତୀୟ ନୌପୋତ ଚିଲିକାରେ ୦୧/୨୪ ବ୍ୟାଚ୍ ଅଗ୍ନିବୀରଙ୍କ ପାସିଙ୍ଗ ଆଉଟ ପ୍ୟାରେଡ୍




ଚିଲିକା (ମହାଭାରତ) ଭାରତୀୟ ନୌସେନାର ୨୧୬ ମହିଳା ଅଗ୍ନିବୀର ଙ୍କ ସମେତ ମୋଟ ୧୩୮୯ଅଗ୍ନିବୀର, ଓଡିଶାର ଭାରତୀୟ ନୌପୋତ ଚିଲିକା ରୁ ପାସ ହୋଇ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିଛନ୍ତି । ୦୯ ଅଗଷ୍ଟ ୨୦୨୪ ରେ ଅନୁଷ୍ଠିତ ୦୧/୨୪ ବ୍ୟାଚ୍ ପାଇଁ ପାସ୍ ଆଉଟ୍ ପ୍ୟାରେଡ୍ (ଚଙଚ), ସୂର୍ଯ୍ୟୋଦୟ ପରେ ଏକ ଅନନ୍ୟ ସମାରୋହରେ ୧୬ ସପ୍ତାହ କଠୋର ନୌସେନା ପ୍ରଶିକ୍ଷଣର ସମାପ୍ତିକୁ ଚିହ୍ନିତ କରିଥିଲା । ଏହି କାର୍ଯ୍ୟକ୍ରମକୁ ନୌସେନା କର୍ମଚାରୀଙ୍କ ମୁଖ୍ୟ, ଆଡମିରାଲ ଦୀନେଶ କେ ତ୍ରିପାଠୀ ପିଭିଏସଏମ, ଏଭିଏସଏମ, ଏନଏମ ନିରୀକ୍ଷଣ କରିଥିଲେ ଏବଂ ଭାଇସ ଆଡମିରାଲ ଭି ଶ୍ରୀନିବାସ ଏଭିଏସଏମ, ଏନଏମ ଫ୍ଲାଗ ଅଫିସର କମାଣ୍ଡିଂ-ଇନ୍ ଦକ୍ଷିଣ ନୌସେନା କମାଣ୍ଡର ପରିଚାଳନା ଅଧିକାରୀ ଥିବାବେଳେ ଭାଇସ ଆଡମିରାଲ ରାଜେଶ ପେଦଜକାର ବିଶିଷ୍ଟ କ୍ରୀଡ଼ା ବ୍ୟକ୍ତିତ୍ୱ ଓମକର ସିଂ, ଏମଏସପିଓ (ଜିଏସଟି) ସମେତ ବେସିଲ ପିଟର ପୁଆନାଟ, ଏକ୍ସ-ଏଲଏସ୍' ଆରପି ୨, ସାରେଶ ଭାସ୍କର, ଏକ୍ସ-ପିଓ ବିଶିଷ୍ଟ ଉଚ୍ଚକୋଟୀର ଭେଟେରାନମାନେ ଏହି ଘଟଣାର ସାକ୍ଷୀ ହୋଇଥିଲେ । ଏହି ପ୍ରମୁଖ ଘଟଣାକୁ ଗର୍ବିତ ପରିବାର ସଦସ୍ୟମାନେ ମଧ୍ୟ ସାକ୍ଷୀ ହୋଇଥିଲେ ଏହି ପାସିଙ୍ଗ ଆଉଟ ପ୍ୟାରେଡ୍ କେବଳ ପ୍ରାରମ୍ଭିକ ପ୍ରଶିକ୍ଷଣର ସଫଳ ସମାପ୍ତିକୁ ସୂଚୀତ କରେ ନାହିଁ ବରଂ ଭାରତୀୟ ନୌସେନାରେ ଏହି ଅଗ୍ନିବୀରଙ୍କ ପାଇଁ ଏକ ନୂତନ ଅଧ୍ୟାୟ ଆରମ୍ଭକୁ ଚିହ୍ନିତ କରେୟ ଭାରତୀୟ ନୌସେନାର ନୈତିକତା, ପୁରୁଷ ଏବଂ ମହିଳାଙ୍କ ମଧ୍ୟରେ ଏକ ଯୁଦ୍ଧ ପ୍ରସ୍ତୁତ, ବିଶ୍ୱସନୀୟ, ମିଳିତ ଏବଂ ଭବିଷ୍ୟତ-ପ୍ରସ୍ତୁତ ଶକ୍ତି ଗଠନ ପାଇଁ ସହଯୋଗକୁ ଗୁରୁତ୍ୱ ଦେଇଥାଏ । ନୌସେନା ମୁଖ୍ୟ ପାସ୍ କରୁଥିବା ପ୍ରଶିକ୍ଷକମାନଙ୍କୁ ନୌସେନାର ମୂଳ ମୂଲ୍ୟବୋଧକୁ ଡ୍ୟୁଟି, ସମ୍ମାନ ଏବଂ ସାହସିକତାର ରାଷ୍ଟ୍ର ଗଠନ ଦିଗରେ ଉତ୍ସାହିତ କରିଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ତାଲିମ ଉପରେ ଧ୍ୟାନ ଦେବା ଏବଂ ବୈଷୟିକ ଜ୍ଞାନ କୌଶଳ ରେ ସାମୁଦ୍ରିକ ଯୋଦ୍ଧା ହେବାକୁ ସେ ସେମାନଙ୍କୁ ଅନୁରୋଧ କରିଥିଲେ । ମୁଖ୍ୟ ଅତିଥୁ ସମ୍ମାନଜନକ ଅଗ୍ନିବୀର କୁ ପ୍ରଦକ ଏବଂ ଟ୍ରଫି ପ୍ରଦାନ କରିଥିଲେ । ବିନୟ ମାରୁତି କଦମ୍, ଏଭିଆର୍ ଏସ୍ଆର୍ ଏବଂ ସଞ୍ଜନା, ଏଭିଆର୍ ଏମଆର ଯଥାକ୍ରମେ ଶ୍ରେଷ୍ଠ ଅଗ୍ନିବୀର ଏସ୍ଆର୍ ଏବଂ ଏମଆର ପାଇଁ ନାଭାଲ୍ ଷ୍ଟାଫ୍ ରୋଲିଂ ଟ୍ରଫି ଏବଂ ସ୍ୱର୍ଣ୍ଣ ପଦକ ପାଇଥିଲେ । ସ୍ୱର୍ଗତ ଜେନେରାଲ ବିପିନ୍ ରାଓ୍ୱତଙ୍କ ଦର୍ଶନ ପାଇଁ ପ୍ରତିଷ୍ଠିତ ଏକ ରୋଲିଂ ଟ୍ରଫି ଗ୍ରହଣ କରି ସାଧୀ ମୋହନ ମିଜେ, ଏଭିଆର ଏସଏସଆର ଶ୍ରେଷ୍ଠ ମହିଳା ଅଗ୍ନିବୀର ର ମାନ୍ୟତା ଭାବରେ ସମ୍ମାନିତ ହୋଇଥିଲେ । ଆଶିଷ, ଏବଂ ଯୁବରାଜ, ନାବିକ ଏଉ ନିଜ ନିଜ ପାଠ୍ୟକ୍ରମରେ ଶ୍ରେଷ୍ଠ ପ୍ରଶିକ୍ଷକ ଭାବରେ ପୁରସ୍କୃତ ହୋଇଥିଲେ । ଭାଲେଡିକ୍ଟୋରୀ କାର୍ଯ୍ୟ ସମୟରେ ନୌସେନା ମୁଖ୍ୟ, ଶିବାଜୀ ଡିଭିଜନକୁ ସାମଗ୍ରିକ ଚାମ୍ପିଅନସିପ୍ ଟ୍ରଫି ପ୍ରଦାନ କରିଥିଲା, ଅର୍ଜୁନ ଡିଭିଜନ୍ ରନର୍ସ ଅପ୍ ଭାବରେ ପୁରସ୍କୃତକରିଥିଲେ । ସେ ଭାରତୀୟ ନୌପୋତ ଚିଲିକାର ବିଭାଷୀ ପତ୍ରିକା ଅଙ୍କୁରର ୦୧/୨୪ ସଂସ୍କରଣକୁ ମଧ୍ୟ ଉନ୍ମୋଚନ କରିଥିଲେ ।

## କରଞ୍ଜିଆରେ ବିଶ୍ୱ ଆଦିବାସୀ ଦିବସ ପାଳିତ




କରଞ୍ଜିଆ(ମହାଭାରତ): ମୟୂରଭଞ୍ଜ ଜିଲ୍ଲା କରଞ୍ଜିଆ ଠାରେ ରେ ଧୁମଧାମରେ ପାଳନ କରାଯାଇଛି ବିଶ୍ୱ ଆଦିବାସୀ ଦିବସ । ମିଳିତ ଆଦିବାସୀ ମଞ୍ଚ ପକ୍ଷ ରୁ ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ପାଞ୍ଚପିଢ଼ ଉପଖଣ୍ଡ ର ବିଭିନ୍ନ ବ୍ଲକ ରୁ ବିଭିଉ ଆଦିବାସୀ ଲୋକେ ଆସି ଏହି ବିଶ୍ୱ ଆଦିବାସୀ ଦିବସରେ ଯୋଗ ଦେଇଛନ୍ତି । ସଂଗୀତ ମହାବିଦ୍ୟାଳୟ ଠାରୁ ଏକ ବିଶାଳ ରାଲି ଆଦିବାସୀ ପାରମ୍ପରିକ ପୋଷାକ, ନାଚଗୀତ ଏବଂ ବାଜା ବଜାଇ ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଶୋଭାଯାତ୍ର କରିଥିଲା ଉପଜିଲ୍ଲାପାଳ ଙ୍କ କାର୍ଯ୍ୟାଳୟ ରେ ଉପଜିଲ୍ଲାପାଳ ପ୍ରେମାଂଶୁ ଚନ୍ଦ କୁ ମୁଖ୍ୟମନ୍ତ୍ରୀ ଙ୍କ ଉଦେଶ୍ୟ ରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା ଯ ପ୍ରାୟ ଏକ ହଜାର ରୁ ଉର୍ଦ୍ଧ ଆଦିବାସୀ ବ୍ୟକ୍ତିବିଶେଷଙ୍କ ଉପସ୍ଥିତିରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏହି ଆଦିବାସୀ ସମ୍ପ୍ରଦାୟର ସମୃଦ୍ଧ ଐତିହ୍ୟ, ପରମ୍ପରା ଏବଂ ଏକତା ପ୍ରଦର୍ଶିତ ହୋଇଥିଲା । ପାରମ୍ପରିକ ବେଶଭୂଷାରେ ସଜେଇ ହୋଇ ଆଦିବାସୀ ଅଂଶଗ୍ରହଣକାରୀମାନେ ତାଳବାଦ୍ୟରେ ନୃତ୍ୟ କରି, ହୃଦୟସ୍ପର୍ଶୀ ଗୀତ ଗାନ କରି ଏବଂ ମଧୁର ବାଜା ବଜାଇ ସମଗ୍ର ସହରକୁ ଆନନ୍ଦ ଉଲ୍ଲାସ ଏବଂ ସାଂସ୍କୃତିକ ସ୍ପନ୍ଦନରେ ଆଚ୍ଛନ୍ନ କରି ଦେଇଥିଲେ । ରାଲି ବେଳେ ଢୋଲ, ବାଜା, ବାଦ୍ୟର ତାଳେ ତାଳେ ମନଛୁଆଁ ଧ୍ୱନିରେ ମୁଖରିତ ହୋଇ ଉଠିଥିଲା ରାଜରାସ୍ତା ।ବିଭିନ୍ନ ଅଞ୍ଚଳର ଜନଜାତି ପରସ୍ପର ମଧ୍ୟରେ ମିଶିବା, କାହାଣୀ, ଅନୁଭୂତି ଏବଂ ନିଜର ଭାବନାକୁ ବାଣ୍ଟିବା ଦ୍ୱାରା ଏକତା ସ୍ପଷ୍ଟ ବାରି ହୋଇ ପଡୁଥିଲା । ଆଦିବାସୀ ସମ୍ପ୍ରଦାୟର ଲୋକମାନଙ୍କ ମଧ୍ୟରେ ଗର୍ବ ଏବଂ ଆତ୍ମବିଶ୍ୱାସର ଭାବନା ସୃଷ୍ଟି କରିବା ପାଇଁ ଏହି ଦିନକୁ ବେଶ ଆଡ଼ମ୍ବର ସହାକାରେ ପାଳନ କରନ୍ତି ଆଦିବାସୀମାନେ । ଏହା ପରେ ସଂଗୀତ ମହାବିଦ୍ୟାଳୟ ପରିସରରେ ଏକ ସଭା ଆୟୋଜିତ ହୋଇଥିଲା ମିଳିତ ଆଦିବାସୀ ମଞ୍ଚର ସଭାପତି ଗୁନାରାମ ସୟ ଙ୍କ ସଭାପତିତ୍ୱ ରେ ମୁଖ୍ୟ ବକ୍ତା ଭାବେ ରାଷ୍ଟ୍ରୀୟ ଆଦିବାସୀ ମଞ୍ଚର ମହାସଚିବ କ୍ରିଷ୍ଣା ହାଁସଦା, ସଂମ୍ମାନିତ ଅତିଥି ରୂପେ ସମାଜସେବୀ ବାବୁଲି ବାଇବୁରୁ ,ଯୁବ ଆଦିବାସୀ ସଂଗଠକ ଲକ୍ଷ୍ମୀଧର ସିଂ,ପୂର୍ବତନ ସରପଞ୍ଚ ଗମ୍ହା ସିଂ,ଜିଲ୍ଲାପରିଷଦ ସଦସ୍ୟା ଜ୍ୟୋସ୍ନା ରାଣୀ ନାଏକ,ସୁକାନ୍ତି ନାଏକ,ସମାଜସେବୀ ଚକ୍ରଧର ଆଲଦା, ନାରାୟଣ ମୁର୍ମୁ, କୈବଲ୍ୟ ନାଏକ,ମଟକା ବିରୁଆ,ପଞ୍ଚାନନ ନାଏକ ପ୍ରମୁଖଯୋଗଦେଇଥିଲେ ବାବୁରାମ ବେସ୍ରା ମଞ୍ଚ ପରିଚାଳନା କରିଥିବା ବେଳେ ରଞ୍ଜିତ ସଂକ୍ଷୀଆଳ,କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ । ଏହି କାର୍ଯ୍ୟକ୍ରମରେ ଆଦିବାସୀମାନେ ସମ୍ମୁଖୀନ ହେଉଥିବା ଆହ୍ୱାନ ଉପରେ ବକ୍ତବ୍ୟ ଏବଂ ଆଲୋଚନା କରାଯାଇଥିଲା । ଆଦିବାସୀମାନଙ୍କ ପ୍ରତି ପ୍ରତିସମୟ ରେ ହେଉଥିବା ଅତ୍ୟାଚାର ଉପରେ ଆଲୋଚନା ହୋଇଥିଲା । ବର୍ତ୍ତମାନ ଦେଶରେ ଆଦିବାସୀମାନେ ଯେଉଁ ଅତ୍ୟାଚାର ସହୁଛନ୍ତି ତାହା ବିରୋଧରେ କେନ୍ଦ୍ର ସରକାର ଓ ରାଜ୍ୟ ସରକାର ଙ୍କୁ ସମାଲୋଚନା କରିଥିଲେ ଅଦିବାସୀ ନେତା ମାନେ ।

## କିଟିଙ୍ଗ ନଦୀ ବାଲୁକା ଶଯ୍ୟା ସକାଶେ ଜନ ଶୁଣାଣି

ଗଜପତି(ମହାଭାରତ): ଗଜପତି ଜିଲ୍ଲା କାଶୀନଗର ବ୍ଲକର ବୁଦୁରା ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ ଠାରେ କିଟିଙ୍ଗ ନଦୀ ବାଲୁକା ଶଯ୍ୟା ସକାଶେ ଏକ ଜନ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏହି କାର୍ଯ୍ୟକ୍ରମରେ କାଶୀ ନଗର ତହସିଲଦାର ଅଶୋକ ପ୍ରଧାନ, ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଆଞ୍ଚଳିକ ଅଧିକାରୀ ପ୍ରମୁଖ ମଞ୍ଚାସିନ ଥିଲେୟଏହି ଜନ ଶୁଣାଣୀରେ ଜନ ସାଧାରଣ ଉପସ୍ଥିତ ରହି ନିଜର ମତାମତ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ଶାନ୍ତି ଶୃଙ୍ଖଳା ରକ୍ଷା ସକାଶେ ପୋଲିସ ମୃତୟନ କରା ଯାଇଥିଲା ।

## ନିଆଁ ଲାଗିବାରୁ ବର୍ତ୍ତିଗଲା ସ୍ମାର୍ଟ ଲୁକ ଡ୍ରେସ ଦୋକାନ

କରଞ୍ଜିଆ,(ମହାଭାରତ) ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବଜାର ର ଠାକୁରମୁଣ୍ଡା - ଆନନ୍ଦପୁର ରାସ୍ତାର ବଜାର ମଧ୍ୟରେ ଥିବା ସ୍ମାର୍ଟ ଲୁକ ଡ୍ରେସ ଦୋକାନ ନିଆଁ ଲାଗିବାରୁ ଅଳ୍ପକେ ବର୍ତ୍ତୀ ଯାଇଛି । ଏହି ଡ୍ରେସ ଦୋକାନ ର ତଳ ମହଲା ର କଡରେ ଥିବା ଏକ ଅର୍ଦ୍ଧ ନିର୍ମିତ ଖୋଲା ଦୋକାନ ଭିତରେ ଥିବା ଅଳିଆ ରୁ ଏହି ନିଆଁ ଲାଗିଥିଲା । ଦୀର୍ଘ ଦିନ ହେବ ଖାଲି ରହିଥିବା ଏହି ଗୃହ ଟିରେ ବଜାରରେ ଘୁରିବୁଲୁଥିବା ମସ୍ତିଷ୍କ ବିକୃତ ବ୍ୟକ୍ତି ମାନେ ବିଭିନ୍ନ ସ୍ଥାନରୁ ଅଳିଆ ଆଣି ଘର ଭିତରେ ରଖି ଘରଟିକୁ ଅଳିଆ ଗଦାରେ ପରିଣତ କରିଦେଇଥିଲେ । କୌଣସି କାରଣରୁ ଶୁକ୍ରବାର ସନ୍ଧ୍ୟାରେ ଏହି ଅଳିଆ ଗଦାରେ ନିଆଁ ଲାଗି ଯାଇଥିଲା । ଫଳରେ ଉପରେ ଥିବା ସ୍ମାର୍ଟ ଲୁକ ଡ୍ରେସ ଦୋକାନ ରେ ନିଆଁ ଲାଗିବାର ସମ୍ଭାବନା ଥିଲା । ଖବର ପାଇ ଅଗ୍ନିଶମ ବିଭାଗ ପହଞ୍ଚି ଜଳୁଥିବା ନିଆଁ କୁ ଆୟତ୍ତ କରିଥିଲେ । ଫଳରେ ଦୋକାନରେ ଥିବା ଲକ୍ଷାଧିକ ଟଙ୍କାର ଡ୍ରେସ୍ ଜଳି ରୁ ବୋର୍ତି ଗଲା ।

# ବେଲଗୁଣ୍ଠା ରାସ୍ତା ପଲଟିଛି ମରଣଯନ୍ତା

## ଗାଁକୁ ଯାଇପାରୁନି ଆମ୍ବୁଲାନ୍ସ ବୁହାହେଉଛନ୍ତି ରୋଗୀ

ହିନ୍ଦୋଳ(ମହାଭାରତ)ଦେଶ ସ୍ୱାଧୀନତା ହେବାର ଅନେକ ବର୍ଷ ଅତିବାହିତ ହୋଇଗଲାଣି,ଅନେକ ସରକାର ମଧ୍ୟ ବଦଳିଲେଣି, ଅନେକ ବିଧାୟକ,ଅନେକ ସାଂସଦ,ଅନେକ ସରପଞ୍ଚ ଗଲେଣି । ଭୋଟ ପାଇସାରି ସମସ୍ତେ ଛୁ,ମାତ୍ର ବଦଳୁନି ସର୍ବସାଧାରଣ ରାସ୍ତା ଏବଂ ଏବେବି ଆଣ୍ଠୁଏ କାଦୁଅ ରାସ୍ତାରେ ଭୋଟର ରାସ୍ତା ପାର ହେଉଛନ୍ତି । ସେହିପରି ଏକ ସ୍ଥାନ ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ନିର୍ବାଚନମଣ୍ଡଳୀର ହିନ୍ଦୋଳବ୍ଲକ କଂସରା ପଂଚାୟତର ବେଲଗୁଣ୍ଠା-ଗୋବର୍ଦ୍ଧନପୁର ରାସ୍ତା । ଯେଉଁରାସ୍ତା



ମାଟିକାଦୁଅ ଖାଲଖମଣାରେ ପରିପୂର୍ଣ୍ଣ ଓ ବର୍ଷା ହେଲେ ଏବେବି ପୋଖରୀର ଭ୍ରମ ସୃଷ୍ଟି କରୁଛି । ଉକ୍ତ ପଂଚାୟତର ଏହି ଜନବହୁଳ ରାସ୍ତାରେ ପ୍ରାୟ ୫୦ବର୍ଷ ହେବ ମାଟି ଗଷଣ୍ଡୁଏ ପଡ଼ି ନାହିଁ ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ । ବେଲଗୁଣ୍ଠା ଗ୍ରାମରେ ବାସ କରୁଥିବା ଶତାଧିକ ଲୋକ କୌଣସି ଜରୁରୀ କାମରେ ହେଉ,ଅଫିସ,ମେଡିକାଲ, ସ୍କୁଲ, କଲେଜ ଯିବାକୁ ହେଉ ହେଲେ ନାହିଁ ନଥିବାର ଅସୁବିଧାରେ ପଡିବା ସହ ଜୀବନକୁ ବାଜିରେ ଲଗାଇ ଦିନମାନ କାଳାତିପାତ କରୁଛନ୍ତି ।ଏପରିକି ହାତୀ ଚଳପ୍ରଚଳ କରୁଥିବା ଏହି ବିପଦପୂର୍ଣ୍ଣ ରାସ୍ତା ଗୁଡିକରେ କୌଣସି ଗାଡିଲା, ଆମ୍ବୁଲାନ୍ସ ମଧ୍ୟ ଖରାପ ରାସ୍ତାପାଇଁ ଏ ଅଞ୍ଚଳକୁ ଆସିବାକୁ ଅମଙ୍ଗ ହେଉଛନ୍ତି ।ଏନେଇ ବାରମ୍ବାର ଅଭିଯୋଗ କରିଲେ ମଧ୍ୟ ବ୍ଲକ ପ୍ରଶାସନ, ସ୍ଥାନୀୟ ନିର୍ବାଚିତ ନେତା କେହିମଧ୍ୟ କର୍ଣ୍ଣପାତ କରୁନାହାନ୍ତି ଭୋଟ ପାଇସାରିଲେ ଭୋଟରଙ୍କୁ ଭକୁଆ ବନେଇ ଚିରାଚରିତ ଢଙ୍ଗରେ ଭୋଟ ଶେଷ ସବୁନାଟ ଶେଷ ଭଳି ଅଣଦେଖା କରିବା ସହ ୫ବର୍ଷ ନିଜପାଇଁ ବ୍ୟସ୍ତରେ ରହିଯାଉଛନ୍ତି । ଏଣେ ଲଗାଣ ବର୍ଷାରେ ସେହି ରାସ୍ତାଟି ଆହୁରି ନଷ୍ଟ ହୋଇଯିବା ସହ ଗ୍ରାମବାସୀଙ୍କୁ ଏକପ୍ରକାର ବାହ୍ୟଜଗତରୁ ବିଚ୍ଛିନ୍ନ କରି ରଖିଛି । ଏନେଇ ପଂଚାୟତର ଗ୍ରାମବାସି ହିନ୍ଦୋଳ ବିଡ଼ିଓ ଓ ବ୍ଲକ ଅଧ୍ୟକ୍ଷାଙ୍କୁ ଅଭିଯୋଗ କରିବା ସହ ତୁରନ୍ତ ରାସ୍ତା ନିର୍ମାଣ କରିବାକୁ ଦାବି କରିଛନ୍ତି । ନଚେତ ଆଗାମୀ ଦିନରେ ରାଜରାସ୍ତାକୁ ଓଲ୍‌ହାଇ ଆନ୍ଦୋଳନ କରିବାକୁ ଚେତାବନୀ ଦେଇଛନ୍ତି । ଦେଖିବାକୁ ବାକି ରହିଲା ବ୍ଲକ ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ ନିର୍ବାଚିତ ନେତୃମଣ୍ଡଳୀଙ୍କ ନିଦ କେବେ ଭାଙ୍ଗୁଛି ? କେବେ ନିର୍ମାଣ ହେଉଛି ଚର୍ଚ୍ଚିତ ହିନ୍ଦୋଳ ନିର୍ବାଚନ ମଣ୍ଡଳୀର ବେଲଗୁଣ୍ଠା-ଗୋବର୍ଦ୍ଧନପୁର ରାସ୍ତା ।

## ଓଡିଶା ବିଦ୍ୟାଳୟ ଶିକ୍ଷା କାର୍ଯକ୍ରମ ପ୍ରାଧିକରଣ

କଳାହାଣ୍ଡି(ମହାଭାରତ): ପତ୍ର ସଂଖ୍ୟା ୭୩୫୮, ତା: ୦୭-୦୮-୨୦୨୪ ଅନୁସାରେ ଦ୍ୱିତୀୟ ଅଭିଭାବକ ଶିକ୍ଷକ / ଶିକ୍ଷିୟତ୍ରୀ ତଥା ବିଦ୍ୟାଳୟ ପରିଚାଳନା / ବିଦ୍ୟାଳୟ ପରିଚାଳନା ଓ ଉନ୍ନୟନ କମିଟି ବୈଠକ ସାରା ରାଜ୍ୟ ଗୁଡିକରେ ତା: ୧୦-୦୮-୨୦୨୪ ରିଖ (ଶନିବାର - ସମସ୍ତ ସରକାରୀ ବିଦ୍ୟାଳୟ) ମାନଙ୍କରେ ଅନୁଷ୍ଠିତ ହେବାକୁ ଯାଉଅଛି । ଉକ୍ତ ବୈଠକର ମୁଖ୍ୟ ଉଦ୍ଦେଶ୍ୟ ହେଉଛି କିପରି ଭାବରେ ଗୋଷ୍ଠୀ ଓ ବିଦ୍ୟାଳୟ ମାନଙ୍କ ମଧ୍ୟରେ ଏକ ସମନ୍ୱୟ ସ୍ଥାପନ କରି ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରଦାନ କରା ଯାଉଥିବା ବିଭିଉ ସହାୟକ ରାଶି (ସ୍କୋଲୋରଶିପ) ତଥା ଛାତ୍ରାଛତ୍ରୀ ମନକପାୟନ ଥିବା ବିଭିଉ ଯୋଜନା ସବୁ ଉପରେ ଆଲୋକପାତ କରାଯିବ । ଯଦ୍ୱାରାକି ଅଭିଭାବକ ମାନେ ସେମାନଙ୍କ ପିଲାଙ୍କ ପାଇଁ ସରକାରଙ୍କ ବିଭିଉ ଯୋଜନା ବିଷୟରେ ଜାଣିବା ସହ ସେ ସବୁର ସମୟାନୁକ୍ରମରେ ଲାଭ ଉଠାଇପାରିବେ । ଯାହାଦ୍ୱାରା ଏହି ଯୋଜନାଗୁଡିକ ଛାତ୍ରଙ୍କ ଶିକ୍ଷାକୁ ଅଧିକ ସୁଗମ ଓ ସହଜ କରିବାରେ ନିତାନ୍ତ ସହଯୋଗ କରିବା ସହ ଉକ୍ତ ଯୋଜନା ଗୁଡିକର ସଫଳ ରୂପାୟନ ହୋଇପାରିବ । ତେଣୁ ଏଥିସହ ସମସ୍ତ ଅଭିଭାବକ (ସମସ୍ତ ସରକାରୀ ବିଦ୍ୟାଳୟ) ମାନଙ୍କୁ ଅନୁରୋଧ କରାଯାଉଛିକି ଉକ୍ତ ବୈଠକରେ ଅଧିକ ରୁ ଅଧିକ ଯୋଗଦାନ କରି ଉକ୍ତ ବୈଠକ କୁ ସଫଳ କରନ୍ତୁ ।

# ମୁଖ୍ୟମନ୍ତ୍ରୀଙ୍କୁ ସୌଜନ୍ୟ ମୂଳକ ସାକ୍ଷାତ କଲେ ନାଲକୋ ଏଲ.ଏ.ପି/ଆଇ.ଟି.ଆଇ.୧୯୮ ସଦସ୍ୟ



ଅନୁଗୋଳ,(ମହାଭାରତ) : ଓଡିଶାର ନୂତନ ମୁଖ୍ୟମନ୍ତ୍ରୀ ମାନ୍ୟବର ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କୁ ନାଲକୋ ଏଲ.ଏ.ପି./ଆଇ. ଟି. ଆଇ. ୧୯୮ ପକ୍ଷରୁ ସୌଜନ୍ୟ ମୂଳକ ସାକ୍ଷାତ ସହିତ ପୁଷ୍ପ ଗୁଛ ଓ ଉତ୍ତରୀ ଦେଇ ଅଭିନନ୍ଦନ ଜଣାଇଛନ୍ତି । ସୌଜନ୍ୟ ମୂଳକ ସାକ୍ଷାତ ସମୟ ରେ ଉପସ୍ଥିତ ନୂତନ ନିର୍ବାଚିତ ଅନୁଗୋଳ ବିଧାୟକ ମହୋଦୟ ଶ୍ରୀଯୁକ୍ତ ପ୍ରତାପ ଚନ୍ଦ୍ର ପ୍ରଧାନ ଓ ଛେଣ୍ଡିପଦା ବିଧାୟକ ମହୋଦୟ ଶ୍ରୀଯୁକ୍ତ ଅଗସ୍ତି ବେହେରାଙ୍କ ଉଦ୍ୟମରେ ଅନୁଷ୍ଠିତ ହୋଇଥିଲା । ଏହି ଅବସରେ ନାଲକୋ ସ୍ୱୋନସର୍ଡ ଆଇ.ଟି.ଆଇ (ଏଲ.ଏ.ପି) କ୍ଷତିଗ୍ରସ୍ତ ପ୍ରଜାସଙ୍ଘ ର ଏକ ୨୦ଜଣିଆ ପ୍ରତିନିଧି ମଣ୍ଡଳୀ ସଭାପତି ଦିବ୍ୟ ରଂଜନ ଦାସ, ସାଧାରଣ -ସମ୍ପାଦକ ଶଶାଙ୍କ ଶେଖର ସାମଲ, କାର୍ଯ୍ୟକାରୀ-ସଭାପତି ସୌଭାଗ୍ୟ ସାହୁ,ଉପ - ସଭାପତି ଯୋଗେଶ ସାମଲ, ସମ୍ପାଦକ ପାଣ୍ଡବ ସାହୁ ଓ ଅନ୍ୟାନ୍ୟ ସଦସ୍ୟ ଜ୍ୟୋତି ରଞ୍ଜନ ବେହେରା,ସୁଶାନ୍ତ ବିଶ୍ୱାଳ, ସୂର୍ଯ୍ୟ କାନ୍ତ ପୃଷ୍ଟି, ସନ୍ତୋଷ ବେହେରା, ପ୍ରଶ୍ନ ସେନାପତି, ପ୍ରଶାନ୍ତ ବେହେରା, ଶ୍ରକାନ୍ତ ସାହୁ,ତାପସ ଲେଙ୍କା ,ଆନନ ବିଶ୍ୱାଳ,ମହିଳା ନେତ୍ରୀ ବନିତା ପ୍ରଧାନ,ଆରତୀ ନାଏକ , ସୁଶ୍ରୀ ବୈଦ୍ୟ, କୁମୁଦିନି ମହାରଣା ପ୍ରମୁଖ ଉପସ୍ଥିତ ଥିଲେ ।ସାକ୍ଷାତ ସମୟରେ ନାଲକୋ ସ୍ୱୋନସର୍ଡ ଆଇ.ଟି.ଆଇ (ଏଲ.ଏ.ପି) ୧୯୮ କ୍ଷତିଗ୍ରସ୍ତ ପ୍ରଜା କିପରି ନାଲକୋ କାରଖାନା ରେ ସ୍ଥାୟୀ ନିଯୁକ୍ତି ସୁଯୋଗ ପାଇବେ ମାନ୍ୟବର ମୁଖ୍ୟମନ୍ତ୍ରୀ ଙ୍କ ସହିତ ସଙ୍ଘ ପ୍ରତିନିଧି ମଣ୍ଡଳୀପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ ।ମୁଖ୍ୟମନ୍ତ୍ରୀ କହିଥିଲେ ଯେ ୨୦ବର୍ଷ ସମସ୍ୟା ବିଷୟରେ ଖୁବ ଶୀଘ୍ର ଏହାର ସମାଧାନ ବାଟ ବାହାର କରି ଏହା ଉପରେ କିପରି ନ୍ୟାୟ ପାଇବେ ସେ ବିଷୟରେ ଏହାର ସମାଧାନ ଦିଗରେ ସରକାର ପଦକ୍ଷେପ ନେବେ। ଏହି କାର୍ଯ୍ୟକ୍ରମରେ ଅନୁଗୋଳ ବିଜେପି ଉପ-ସଭାପତି ଶ୍ରୀଯୁକ୍ତ ଅମୀୟ ତ୍ରିପାଠୀଙ୍କ ସହିତ ଅନ୍ୟାନ୍ୟ କାର୍ଯ୍ୟକର୍ତା ସହଯୋଗ କରିଥିଲେ ।

# ଧଳାଜହର କବଜାରେ ହିନ୍ଦୋଳ ଏନ୍.ଏ.ସି

## ମାଫିଆ ମାଲାମାଲ୍,ଜଳକା ସାଜିଛନ୍ତି ଦୁଇବିଭାଗ

ହିନ୍ଦୋଳ,(ମହାଭାରତ) : ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଅଞ୍ଚଳ ଓ ଏନଏସି ରେ ଧଳାଜହର ଧୀରେଧୀରେ କାୟାବିସ୍ତାର କରୁଛି ! ଧଳାଜହର ( ବ୍ରାଉନ ଶୁଗାର) ନିଶାରେ ମାତୀଛନ୍ତି ହିନ୍ଦୋଳ ଏନଏସିର କିଛି ଯୁବଗୋଷ୍ଠୀ । ଧୀରେଧୀରେ ଜଣକ ପରେ ଜଣକୁ କାବୁ କରି ଚାଲିଥିବା ବେଳେ ଏବେ ଶତାଧିକ ଯୁବଗୋଷ୍ଠି ମତୁଆଲା ମାତ୍ର ନିଶାକୁ ରୋକିବାରେ ଅବକାରୀ ବିଭାଗ ନୀରବଦ୍ରଷ୍ଟା ସାଜି ଥିବା ବେଳେ ନିଶା ମାଫିଆ ତଥା ଧଳା ଯହର ବ୍ୟବହାର କରୁଥିବା ଗୋଷ୍ଠୀଙ୍କ ପାଇଁ ପୋଲିସ୍ ଏବେ ଚ୍ୟାଲେଞ୍ଜ ହୋଇ ପଡ଼ିଛି ।ସୂଚନା ଅନୁଯାଇ ହିନ୍ଦୋଳ ଏନଏସି ର ୧୬ଟି ଓ୍ୱାର୍ଡ ଅଧିବାସିମାନେ ଶାନ୍ତ ସରଳ ପ୍ରକୃତି ର ହୋଇ ଥିବାରୁ ଏ ଅଞ୍ଚଳ କ୍ରାଇମଠୁ ବହୁଦୂରରେ ବୋଲି ଜିଲ୍ଲା ରେ ମଧ୍ୟ ଜଣାଶୁଣା ଥିଲା । ସେଇଥି ପାଇଁ ଅନ୍ୟ ଜିଲ୍ଲାରୁ ଲୋକେ ଆସି



ହିନ୍ଦୋଳ ରେ ନିଜ ସ୍ଥାୟୀଭାବରେ ରହିବାକୁ ଆଗ୍ରହ କରନ୍ତି ଏବେ କିନ୍ତୁ କିଛି ଖଳ ପ୍ରକୃତିର ଗୋରୁ ମାଫିଆ, ମଦ, କାଠ, ଖଣି ମାଫିଆଙ୍କ ପାଇଁ, ଦିନଦ୍ୱିପହରରେ ମାଫିଆ, ଅପରାଧୀ ମାନେ ଗୁଳି ଫୁଟାଇ ହତ୍ୟା କରିବା ଇତ୍ୟାଦି ଭାୟାଭୟ ଆତଙ୍କ ସୃଷ୍ଟି କରିବାଯୋଗୁଁ ହିନ୍ଦୋଳ ଅଶାନ୍ତହେବା ସହ ଚର୍ଚ୍ଚାର ବିଷୟ ପାଲଟିଛି। କଥା କଥା କେ ଏବେ ଏଠି ଗୁଳି ଫୁଟୁଥିବା ବେଳେ ଅଞ୍ଚଳ ବାସି ସୁରକ୍ଷିତ ମଣୁ ନାହାନ୍ତି। କିଛି ଦିନ ହେବ ଏନଏସି ଅଞ୍ଚଳର କିଛି ଯୁବ ପୁଡି ଧଳାଜହର ସେବନ କରି ଅଞ୍ଚଳ କୁ ପୁରା ଦୂଷିତ କରି ସାରିଲେଣି ।ବିଭିନ୍ନ ଓ୍ୱାର୍ଡରେ ୧୫ବର୍ଷ ରୁ ୪୫ ବର୍ଷର ଯୁବପୀଢ଼ି ଏହି ନିଶାରେ ପୁରା ମତୁଆଲା ଏବଂ ଏହି ନିଶା ରେ କିଛି ଛାତ୍ର ମଧ୍ୟ ସାମିଲ ହୋଇଛନ୍ତି। ଧଳା ଜହର ନେବା ପରେ ବଜାର ଘାଟ ରେ ବାଇକ୍ ଧକାହେବା, ସ୍ପିଡ଼ ବାଇକ ଚାଳନା ସହ ନିଜନିଜ ଭିତରେ ଗଣ୍ଡଗୋଳ ହେଉଥିବା ଦେଖିବାକୁ ମିଳୁଛି। ଯାହାକୁ ରୋକିବାରେ ଦାୟିତ୍ୱରେ ଥିବା ବିଭାଗମାନ ଏଠିପୁରା ଫେଲ ମାରିଛି । ଧଳାଜହର ପାଇଁ ଅଭିଭାବକ ମାନେ ଚିନ୍ତାମଗ୍ନ ଥିବାବେଳେ ପୁରା ସହର କୁ ଏହି ଜହର ଗ୍ରାସ କରି ସାରିଲାଣି ।ସହର ର ସମସ୍ତ ଶୈବପୀଠ ଯଥା ' ମା ରନେଶ୍ୱେରି ପୀଠ ପାର୍ଶ୍ୱ ସ୍ଥାନ, ମା ପିତା ବଳି , ଜଗନ୍ନାଥ ମନ୍ଦିର ପଛ ପାର୍ଶ୍ୱ, ସ୍ୱପ୍ନେଶ୍ୱର, ପଶ୍ଚିମେଶ୍ୱର ମନ୍ଦିର, ନିକାଞ୍ଚନ ସ୍ଥାନକୁ ଆଦରି ନେଇଥିବା ବେଳେ ଭୀମଖନ୍ଦା, ଚାଉଳ ଗୋଦାମ,ଆନନ୍ଦ ବନ,ମଧୁବନ ନିଛାଟିଆ,ଥାନା ପଛ ପାର୍ଶ୍ୱ କେନାଲ ରାସ୍ତା ସ୍ଥାନ ମାନଙ୍କରେ ଧଳା ଯହର ସେବନ କରୁଥିବା ଯୁବ ପୀଢ଼ି ଏବେ ପେଣ୍ଟ ସ୍ଥଳୀ କରୁଛନ୍ତି। ଏମାନେ ଟିକେ ଟିକେ କଥାରେ ବଜାର ଘାଟରେ ଅପ୍ରୀତିକର ପରିସ୍ଥିତି ଭିଆଉ ଥିବାରୁ ସହର ଏବେ ଅଶାନ୍ତ ହୋଇ ପଡ଼ିଛି। ବିଭାଗୀୟ ଅଧିକାରୀଙ୍କୁ ସହର ବାସି ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କିଛି ସୁଫଳ ମିଳୀ ପାରୁ ନାହିଁ। ଆଗାମୀ ଦିନ ରେ ଏହାକୁ ରୋକା ନ ଗଲେ ସହର ସାରା ଦୂଷିତ ହେବ ବୋଲି ଜଳ ଜଳ ଦେଖା ଯାଉଛି। ବିଭାଗୀୟ ଅଧିକାରୀମାନେ ମାଫିଆଙ୍କ ପ୍ରତି କଡା ଅଭିମୁଖ୍ୟ ନେଲେ ଏହା ରୋକା ଯାଇ ପାରିବ ବୋଲି ବୁଦ୍ଧିଜୀବୀ ମାନେ ମତ ବ୍ୟକ୍ତ କରିଛନ୍ତି।

# ଟାଟା ଷ୍ଟିଲ୍ର ନୂଆମୁଣ୍ଡି ଓ ଯୋଡ଼ା ଇଷ୍ଟ ଲୌହ ଖଣିକୁ ୫-ଷ୍ଟାର ରେଟିଂ ପୁରସ୍କାର

ଯୋଡା,(ମହାଭାରତ) : କେନ୍ଦୁଝର ଜିଲ୍ଲା ଅନ୍ତର୍ଗତ ଯୋଡ଼ା ଟାଟା ଷ୍ଟିଲ୍ର ଓର, ମାଇନ୍ସ ଆଣ୍ଡ୍ କ୍ୱାରିଜ୍ ଡିଭିଜନ (ଓକ୍ୟୁଏମ୍) ଅଧୀନସ୍ଥ ନୂଆମୁଣ୍ଡି ଲୌହ ଖଣି ଓ ଯୋଡ଼ା ଇଷ୍ଟ ଲୌହ ଖଣି କୁ ଦୀର୍ଘସ୍ଥାୟୀ ବିକାଶ ମୂଳକ ପଦକ୍ଷେପ ପାଇଁ ୫-ଷ୍ଟାର ରେଟିଂ ପୁରସ୍କାର ପ୍ରଦାନ କରାଯାଇଛି। ବୁଧବାର ନୂଆଦିଲ୍ଲୀସ୍ଥିତ ଡକ୍ଟର ଆମ୍ବେଦକର ଇଂଟରନ୍ୟାସନାଲ୍ ସେଂଟରରେ ଆୟୋଜିତ ଏକ ସମାରୋହରେ ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ପକ୍ଷରୁ ଏହି ସମ୍ମାନ ପ୍ରଦାନ କରାଯାଇଛି ।ଟାଟା ଷ୍ଟିଲ୍ ଯୋଡ଼ା ର ଚିଫ ରାଜେଶ କୁମାର, ଟାଟା ଷ୍ଟିଲ୍ ନୂଆମୁଣ୍ଡି ଲୌହ ଖଣି ର ଚିଫ ଡି ବିଜୟେନ୍ଦ୍ର, ଟାଟା ଷ୍ଟିଲ୍ର ପ୍ଲାନିଂ, ମାଇନ୍ ପ୍ଲାନିଂ (ଓକ୍ୟୁଏମ୍) ହେଡ ପିଙ୍କୁ କୁମାର ଓ ଓକ୍ୟୁଏମ୍ ?ର ମାଇନ୍ ପ୍ଲାନିଂ ଏରିଆ ମ୍ୟାନେଜର ଗୌରବ ମୁଖାର୍ଜୀ କମ୍ପାନି ତରଫରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି ।କେନ୍ଦ୍ର



ସରକାରଙ୍କ ଖଣି ମନ୍ତ୍ରଣାଳୟ ପକ୍ଷରୁ ୫- ଷ୍ଟାର ରେଟିଂ ବ୍ୟବସ୍ଥାରେ ଖଣି ପରିଚାଳନାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦିଗ ଯଥା ପରିଚାଳନା ଦକ୍ଷତା, ପରିବେଶ ପରିଚାଳନା, ସୁରକ୍ଷା ମାନକ, ଗୋଷ୍ଠୀ ସଂପୃକ୍ତି ଓ ସ୍ଥାୟୀ ଅଭ୍ୟାସ ଆଦିର ଅନୁଶୀଳନ କରାଯାଉଛି। ଇଣ୍ଡିଆନ ବ୍ୟୁରୋ ଅଫ୍ ମାଇନ୍ସର ଅଧିକାରୀମାନଙ୍କ ଦ୍ୱାରା ପ୍ରତିଟି ଯୋଗ୍ୟତା ମାନଦଣ୍ଡକୁ ଅନୁଶୀଳନ କରାଯାଉଛି। ଏହାର ଲକ୍ଷ୍ୟ ହେଉଛି ଦାୟିତ୍ୱସମ୍ପନ୍ନ ଖଣି ଅଭ୍ୟାସକୁ ଗ୍ରହଣ କରିବା ସହ ଉତ୍କର୍ଷ ହାସଲ କରିବା ପାଇଁ ଖଣିଗୁଡ଼ିକୁ ପ୍ରୋତ୍ସାହିତ କରିବା। ଓ ଯୋଡ଼ା ଇଷ୍ଟ ଖଣିକୁ ନିରନ୍ତର ମାନ୍ୟତା ଖଣି ଶିଳ୍ପରେ ଶ୍ରେଷ୍ଠ ଅଭ୍ୟାସ କାର୍ଯ୍ୟକାରୀ କରିବାରେ ଟାଟା ଷ୍ଟିଲ୍ର ଅତୁଟ ପ୍ରତିବଦ୍ଧତାକୁ ଦର୍ଶାଉଛି। ପରିଚାଳନା ଉତ୍କର୍ଷ, ପରିବେଶ ସଂରକ୍ଷଣ ଓ ସାମାଜିକ ଦାୟିତ୍ୱ ପ୍ରତି କମ୍ପାନିର ପ୍ରତିବଦ୍ଧତାକୁ ଏହି ସମ୍ମାନଗୁଡ଼ିକ ପ୍ରତିଫଳିତ କରୁଛି ।ଉନ୍ନତ ପ୍ରଯୁକ୍ତି ଓ ଶ୍ରେଷ୍ଠ ଖଣି ଅଭ୍ୟାସ କାର୍ଯ୍ୟକାରିତାରେ ଟାଟା ଷ୍ଟିଲର ନୂଆମୁଣ୍ଡି ଓ ଯୋଡ଼ା ଆଇରନ ମାଇନ ଶିଳ୍ପ କ୍ଷେତ୍ରରେ ଅଗ୍ରଣୀ ରହିଛନ୍ତି। ଏହି ଦୁଇ ଖଣି ମାଇନିଂ ପକ୍ଷରୁ ଶ୍ରେଷ୍ଠ ପ୍ରଦର୍ଶନ ହାସଲ କରିବା ପାଇଁ ସଫ୍ଟୱେର, ଫ୍ଲିଟ ପରିଚାଳନା ବ୍ୟବସ୍ଥା, ରିମୋଟ କଣ୍ଟ୍ରୋଲ ଡ୍ରିଲ ଓ ରିୟଲ ଟାଇମ ମନିଟେରିଙ୍ଗ ସିଷ୍ଟେମ ବ୍ୟବହାର କରାଯାଉଛି । ଏତଦ୍ ବ୍ୟତୀତ, ପାରିପାର୍ଶ୍ୱିକ ଗ୍ରାମରେ ବାସ କରୁଥିବା ଲୋକମାନଙ୍କ ସାମଗ୍ରିକ କଲ୍ୟାଣ, ଶିକ୍ଷା ଓ ଦକ୍ଷତା ବିକାଶ, ସ୍ୱାସ୍ଥ୍ୟ ଓ ପରିମଳ, ଜୀବିକା ସୁନିଶ୍ଚିତ କରିବା ପାଇଁ ବ୍ୟାପକ ଗୋଷ୍ଠୀ ଅଭିଯାନ ଗ୍ରହଣ କରାଯାଇଛି।

# ବେଗୁନିଆ ଅଟ୍ରିରେ ଉପ ମୂଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା

ବେଗୁନିଆ ,(ମହାଭାରତ) : ଖୋର୍ଦ୍ଧା ଜିଲ୍ଲା ବେଗୁନିଆ ବ୍ଲକ ଗସ୍ତ କରି ବିଭିନ୍ନ ଉନ୍ନୟନ ମୂଳକ ପ୍ରକଳ୍ପର ସମୀକ୍ଷା କରିଛନ୍ତି ଉପ ମୂଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା। ପ୍ରଥମେ ଅଟ୍ରି ବାବା ହାଟକେଶ୍ୱର



ମନ୍ଦିରରେ ଓଡ଼ିଶାର ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡାଙ୍କ ସହିତ ମନ୍ତ୍ରୀ ସୂର୍ଯ୍ୟାବଂଶୀ ସୁରଜ, ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ , ଖୋର୍ଦ୍ଧା ବିଧାୟକ ପ୍ରଶାନ୍ତ ଜଗଦେବ, ଖୋର୍ଦ୍ଧା ଜିଲ୍ଲାପାଳ ପ୍ରମୁଖ ପହଞ୍ଚି ହାଟକେଶ୍ୱର ମହାଦେବଙ୍କୁ ଦର୍ଶନ କରିଛନ୍ତି। ପରେ ଅଟ୍ରି ଉଷ୍ଣପ୍ରସ୍ରବଣ ପର୍ଯ୍ୟଟନ କ୍ଷେତ୍ର ବୁଲିବା ସହିତ ବିଭିନ୍ନ ପ୍ଲକଳ୍ପର ସମୀକ୍ଷା କରିଛନ୍ତି। ବେଗୁନିଆ ବିଧାୟକ ପ୍ରଦୀପ କୁମାର ସାହୁ ସେଠିକାର ବିଭିନ୍ନ ସମସ୍ୟା ସମ୍ପର୍କରେ ଉପ ମୁଖ୍ୟମନ୍ତ୍ରୀଙ୍କୁ ଅବଗତ କରିବା ପରେ ୧୦ କୋଟିର ଅନୁଦାନ ପାଇଁ ଅନୁରୋଧ କରିଥିଲେ । ଏହାର ପ୍ରତି ବଦଳରେ ଅଟ୍ରିର ବିକାଶ ପାଇଁ ୧୦ କୋଟି ନୁହେଁ ଯେତେ ଟଙ୍କା ଆବଶ୍ୟକ ରାଜ୍ୟ ପର୍ଯ୍ୟଟନ ବିଭାଗ ତରଫରୁ ଯୋଗାଇ ଦିଆଯିବ ବୋଲି କହିଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା।

# ସଂଜୟ କୁମାର ମହାପାତ୍ରଙ୍କ ଜନ୍ମ ଦିବସ ପାଳିତ

ଖୋର୍ଦ୍ଧା,(ମହାଭାରତ) : ଜିଲ୍ଲାର ଅଗ୍ରଣୀ ଘରୋଇ ଆବାସିକ ଘରୋଇ ଶିକ୍ଷାନୁଷ୍ଠାନ ଚିଲିକା ବ୍ଲକର ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ମାତୃ ବିହାର... କାଳୁପଡା ଘାଟ ର ପ୍ରତିଷ୍ଠାତା ସଂଜୟ କୁମାର ମହାପାତ୍ର ଙ୍କର ୫୬ ତମ ଜନ୍ମ ଦିବସ ଆଜି ବିଦ୍ୟାଳୟ ପରିସର ରେ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇ



ଯାଇଅଛି... ଏହି ଅବସର ରେ ବିଦ୍ୟାଳୟ ପରିସରରେ ମାଙ୍କ ସମାଧି ସ୍ଥଳରେ ଅନ୍ତେବାସୀ ମାନେ ପ୍ରଣାମ କରି ପୁଷ୍ପ ନୈବେଦ୍ୟ ଅର୍ପଣ କରି ଶ୍ରୀ ମହାପାତ୍ର ଙ୍କର ଦୀର୍ଘାୟୁ କାମନା କରିଥିଲେ... ଏହା ପରେ ଛାତ୍ର ଛାତ୍ରୀ ମାନଙ୍କ ଉପସ୍ଥିତିରେ କେକ କଟାଯାଇଥିଲା... କେକ କଟାଯିବା ପରେ ଛାତ୍ର ଛାତ୍ରୀଙ୍କୁ ବିଦ୍ୟାଳୟ ପକ୍ଷରୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା... ଏହା ସହ ବିଦ୍ୟାଳୟ ର ସମସ୍ତ ଛାତ୍ର ଛାତ୍ରୀ ଙ୍କ ସହ ବହୁ ବୁଦ୍ଧିଜୀବୀ... ସମାଜ ସ୍ୱୋ... ସାମ୍ବାଦିକ ପୁରାତନ ଛାତ୍ର ଛାତ୍ରୀ ଶ୍ରୀ ମହାପାତ୍ରଙ୍କୁ ଭେଟି ପୁଷ୍ପ ଗୁଚ୍ଛ ଉତ୍ତରୀୟ ପ୍ରଦାନ କରି ଅଭିନନ୍ଦନ ଜଣାଇଥିଲେ.... ମାତୃ ବିହାର ର ଅଧ୍ୟକ୍ଷ ଶ୍ରୀ ମହାପାତ୍ର ଆଜୀବନ ବ୍ରହ୍ମଚାରୀ ବ୍ରତ ପାଳନ କରି ଗ୍ରାମାଞ୍ଚଳ ରେ ଶିକ୍ଷାକୁ ତୃଣ ମୂଳ ସ୍ତରରେ ପହଂଚଇବା ପାଇଁ ଅହରହ ସଂଗ୍ରାମ ଚଳାଇ ଆସିଛନ୍ତି... ଫଳରେ ଏହି ବିଦ୍ୟାଳୟ ରୁ ବହୁ ଛାତ୍ର ଉତୀର୍ଣ୍ଣ ହୋଇ ରାଜ୍ୟ ଓ ଦେଶର ନାଁ କୁ ଆଗେଇ ନେବାପାଇଁ ଚେଷ୍ଟା ଚଳାଇ ଆସିଛନ୍ତି... ସେଥିପାଇଁ ଚିଲିକା ବ୍ଲକ ଭଳି ଅଞ୍ଚଳ ରେ ଏହି ବିଦ୍ୟାଳୟ ଶିକ୍ଷା ର ଏକ ମାଇଲ ଖୁଣ୍ଟ ଭାବେ ଦଣ୍ଡାୟ ମାନ ହୋଇ ରହିଆସିଛି....

# ବ୍ଲକ କାର୍ଯ୍ୟାଳୟରେ ଆରମ୍ଭ ହେବ ମଟର ଗାଡିର ଓ୍ୱାନ ଟାଇମ ସେଟଲମେଣ୍ଟ ପୋଗ୍ରମ୍

ହାଟଡିହି,(ମହାଭାରତ) : ଶୁକ୍ରବାର ଦିନ ହାଟଡିହି ବ୍ଲକ ପରିସର ରେ ଆରମ୍ଭ ହେବ ମଟର ଗାଡି ର ବକେୟା ପାଉଣା ଥିବା ଓ୍ୱାନ ଟାଇମ ସେଟଲମେଣ୍ଟ କାର୍ଯ୍ୟକ୍ରମ। ଏନେଇ ହାଟଡିହି ତହସିଲ ଅଧିନରେ ଏକ ଚିଠି ଜରିଆରେ ଆଞ୍ଚଳିକ ପରିବହନ କେନ୍ଦ୍ର କେନ୍ଦୁଝର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଯାହାକି ଚିଠି ସଂଖ୍ୟା ୩୪୭୯ ରହିଥିବା ବେଳେ ଏହା ଜୁଲାଇ ୨୪ ତାରିଖ ରୁ ପ୍ରକାଶ କରାଯାଇଛି। ଏଥିରେ ଅଗଷ୍ଟ ମାସ ୦୯ ତାରିଖ ଦିନ ହାଟଡିହି ବ୍ଲକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହା ଆଞ୍ଚଳିକ ପରିବହନ ବିଭାଗ କନିଷ୍ଠ ଯନ୍ତ୍ରୀ ରାଜେଶ କୁମାର ସେଠୀ ଦାୟିତ୍ୱ ରେ ରହିବେ। ଏହି କାର୍ଯ୍ୟକ୍ରମ ରେ ବହୁ ପୁରୁଣା ଓ ବହୁ ଦିନର ବାକି ରହିଥିବା ମଟର ଯାନ ଟିକସ ରେ ଫାଇସଲ କରାଯାଇ ଓ୍ୱାନ ଟାଇମ ସେଟେଲ ମେଣ୍ଟ ପ୍ରତି ମାସ ବ୍ଲକ, ଓ ଉପଖଣ୍ଡ ରେ ହେବାକୁ ଉଲ୍ଲେଖ ରହିଛି। ଯେଉଁ ମଟର ଚାଳକ ମାନେ ଟିକସ ନଦେଇ ମନରେ ଭୟ ରଖି ବାହାର କୁ ଗାଡ଼ି ନେଇ ଯାଇପରୁନଥିଲେ ସେମାନେ ଏହି ଓ୍ୱାନ ଟାଇମ ସେଟେଲ ମେଣ୍ଟ ମାଧ୍ୟମ ରେ ଲାଭ ନେଇ ପାରିବେ।

# ପିତାନାଉ ଜଙ୍ଗଲରେ ମାଈ ହାତୀ ମୃତ୍ୟୁ



ହାଟଡିହୀ,(ମହାଭାରତ) : କେନ୍ଦୁଝର ଜିଲା ହାଟଡିହୀ ବ୍ଲକ ହଦଗଡ଼ ହସ୍ତୀ ଅଭୟାରଣ୍ୟ ପିତାନାଉ ନିକଟରେ ଏକ ମାଈ ହାତୀ ମୃତ୍ୟୁ ଘଟିଛି। ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିନି। ଖବର ମିଳିବା ପରେ ବନ ବିଭାଗ ହାତୀ ମୃତ୍ୟୁର ତଦନ୍ତ ଆରମ୍ଭ କରିଛି। ତେବେ ବାର୍ଦ୍ଧକ୍ୟ ଜନିତ କାରଣରୁ ହାତୀର ମୃତ୍ୟୁ ଘଟିଥାଇ ପାରେ ବୋଲି ଅନୁମାନ କରାଯାଉଛି। ଅପରପକ୍ଷେ ଶିକାରୀମାନେ ବିଷ କ୍ରିୟା କିମ୍ବା ଆଘାତ କରି ହାତୀଟିକୁ ମାରିଦେଇଥ ?ିବା ଆଲୋଚନା ହେଉଛି। ବ୍ଲକ ଭେଟେନାରୀ ଅଫିସର ରଶ୍ମି ରଞ୍ଜନ ନାୟକ (ବିଭିଓ) ମୃତଦେହ ବ୍ୟବଚ୍ଛେଦ କରିଥିଲେ , ହାତୀ ଟି ମୃତ୍ୟୁ ବେଳେ ୫୦ବର୍ଷ ବୟସ ର ହୋଇଥିବା ଜଣା ପଡ଼ିଛି କିନ୍ତୁ କିପରି ମୃତ୍ୟୁ ବରଣ କରିଛି ସଠିକ୍ ତଥ୍ୟ ନମିଳିବାରୁ ତାର ଦେହାବଶେଷ ପରୀକ୍ଷା ପାଇଁ ପଠା ଯାଇଥିବା ସୂଚନା ମିଳିଛି। କିଛି ଦିନ ପୂର୍ବରୁ ସୋସୋ ଥାନା ଅଞ୍ଚଳରେ ଜଣେ ବ୍ୟକ୍ତି ଏକ ଦନ୍ତାହାତୀକୁ କରେଣ୍ଟ ଲଗାଇ ମାରି ଦେଇଥିଲେ। ଦିନ କୁ ଦିନ କାହିଁକି ହାତୀ ଗୁଡ଼ିକ ହଦଗଡ଼ ଜଙ୍ଗଲରୁ ମୃତ୍ୟୁ ବରଣ କରୁଛନ୍ତି ତାକୁ ନେଇ ଜିଲ୍ଲା ବନ୍ୟ ପ୍ରାଣୀ ଚିକିତ୍ସକ ଓ ଜଙ୍ଗଲ ବିଭାଗ ର ମୁଣ୍ଡ ବିନ୍ଧାର କାରଣ ସାଜିଛି।

# ପାରାଦୀପ ବଣିକ ସଙ୍ଘ ସଭାପତିଙ୍କ ପରିବର୍ତ୍ତନ ପାଇଁ ବ୍ୟବସାୟୀଙ୍କ ଅଦଭୁତ ପ୍ରତିବାଦ

ପାରାଦୀପ,(ମହାଭାରତ) : ପାରାଦୀପ ବଣିକ ସଂଘରେ ଦୀର୍ଘ ଷୋଳ ବର୍ଷ ଧରି ସଭାପତି ପଦରେ ରହିଥିବା



ସନ୍ତୋଷ ପଟ୍ଟନାୟକଙ୍କ ବିରୋଧରେ ବ୍ୟବସାୟୀ ମାନେ ଏକତ୍ରିତ ହୋଇ ପଦ ଛାଡିବା କୁ ଦାବୀ କରିଛନ୍ତି । ସଙ୍ଘ ତଥା ବ୍ୟବସାୟୀ ମାନଙ୍କ କୌଣସି ଉନ୍ନୟନ ମୂଳକ କାର୍ଯ୍ୟ ନକରି ବରଂ ନିଜ ଗାଦି ସୁରକ୍ଷିତ ପାଇଁ କୋର୍ଟ ରେ ଏକ ସ୍ଥିତାବସ୍ଥା ନିର୍ଦ୍ଦେଶନାମା ଆଣିଥିବା ନେଇ ଅଭିଯୋଗ କରିଛନ୍ତି ବ୍ୟବସାୟୀ । ତେବେ ଏହାର ପ୍ରତିବାଦରେ ଶତାଧିକ ବ୍ୟବସାୟୀ ଅଭିନ୍ନ ଉପାୟରେ ପ୍ରତିବାଦ କରିଛନ୍ତି । ଏବାବଦରେ ଗୁରୁବାର ଦିନ ସକାଳେ ସଙ୍ଘ କାର୍ଯ୍ୟାଳୟ ପରିସରରେ ମା ଦୁର୍ଗା ମନ୍ଦିରରେ ବଣିକ ସଂଘର ବହୁ ବ୍ୟବସାୟୀ ଏକାଠି ହୋଇ ଅନୈତିକ ଉପାୟରେ ସଂଘର ସଭାପତି ଗାଦି ମାଡି ବସିଥିବା କଳା ପାହାଡ଼ ସନ୍ତୋଷ ପଟ୍ଟନାୟକ କୁ ଉଚିତ ଦଣ୍ଡ ଦେବାକୁ ମା ଙ୍କୁ ପ୍ରାର୍ଥନା କରିଥିଲେ। ଏହାପରେ ସାଲୁ ଗୁଡା ନଡ଼ିଆ ଧରି ଏକ ବିରାଟ ପଦଯାତ୍ରା ରେ ବସ ଷ୍ଟାଣ୍ଡ ଯାଇ ସେଠାରେ ମା ତାରିଣୀଙ୍କ ଉଦ୍ଦେଶ୍ୟରେ ନଡ଼ିଆ ପ୍ରଦାନ କରିଥିଲେ ।

# ହିନ୍ଦୋଳର ପ୍ରମୁଖ ପର୍ଯ୍ୟଟନସ୍ଥଳୀ ସାପୁଆରେ ନିମ୍ନମାନର କାର୍ଯ୍ୟ



ହିନ୍ଦୋଳ,(ମହାଭାରତ) : ଢେଙ୍କାନାଳ ଜିଲ୍ଲାର ଅନ୍ୟତମ ପ୍ରମୁଖ ପର୍ଯ୍ୟଟନସ୍ଥଳୀ ହେଉଛି ହିନ୍ଦୋଳ ନିର୍ବାଚନମଣ୍ଡଳୀର ରସୋଳ ଥାନା ଅନ୍ତର୍ଗତ ସାପୁଆ ଡ୍ୟାମ। ଓଡିଶାରେ ସୁପରିଚିତ ଏହି ସାପୁଆ ପର୍ଯ୍ୟଟନସ୍ଥଳକୁ ପ୍ରତ୍ୟେକବର୍ଷ ଏଠାକୁ ହଜାରହଜାର ପର୍ଯ୍ୟଟକ ଛୁଟି ଆସନ୍ତି ଏହାର ମନୋରମ ସୁନ୍ଦର ପରିବେଶ ପାଇଁ। ମାତ୍ର ଏଠାରେ ହେଉଥିବା ସରକାରୀ ଉର୍ଣ୍ଣୟନମୂଳକ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର, ନିମ୍ନମାନର ସିମେଣ୍ଟ, ଚିପ୍ସ, ଛଡ଼ ଦେଇ କଣ୍ଟ୍ରାକ୍ଟର ମାଲେମାଲ । ପର୍ଯ୍ୟଟନସ୍ଥଳୀର ମାନ୍ୟତା ପାଇବା ପରେ ରାଜ୍ୟସରକାର ୭କୋଟି ଟଙ୍କାର ଅନୁଦାନ ଯୋଗାଇ ଦେଇଥିବାବେଳେ ପର୍ଯ୍ୟଟନ ବିଭାଗ ଏକ ଠିକା ସଂସ୍ଥାକୁ ନିର୍ମାଣ ଦାୟିତ୍ୱ ଦେଇଛି। ଠିକାଦାର ନିଜ ମର୍ଜୀରେ କାର୍ଯ୍ୟ କରୁଥିବାବେଳେ ସମସ୍ତ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର ଏବଂ ଏଠାରେ ତଦାରଖ କରିବାକୁ କେହି ବିଭାଗୀୟ ଅଧିକାରୀ ଆସନ୍ତି ନାହିଁ। ଏଠାରେ ସବୁକାମ ନିମ୍ନମାନର ହେଉଥିବା ବାରମ୍ବାର ଦୃଷ୍ଟିଆକର୍ଷଣ ହେଉଥିଲେ ମଧ୍ୟ ପର୍ଯ୍ୟଟନ ବିଭାଗ ଯନ୍ତ୍ରୀ ଅଭିଯୋଗକୁ କୌଣସି ଗୁରୁତ୍ୱ ଦେଉନାହାନ୍ତି। ସୂଚନା ଅନୁଯାଇ ଡ୍ୟାମର ତଳଭାଗରେ ଫେଭର କାର୍ଯ୍ୟ ହେଉଥିବାବେଳେ ମାଟି ଉପରେ ପକାଯାଉଥିବା ପିସିସି ବର୍ଷାରେ ଧୋଇନେଉଛି, କିନ୍ତୁ ଠିକାଦାର ସେହି ଭଙ୍ଗା ପିସିସି ଉପରେ କାର୍ଯ୍ୟ ଚାଲୁରଖୁଛନ୍ତି। ଯନ୍ତ୍ରୀଙ୍କୁ ଫୋନ ଯୋଗେ ଜଣାଇବାରୁ ସେ କୁହନ୍ତି ଆଉଥରେ ଭଙ୍ଗା ପିସିସି ବାହାର କରାଯାଇ ରିପେୟାରିଙ୍ଗ ହୋଇ କାର୍ଯ୍ୟ ହେବ ମାତ୍ର ଠିକାଦାର ବେଫିକର ବେଖାତିର କରି ସେହି ନିମ୍ନମାନର କାର୍ଯ୍ୟ ଚାଲୁ ରଖିଛନ୍ତି ଏପରିକି ଅଭିଯୋଗ ପରେ କିଛି ଲୋକଙ୍କୁ ଲାଂଚ ଦେଇ ସେହି ଧୋଇହୋଯାଇଥିବା ପିସିସି ଉପରେ ପ୍ୟାଚ ପକା କାମ କରିଦିଆଯାଇଛି । କେବଳ ସେତିକି ନୁହେଁ ପର୍ଯ୍ୟଟନ ସ୍ଥଳରେ ହେଉଥିବା ସମସ୍ତ କାର୍ଯ୍ୟ ରାସ୍ତା, ଡ୍ରେନ, ଓ୍ୱାଲ, ବିଭିନ୍ନ ବସିବା ସ୍ଥାନରେ ବେଞ୍ଚ, ଭୋଜି ହେଉଥିବା ସ୍ଥାନର ଉର୍ନ୍ନତି କାର୍ଯ୍ୟ ମଧ୍ୟ ବେଖାତିର କରି ମନମୁଖୀ କରି ନିମ୍ନମାନର କାର୍ଯ୍ୟ କରୁଛନ୍ତି ଏବଂ ଜଗିବାକୁ ତଦାରଖ କରିବାକୁ ନାହାନ୍ତି ବିଭାଗୀୟ ଅଧିକାରୀ, ଫଳରେ ସରକାରଙ୍କ କୋଟିକୋଟି ଟଙ୍କାର ଅନୁଦାନ ପାଣିରେ ପଡ଼ିବାକୁ ବସିଲାଣି ଏବଂ ସାପୁଆ ଏକ ପ୍ରମୁଖ ସୁନ୍ଦରତମ ପର୍ଯ୍ୟଟନ ସ୍ଥଳୀ ଭାବରେ ପାଇଥିବା ମାନ୍ୟତାର ଗୁରୁତ୍ୱ କମିଯିବ ବୋଲି କ୍ଷୋଭର ସହ କୁହନ୍ତି ଅଂଚଳ ବାସି। ଏଥିରେ ଛୋଟରୁ ବଡ଼ ଅଫିସିଆଲ ନନ-ଅଫିସିଆଲ ଛୋଟମାଛ ରୁ ବଡ଼ ମାଛ ପର୍ଯ୍ୟନ୍ତ ସମସ୍ତଙ୍କ ମୁଣାରେ ପିସି(ଟଙ୍କା) ପଶୁ ଥିବାରୁ ଠିକାଦାର ଅତ୍ୟନ୍ତ ନିମ୍ନମାନର କାର୍ଯ୍ୟ କରିବାକୁ ସାହସ ପାଉଛି ବୋଲି ଅଞ୍ଚଳ ବାସି ଆଲୋଚନା କରିବା କ୍ଷୋଭ ପ୍ରକାଶ କରିଛନ୍ତି। ଫଳରେ ଆଗକୁ ଶୀତଋତୁ ଆସୁଥିବାରୁ ବହୁ ପର୍ଯ୍ୟଟକ ଏଠାକୁ ଆସିବେ ଏବଂ ତୁରନ୍ତ କାର୍ଯ୍ୟର ତଦାରଖ କରିବା ସହ କିଭଳି ସଠିକ କାର୍ଯ୍ୟ ହେବ ବିଭାଗୀୟ ଅଧିକାରୀ ଓ ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେବାକୁ ଓ ଏଠାରେ ହେଉଥିବା ଅନିୟମିତତା,ନିମ୍ନମାନର କାର୍ଯ୍ୟକୁ ଜିଲ୍ଲାପାଳ ଓ ପର୍ଯ୍ୟଟନ ବିଭାଗ ତଦନ୍ତ କରି ଦୃଢ଼ ପଦକ୍ଷେପ ନେବାକୁ ହିନ୍ଦୋଳ ନିର୍ବାଚନମଣ୍ଡଳୀର ବୁଦ୍ଧିଜୀବୀ ଓ ସଚେତନ ଜନସାଧାରଣ ଦାବି କରିଛନ୍ତି।

# ରାସ୍ତାରେ ଯିବାକୁ ଭୟ କରୁଛନ୍ତି ଯାତ୍ରୀ

ବରୀ,(ମହାଭାରତ) : ବରୀ କଳାମାଟିଆ ରାସ୍ତାରୁ ଅଲିପୁର କୁ ସଂଯୋଗ କରୁଥିବା ରାସ୍ତା



ଦୁଇ ପାର୍ଶ୍ୱରେ ଅନାବନା ଗଛ ସହିତ ତଣ୍ଡି ମାଡି ଆସିବାରୁ ଯାତ୍ରୀ ମାନେ ଯିବାକୁ ଭୟ କରୁଛନ୍ତି। ପ୍ରକାଶ ଥାଉକି ଏହି ରାସ୍ତାଟି ବରୀ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର, ବରୀ ବ୍ଲକ ଓ ଗୋପବନ୍ଧୁ ଚୌଧୁରୀ କଲେଜ, ବ୍ୟାଙ୍କ ଆଦିର ମୂଖ୍ୟ ରାସ୍ତା ଅଟେ । ଏହି ରାସ୍ତା ଦେଇ ପ୍ରତିଦିନ ସହ ସହ ଲୋକ ଯାତାୟତ କରିଥାନ୍ତି। ଏହି ରାସ୍ତାରେ ଆଲୋକିକରଣ ବ୍ୟବସ୍ଥା ନଥିବା ସହିତ ରାସ୍ତାର ଦୁଇ ପାର୍ଶ୍ୱରେ ଅନାବନା ଗଛ ଓ ତଣ୍ଡି ବଣ ରହିଥିବାରୁ ସଂନ୍ଧ୍ୟା ହେଲେ ଲୋକ ମାନେ ଯାତାୟତ କରିବାକୁ ଭୟ କରୁଛନ୍ତି। ବିଶେଷ କରି ଅରଙ୍ଗାବାଦ , ଉଦୟନାଥପୁର ଓ ରତଳାଙ୍ଗ ଆଦି ପଂଚାୟତର ଲୋକ ମାନେ ବରୀ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ର କୁ ଏହି ରାସ୍ତା ଦେଇ ଯାତାୟତ କରିଥାନ୍ତି। କିନ୍ତୁ ଏବେ ଏହି ରାସ୍ତା ଦେଇ ଯିବାକୁ ଲୋକ ମାନେ ଭୟ କରୁଥିବାରୁ ସଂନ୍ଧ୍ୟା ପରେ ଏହି ରାସ୍ତା ସୁନ ସାନ ହୋଇ ପଡୁଥିବା ଦେଖିବାକୁ ମିଳିଛି। ଯାହାକୁ ନେଇ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି।

# 'ପ୍ରତ୍ୟେକ ଖେଳାଳିଙ୍କର ନିଜସ୍ୱ ଦିନ ଅଛି, ଏହା ମୋ' ଦିନ ନ ଥିଲା'

ନୂଆଦିଲ୍ଲୀ,୯।୮: ପ୍ୟାରିସ ଅଲିମ୍ପିକ୍ସ ୨୦୨୪ରେ ଭାରତର ଗୋଲଡେନ ବୟ ନୀରଜ ଚୋପ୍ରାଙ୍କୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଛି । ଏହାପୂର୍ବରୁ ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ନୀରଜ ଏଥରର ନିଜ ପ୍ରଦର୍ଶନରେ ଖୁସି ନାହାନ୍ତି । ପଦକ ଜିତିବା ପରେ ନୀରଜ କହିଛନ୍ତି, ଯଦିଓ ଆମ ଜାତୀୟ ସଂଗୀତ ଆଜି ବାଜି ପାରି ନାହିଁ, ଭବିଷ୍ୟତରେ ଏହା ନିଶ୍ଚିତ ଭାବରେ ଅନ୍ୟ ଏକ ସ୍ଥାନରେ ବଜାଯିବ ।




ନୀରଜ ଚୋପ୍ରା କହିଛନ୍ତି, ପ୍ରତିଯୋଗିତା ଚମତ୍କାର ଥିଲା । ପ୍ରତ୍ୟେକ ଖେଳାଳିଙ୍କର ନିଜସ୍ୱ ଦିନ ଅଛି, ଆଜି ଅର୍ସଦଙ୍କ ଦିନ ଥିଲା । ଟୋକିଓ, ବୁଦାପେଷ୍ଟ ଓ ଏସୀୟ ଜାଭେଲିନ ୮୯.୪୫ ମିଟର ଫିଙ୍ଗି ରୌପ୍ୟ ପଦକ ଜିତିଛନ୍ତି । ଏହା ନୀରଜଙ୍କ ଚଳିତ ସିଜିନର ଶ୍ରେଷ୍ଠ ସ୍କୋର । ସେହିଭଳି ପ୍ରତିଯୋଗିତାରେ ପାକିସ୍ତାନର ଅର୍ଶଦ ନଦିମ ସ୍ୱର୍ଣ୍ଣ ପଦକ ଜିତିଥିଲେ । ୯୨.୯୭ ମିଟର ଥ୍ରୋରେ ଅର୍ସଦ ସ୍ୱର୍ଣ୍ଣ ହାସଲ କରିଥିଲେ । ଅର୍ସଦ ଙ୍କ ଏହି ଥ୍ରୋ ମଧ୍ୟ ଏକ ଅଲିମ୍ପିକ ରେକର୍ଡରେ ପରିଣତ ହୋଇଥିଲା ।

ନୀରଜ ଚୋପ୍ରା କହିଛନ୍ତି, ଯେତେବେଳେ ବି ମୁଁ ଥ୍ରୋ କରିବା ନିମନ୍ତେ ଦୌଡ଼ିବା ଆରମ୍ଭ କରୁଥିଲି ମୁଁ ମୋର ଶ୍ରେଷ୍ଠ ପ୍ରଦର୍ଶନ କରି ପାରୁ ନ ଥିଲି । କାରଣ ମୋ'ର ୭୦% ଧ୍ୟାନ ମୋର ଆଘାତ ଉପରେ କେନ୍ଦ୍ରୀଭୂତ ହେଉଥିଲା । ଆଜି ମୋ' ସ୍ପିଡ ଠିକ୍ ନ ଥିଲା । ତେଣୁ ମୁଁ ଯାହା ପ୍ରଦର୍ଶନ କରିଛି ନିଜ ଯନ୍ତ୍ରଣା ସହ ସଂଘର୍ଷ କରି କରିଛି । କାରଣ ମୋ' ପାଖରେ ଅଲମ୍ପିକ୍ସ ନିମନ୍ତେ ପ୍ରସ୍ତୁତି ମଧ୍ୟରେ ସର୍ଜରୀ ପାଇଁ ସମୟ ନ ଥିଲା ।

ପ୍ରତିଯୋଗିତାରେ ପାକିସ୍ତାନର ଅର୍ସଦ ନଦିମ ୯୨.୯୭ ମିଟର ଥ୍ରୋ କରି ସ୍ୱର୍ଣ୍ଣ ପଦକ ଜିତିଛନ୍ତିୟ ଏହା ଉପରେ ପ୍ରତିକ୍ରିୟା ଦେଇ ନୀରଜ କହିଛନ୍ତି, ୨୦୧୦ ମସିହାରୁ ମୁଁ ଅର୍ସଦଙ୍କ ବିରୋଧରେ ଖେଳୁଛି । ଆଉ ଆଜି ପ୍ରଥମ ଥର ତାଙ୍କଠୁ ହାରର ସମ୍ମୁଖୀନ ହୋଇଛି । ଏହା ହେଉଛି ଖେଳ ଓ ଆମକୁ ଜିତିବା ଓ ହାରିବାକୁ ସ୍ୱୀକାର କରିବାକୁ ପଡ଼ିବ । ଏହା ମୋ' ଦିନ ନ ଥିଲା, ଅର୍ସଦଙ୍କ ପାଇଁ ଏହା ଖାସ୍ ଥିଲା ।

# ସନ୍ନ୍ୟାସ ପରେ ପିଆର ଶ୍ରୀଜେଶଙ୍କୁ ନୂଆ ଦାୟିତ୍ୱ

## ପୁରସ୍କାର ଦେଲା ହକି ଇଣ୍ଡିଆ

ନୂଆଦିଲ୍ଲୀ,୯।୮(ଏଜେନ୍ସି): ଭାରତୀୟ ହକି ଦଳର ପ୍ରାଚୀର କୁହାଯାଉଥିବା ଗୋଲକିପର ପିଆର ଶ୍ରୀଜେଶ ଗୁରୁବାର ପ୍ୟାରିସ୍ ଅଲିମ୍ପିକ୍ସ ୨୦୨୪ରେ କାଂସ୍ୟ ପଦକ ଜିତିବା ପରେ ହକିରୁ ସନ୍ନ୍ୟାସ ନେଇଛନ୍ତି । ତଥାପି ସେ ଦଳ ସହ ଜଡ଼ିତ ରହିବେ । ଶୁକ୍ରବାର ହକି ଇଣ୍ଡିଆ । ପିଆର ଶ୍ରୀଜେଶଙ୍କୁ କନିଷ୍ଠ ପୁରୁଷ ହକି ଦଳର ମୁଖ୍ୟ ପ୍ରଶିକ୍ଷକ ଭାବରେ ନିଯୁକ୍ତ କରିଛି । ସେ ବର୍ତ୍ତମାନ ଯୁବ ଦଳକୁ ଭବିଷ୍ୟତର ଆହ୍ୱାନ ପାଇଁ ପ୍ରସ୍ତୁତ କରିବେ ।

ସୂଚନାଯୋଗ୍ୟ, ଗୁରୁବାର ପ୍ୟାରିସ୍ ଅଲିମ୍ପିକ୍ସରେ ସ୍ପେନକୁ ୨-୧ରେ ପରାସ୍ତ କରି କାଂସ୍ୟ ପଦକ ଜିତିଛି ଭାରତୟ ଏହି ବିଜୟ ସହ ହକିରୁ ସନ୍ନ୍ୟାସ ଘୋଷଣା କରିଛନ୍ତି ଶ୍ରୀଜେଶ । ଦୀର୍ଘ ଦିନ ଧରି ଶ୍ରୀଜେଶ ଭାରତୀୟ ହକି ଦଳର ଜଣେ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ରହିଆସିଛନ୍ତି । ପ୍ୟାରିସ ଅଲିମ୍ପିକ୍ସରେ ମଧ୍ୟ ଶ୍ରୀଜେଶ ଚମତ୍କାର ପ୍ରଦର୍ଶନ କରିଥିଲେ ଏବଂ ବିପକ୍ଷ ଦଳ ସାମ୍ନାରେ ପ୍ରାଚୀର ଭଳି ଠିଆ ହୋଇଥିଲେ । ସ୍ପେନ ବିପକ୍ଷରେ ବ୍ରୋଞ୍ଜ ପଦକ ମ୍ୟାଚରେ ଶ୍ରୀଜେଶ ଅନ୍ତିମ କ୍ୱାର୍ଟରରେ ଚମତ୍କାର ସଞ୍ଚୟ କରିଥିଲେ ଏବଂ ସେମାନଙ୍କୁ ଆଗକୁ ଯିବାକୁ ଦେଇ ନଥିଲେ । ଏହିଭଳି ଭାବେ ଭାରତୀୟ ହକି ଦଳ ଶ୍ରୀଜେଶଙ୍କୁ ବିଜୟ ସହ ବିଦାୟ ଦେଇଛନ୍ତି ।

## ଆନନ୍ଦ ମହିନ୍ଦ୍ରାଙ୍କ ପ୍ରତିକ୍ରିୟା

ନୂଆଦିଲ୍ଲୀ,୯।୮(ଏଜେନ୍ସି): ପ୍ୟାରିସ ଅଲିମ୍ପିକ୍ସରେ ଗୁରୁବାର ତୀବ୍ର ପ୍ରତିଦ୍ୱନ୍ଦ୍ୱିତାପୂର୍ଣ୍ଣ ଜାଭଲିନ୍ ଇଭେଣ୍ଟରେ ନୀରଜ ରୌପ୍ୟ ପଦକ ହାସଲ କରିଛନ୍ତି । ଯାହାକି ଭାରତ ପାଇଁ ଗର୍ବର ବିଷୟ । ତେବେ ଭାରତବାସୀ ନୀରଜଙ୍କ ଠାରୁ ସ୍ୱର୍ଣ୍ଣ ପଦକର ଆଶା ରଖିଥିବାରୁ କିଛି କ୍ଷେତ୍ରରେ ଏହାକୁ ନେଇ ନିରାଶର ବାତାବରଣ ଦେଖିବାକୁ ମିଳୁଛି ।

ଏହି କ୍ରମରେ ଶିଳ୍ପପତି ଆନନ୍ଦ ମହିନ୍ଦ୍ରା ବି ନୀରଜ ପ୍ୟାରିସ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ପଦକ ଜିତିବେ ବୋଲି ନିଶ୍ଚିତ ଥିଲେ । ନୀରଜ ସ୍ୱର୍ଣ୍ଣ ପଦକ ପାଇବାରୁ ଗୋଟିଏ ପାଦ ପଛରେ ରହିବା ପରେ ଆନନ୍ଦ ମହିନ୍ଦ୍ରା ନିରାଶ ହୋଇଯାଇଛନ୍ତି । ସେ ସୋସିଆଲ ମିଡିଆରେ ଦୁଇଟି ଫଟୋ ସେୟାର କରି ନିଜ ମନର କଥା କହିଛନ୍ତି । ଆନନ୍ଦ ସେୟାର କରିଥିବା ପ୍ରଥମ ଫଟୋରେ ନୀରଜ ଚୋପ୍ରା ହାତରେ ଜାତୀୟ ପତକା ଧରି ଛିଡ଼ା ହୋଇଥିବା ଦେଖିବାକୁ ମିଳୁଛି । ସେହିପରି ଦ୍ୱିତୀୟଟିରେ ଭାରତର ଗର୍ବ ନୀରଜ ଓ ପାକିସ୍ତାନର ଅଶରଦ ନଦିମ ଏକାଠି ଛିଡ଼ା ହୋଇଥିବା ନଜରକୁ ଆସୁଛି । ଏହି ପୋଷ୍ଟରେ ଆନନ୍ଦ ମହିନ୍ଦ୍ରା ଲେଖିଛନ୍ତି, 'ମୁଁ ସ୍ୱୀକାର କରୁଛି ଗତକାଲି ରାତିରେ ଚିନ୍ତାରେ ପଡ଼ିଯାଇଥିଲି । କାରଣ ନୀରଜ ଚୋପ୍ରା ଦ୍ୱିତୀୟ ସ୍ୱର୍ଣ୍ଣ ପଦକ ଜିତିପାରି ନଥିଲେ । କିନ୍ତୁ ଆଜି ସକାଳେ, ମୁଁ ପ୍ରଥମେ ରେକର୍ଡ ଭାଙ୍ଗିବା ପାଇଁ ଅର୍ଶଦ ନଦିମଙ୍କୁ ଅଭିନନ୍ଦନ ଜଣାଉଛି ଏବଂ ନୀରଜଙ୍କ ସହ ତାଙ୍କର ଥିବା ସମ୍ପର୍କକୁ ପ୍ରଶଂସା କରୁଛି ।'

# ନୀରଜଙ୍କୁ ଆଶ୍ୱାସନା ଦେଲେ ମୋଦୀ

## ମନ ଦୁଃଖ କର ନାହିଁ, ତୁମେ ନିଜେ ହେଉଛ ସୁନା ମୁଣ୍ଡା

ପ୍ୟାରିସ୍,୯।୮(ଏଜେନ୍ସି): ପ୍ୟାରିସ୍ ଅଲିମ୍ପିକ୍ସରେ ନୀରଜ ଚୋପ୍ରା ରେପ୍ୟ ପଦକ ଜିତି ନୂଆ ଇତିହାସ ରଚିଛନ୍ତି । ସ୍ୱାଧୀନ ଭାରତର ପ୍ରଥମ ଆଥଲେଟ୍ ଭାବେ ଦୁଇ ପଦକ (ଟୋକିଓ-ସ୍ୱର୍ଣ୍ଣ, ପ୍ୟାରିସ୍-ରେପ୍ୟ) ଜିତି ନୀରଜ ଚୋପ୍ରା ଗେରବ ରଚିଛନ୍ତି ।

ଏହି କ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ନୀରଜଙ୍କୁ ତାଙ୍କ ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି । ଏହାର ଏକ ଭିଡିଓ ବି ସୋସିଆଲ ମିଡିଆ ଜରିଆରେ ସାମ୍ନାକୁ ଆସିଛି ।

ନୀରଜ ପ୍ୟାରିସ୍ ଅଲିମ୍ପିକ୍ସରେ ରେପ୍ୟ ପଦକ ଜିତିବା ପରେ ମୋଦୀ ତାଙ୍କୁ ଫୋନ କରି ଶୁଭେଚ୍ଛା ଜଣାଇ କହିଥିଲେ, 'ଆପଣ ଦେଶର ନାମ ଉଜ୍ଜ୍ୱଳ କରିଛନ୍ତି । ଦେଶବାସୀ ଅଗଷ୍ଟ ୮ ତାରିଖ ଆପଣଙ୍କ ଖେଳ ଦେଖୁଥିଲା । ଦେଶବାସୀଙ୍କ ଆଶା ଥିଲା ଆପଣ ନିଶ୍ଚୟ ସ୍ୱର୍ଣ୍ଣ ପଦକ ଜିତିବେ । ଖେଳ ସମୟରେ ଆପଣ ଆହତ ହୋଇଥିଲେ ତଥାପି ନିଜ କର୍ତ୍ତବ୍ୟପଥରୁ ଓହରି ନଥିଲେ ।

ମୁଁ ଜାଣିଛି ଆପଣ ସ୍ୱର୍ଣ୍ଣ ପଦକ ଜିତି ନପାରିଥିବାରୁ ମନ ଉଣା କରିଛନ୍ତି । ମୁଁ କହିବି ଏହି କଷ୍ଟକୁ ମନରୁ ବାହାର କରି ଦିଅନ୍ତୁ କାରଣ ଆପଣ ହେଉଛନ୍ତି ନିଜେ ଗୋଟେ ସୁନା ମୁଣ୍ଡା ।'

ନୀରଜ ନିଜ ପ୍ରତିକ୍ରିୟାରେ ମୋଦୀଙ୍କୁ କହିଥିଲେ, 'ମୁଁ ଯେମିତି ଚାହିଁଥିଲି ସେମିତି ଖେଳି ପାରିଲି ନାହିଁ । ଲୋକମାନେ ମୋ ଠାରୁ ସୁନାପଦକର ଆଶା ରଖିଥିଲେ । ଏହି ପଦକ ପାଇଁ ମୁଁ ପାରୁପର୍ଯ୍ୟନ୍ତ ଉଦ୍ୟମ କରିଛି । କିନ୍ତୁ ପାରିଲି ନାହିଁ । କାରଣ ପ୍ରତିଯୋଗିତା ବହୁତ ଟପ ଥିଲା ।'

## ପ୍ରବୀଣ ଜୟବିକ୍ରମା ମ୍ୟାଚ୍ ଫିକ୍ସିଂରେ ସଂପୃକ୍ତ

**କଲମ୍ବୋ,୯।୮(ଏଜେନ୍ସି):** ଏକ ମ୍ୟାଚ୍ ଫିକ୍ସିଂ ମାମଲାରେ ଜଡ଼ିତ ଥିବା ଅଭିଯୋଗରେ ଶ୍ରୀଲଙ୍କାର ସ୍ପିନର ପ୍ରବୀଣ ଜୟବିକ୍ରମାଙ୍କୁ ଆଇସିସି ପଠାଇଛି । ପ୍ରବୀଣ ତିନିଥର ଆଇସିସିର ଦୁର୍ନୀତି ନିରୋଧୀ ଆଇନକୁ ଉଲ୍ଲଂଘନ କରିଥିବା ଅଭିଯୋଗ ହୋଇଛି । ଆନ୍ତର୍ଜାତିକ ମ୍ୟାଚ୍ ଓ ୨୦୨୧ର ଲଙ୍କା ପ୍ରିମିୟର ଲିଗ୍ରେ ମ୍ୟାଚ୍ ଫିକ୍ସିଂ ମାମଲାରେ ଆଇସିସି ଦୁର୍ନୀତି ନିବାରଣ ୟୁନିଟ୍ ପାଖରେ ହାଜର ହେବାକୁ କୁହାଯାଇଥିଲା । କିନ୍ତୁ ପ୍ରବୀଣ ଆଦୌ ଆସି ନଥିଲେ । ତଦନ୍ତରେ ସହଯୋଗ କରୁ ନଥିବାରୁ ଏଥିପାଇଁ ତାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଥିଲା ବେଳେ ନିଜ ପକ୍ଷ ରଖିବା ପାଇଁ ୧୪ ଦିନ ସମୟ ଦିଆଯାଇଥିବା ଜଣାପଡ଼ିଛି । ଆଇସିସିର ଦୁର୍ନୀତି ନିବାରଣ ଧାରା ୨.୪.୪ ଅନୁଯାୟୀ ତାଙ୍କୁ ନୋଟିସ୍ ହୋଇଥିଲା ବେଳେ ଧାରା ୨.୪.୭, ୧.୭.୪.୧ ଓ ୧.୮.୧ ଅନୁଯାୟୀ ତାଙ୍କ ବିରୋଧରେ ମାମଲା କରାଯାଇଛି ।

# ବ୍ରୋଞ୍ଜ ପଦକ ଜିତି ବହୁତ ଖୁସି ଲାଗୁଛି : ଅମିତ ରୋହିଦାସ

ଭୁବନେଶ୍ୱର: ପ୍ୟାରିସ ଅଲିମ୍ପିକ୍ସ-୨୦୨୪ର ପୁରୁଷ ହକିରେ ଭାରତୀୟ ଟିମ୍ ବ୍ରୋଞ୍ଜ ପଦକ ଜିତିଛି । ସ୍ପେନ୍ ବିପକ୍ଷରେ ଭାରତ ୨-୧ ଗୋଲରେ ବିଜୟୀ ହେଲା ପରେ ୧୪୦ କୋଟି ଭାରତୀୟଙ୍କ ମୁହଁରେ ହସ ଦେଖିବାକୁ ମିଳିଛି । ଅଲିମ୍ପିକ୍ସ ପଦକ ବିଜେତା ଭାରତୀୟ ହକି ଟିମରେ ଓଡ଼ିଆ ପୁଅ ଅମିତ ରୋହିଦାସ ମଧ୍ୟ ସଦସ୍ୟ ଅଛନ୍ତି । ଏହି ହେତୁ ଓଡ଼ିଶାବାସୀ ମଧ୍ୟ ନିଜକୁ ଗର୍ବ ଅନୁଭବ କରୁଛନ୍ତି । ପ୍ୟାରିସରେ ପଦକ ଜିତିଲା ପରେ ଅମିତ ଭିଡିଓ ଜାରି କରିଛନ୍ତି ।




ଅମିତ କହିଛନ୍ତି, ଆପଣମାନଙ୍କର ଆଶୀର୍ବାଦ ପାଇଁ ଆମକୁ ପ୍ୟାରିସ୍ ଅଲିମ୍ପିକ୍ସ-୨୦୨୪ରେ ପଦକ ମିଳିଲା । ଆପଣମାନେ ଏମିତି ସବୁବେଳେ ଆଶୀର୍ବାଦ ଦେଉଥାଆନ୍ତୁ । ସବୁବେଳେ ଆମ ପ୍ରତି ଆପଣମାନଙ୍କର ସମର୍ଥନ ରହିଥାଉ । ପ୍ୟାରିସ୍ ଅଲିମ୍ପିକ୍ସରେ ବ୍ରୋଞ୍ଜ ପଦକ ଜିତି ବହୁତ ଖୁସି ଲାଗୁଛି । ସମସ୍ତେ ମୋର ପରିବାର । ଓଡ଼ିଶା ସହିତ ସାରା ଦେଶବାସୀ ହକି ଇଣ୍ଡିଆକୁ ନେଇ ଗର୍ବ ଅନୁଭବ କରୁଛନ୍ତି । ମୁଁ ମଧ୍ୟ ଗର୍ବ ଅନୁଭବ କରୁଛି । ସମସ୍ତେ ଏମିତି ଆମକୁ ସମର୍ଥନ ଦେଉଥାନ୍ତି । ଭିଡିଓ ଜାରି କରି ଅମିତ କ୍ରୀଡ଼ାପ୍ରେମୀ, ହକିପ୍ରେମୀ, ଭାରତ ସରକାର, ଓଡ଼ିଶା ସରକାର, ଓଡ଼ିଶା କ୍ରୀଡ଼ା ସଂଘ, ଭାରତୀୟ ରେଳବାଇ, ପୂର୍ବତଟ ରେଳବାଇ ପ୍ରମୋସନ୍ ବୋର୍ଡ ଓ କିଟ୍ ଓ କିସ୍ସ ଧନ୍ୟବାଦ ଜଣାଇଛନ୍ତି । ଓଡ଼ିଆ ହକି ତାରକା ଅମିତ ରୋହିଦାସ ୪ କୋଟି ଟଙ୍କା ପାଇବେ । ପ୍ୟାରିସ୍ ଅଲିମ୍ପିକ୍ସ-୨୦୨୪ରେ କାଂସ୍ୟ ପଦକ ଜିତିଥିବା ଭାରତୀୟ ହକି ଟିମ୍ ପାଇଁ ପୁରସ୍କାର ଘୋଷଣା ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ଏହି ଘୋଷଣା କରିଛନ୍ତି । ଶ୍ରୀ ମାଝୀ କହିଛନ୍ତି, ପ୍ରତ୍ୟେକ ଖେଳାଳିଙ୍କୁ ୧୫ ଲକ୍ଷ ଓ ସପୋର୍ଟ ଷ୍ଟାଫଙ୍କୁ ୧୦ ଲକ୍ଷ ଟଙ୍କା ଲେଖାଏଁ ମିଳିବ ।

ସୂଚନାଯୋଗ୍ୟ, ବ୍ରୋଞ୍ଜ ପଦକ ପାଇଁ ଖେଳାଯାଇଥିବା ମ୍ୟାଚରେ ଭାରତ ବିପକ୍ଷରେ ସ୍ପେନ୍ ପ୍ରଥମ ଗୋଲ ଦେଇ ୧-୦ରେ ଆଗୁଆ ରହିଥିଲା । ସ୍ପେନ୍ ପକ୍ଷରୁ ମିରାଲେ । ଏକ ପେନାଲ୍ଟି ଷ୍ଟୋକକୁ ଗୋଲରେ ପରିବର୍ତ୍ତନ କରିଥିଲେ । ତେବେ ଭାରତୀୟ ଦଳ ତା'ର ଦ୍ୱିତୀୟ ପିସିରେ ସ୍ପେନ୍ ବିପକ୍ଷରେ ୧-୧ ଗୋଲରେ ବରାବର କରିଥିଲା । ଦ୍ୱିତୀୟ କ୍ୱାର୍ଟର ଶେଷ ହେବା ପୂର୍ବରୁ ଭାରତୀୟ ଦଳ ଏହି ଚମତ୍କାର ଗୋଲ ସ୍କୋର କରିଥିଲା । ଭାରତ ପକ୍ଷରୁ ହରମନପ୍ରୀତ ସିଂହ ଏହି ଗୋଲ୍ ଦେଇଥିଲେ ।

ତୃତୀୟ କ୍ୱାର୍ଟରରେ ଭାରତୁ ଆଉ ଏକ ପେନାଲ୍ଟି କର୍ଣ୍ଣର ମିଳିଥିଲା । ଏହି ସୁଯୋଗରେ ଭାରତ ଆଉ ଏକ ଗୋଲ ଦେଇ ୨-୧ରେ ଆଗୁଆ ହୋଇଯାଇଥିଲା । ଭାରତ ପକ୍ଷରୁ ହରମନପ୍ରୀତ ସିଂହ ଏହି ଗୋଲ୍ ଦେଇଥିଲେ । ଶେଷ କ୍ୱାର୍ଟରରେ ଉଭୟ ଦଳ ପରସ୍ପର ଉପରେ ଘନ ଘନ ଆକ୍ରମଣ କରିଥିଲେ । ତେବେ ମ୍ୟାଚ ଶେଷ ପର୍ଯ୍ୟନ୍ତ ଭାରତ ଏହି ଅଗ୍ରଣୀ ବଜାୟ ରଖିବାକୁ ସକ୍ଷମ ହୋଇଥିଲା ଓ ଏକ ଚମତ୍କାର ବିଜୟ ସହ ନିଜର ଅଲିମ୍ପିକ ଅଭିଯାନ ବ୍ରୋଞ୍ଜ ପଦକ ସହ ଶେଷ କରିଥିଲା ।

## ଜିତିଲେ ପଦକ କୋଭିଡ୍ ଆକ୍ରାନ୍ତ

ପ୍ୟାରିସ,୯।୮: କରୋନା ଭୂତାଣୁ ଆକ୍ରାନ୍ତ ଥାଇ ବି ପ୍ୟାରିସ ଅଲିମ୍ପିକ୍ସରେ ପଦକ ଜିତିଛନ୍ତି ଜଣେ କ୍ରୀଡ଼ାବିତ । କରୋନା ଆଗରେ ହାର ମାନି ନାହାନ୍ତି ଏହି ଖେଳାଳି ।ଶେଷରେ ତାଙ୍କ ଦୃଢ଼ ଇଚ୍ଛାଶକ୍ତିର ବିଜୟ ହୋଇଛି । ୨୦୦ ମିଟର ଦୌଡ଼ ପ୍ରତିଯୋଗିତାରେ କାଂସ୍ୟ ପଦକ ହାସଲ କରିଛନ୍ତି ଆମେରିକୀୟ ଆଥଲେଟ୍ ନୋଆ । ଲାଇଲ୍ସ । ସେ ଆହୁରି ଦ୍ରୁତ ଦୌଡ଼ିବାକୁ ଚାହୁଁଥିଲେ, କିନ୍ତୁ କରୋନା ତାଙ୍କୁ ଆଗକୁ ବଢ଼ିବାକୁ ଦେଇ ନ ଥିଲା ବୋଲି ଭାବବିହ୍ୱଳ ହୋଇ ଗଣମାଧ୍ୟମକୁ କହିଛନ୍ତି ଲାଇଲ୍ସ । ଗୁରୁବାର ଏହି ପ୍ରତିଯୋଗିତା ହୋଇଥିଲା । ଲାଇଲ୍ସ ୨୦୦ ମିଟର ଟ୍ରାକକୁ ୧୯.୭ ସେକେଣ୍ଡରେ ଶେଷ କରିଥିଲେ । ବୋଟ୍ସ୍ୱାନାର ୨୧ ବର୍ଷୀୟ ଧାବକ ଲେଟ୍ସିଲ ଟେବୋଗୋ .୨୪ ସେକେଣ୍ଡ ଆଗୁଆ । ରହି ସ୍ୱର୍ଣ୍ଣ ପଦକ ବିଜୟୀ ହୋଇଥିଲେ । ସେହିପରି ଲାଇଲ୍ସଙ୍କ ସାଥୀ କେନ୍ନି ବେଡନାରେକ ୨ୟ ସ୍ଥାନରେ ରହି ରୌପ୍ୟ ପଦକ ବିଜୟୀ ହୋଇଛନ୍ତି । ଲାଇଲ୍ସ ବିଶ୍ୱର ଦ୍ରୁତତମ ଧାବକମାନଙ୍କ ମଧ୍ୟରୁ ଅନ୍ୟତମ ।

## ବ୍ଲକସ୍ତରୀୟ ଫୁଟବଲ

ରେଙ୍ଗାଲିକ,୯।୮: ଅତାବିରା ନୋଡାଲ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଆଜି ଅତାବିରା ବ୍ଲକ ସ୍ତରୀୟ ୧୭ ବର୍ଷରୁ କମ ଛାତ୍ରଛାତ୍ରୀମାନଙ୍କର ଫୁଟବଲ ପ୍ରତିଯୋଗିତା ହୋଇଥିଲା । ଅତିରିକ୍ତ ଶିକ୍ଷା ଅଧିକାରୀ କାର୍ତ୍ତିକ ବାଗ କ୍ରୀଡା ପତାକା ଉତ୍ତୋଳନ କରିବା ପରେ କ୍ରୀଡା ପ୍ରତିଯୋଗିତାର ଆରମ୍ଭ ହୋଇଥିଲା । ଏଥିରେ ବ୍ଲକର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ୧୧୫ ଛାତ୍ରଛାତ୍ରୀ ଭାଗ ନେଇଥିଲେ ।ସେଥିମଧ୍ୟରୁ ବାଳକ ବିଭାଗରୁ ୧୬ ଜଣ ଓ ବାଳିକା ବିଭାଗରୁ ୧୬ ଜଣ ମୋଟ ୩୨ ଜଣଙ୍କୁ ଜିଲ୍ଲା ସ୍ତରରେ ଖେଳିବା ପାଇଁ ମନୋନୀତ କରାଯାଇଛି ।ଗାଇସିଲେଟ ବ୍ଲକରେ ହେବାକୁ ଥିବା ଜିଲ୍ଲାସ୍ତରୀୟ ଫୁଟବଲ ପ୍ରତିଯୋଗିତାରେ ଏମାନେ ଅଂଶଗ୍ରହଣ କରିବେ ବୋଲି କ୍ରୀଡା ସମ୍ପାଦକ ସାହୁଙ୍କଠାରୁ ସୂଚନା ମିଳିଛି ।

# ମା'ଙ୍କ ମମତାରେ ଭାରତ-ପାକିସ୍ତାନ ପ୍ରେମ

ପ୍ୟାରିସ,୯।୮: ପ୍ୟାରିସ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିଛନ୍ତି ଭାରତର ନୀରଜ ଚୋପ୍ରା । ଫାଇନାଲରେ ସେ ୮୯.୪୫ ମିଟର ଦୂରତାକୁ ଜାଭେଲିନ ଫିଙ୍ଗି ଦ୍ୱିତୀୟ ସ୍ଥାନରେ ରହିଥିଲେ ।ଅନ୍ୟପକ୍ଷରେ ପାକିସ୍ତାନର ଅର୍ଶଦ ନଦୀମ ପ୍ରଥମ ସ୍ଥାନରେ ରହି ଜିତିଛନ୍ତି ସ୍ୱର୍ଣ୍ଣ ପଦକ । ନଦୀମ ଅଲିମ୍ପିକ୍ସ ରେକର୍ଡ ସହିତ ସ୍ୱର୍ଣ୍ଣ ପଦକ ତିଛନ୍ତି । ସେ ୯୨.୯୭ ମିଟର ଦୂରତାକୁ ଜାଭେଲିନ ଫିଙ୍ଗି ଥିଲେ । ତାଙ୍କ ପୂର୍ବରୁ ୨୦୦୮ରେ ବେଜିଂ ଅଲିମ୍ପିକ୍ସରେ ଆନ୍ଦ୍ରିୟାସ ତୋରକିଲ୍ଡସେନ୍ ୯୦.୫୭ ମିଟର ପର୍ଯ୍ୟନ୍ତ ଜାଭେଲିନ ଫିଙ୍ଗି ଥିଲେ ।



ପଦକ ଜିତିବାକୁ ନେଇ କେବଳ ନୀରଜ ନୁହନ୍ତି କି କେବଳ ତାଙ୍କ ପରିବାର ଲୋକେ ନୁହନ୍ତି, ପୂରା ଦେଶ ଖୁସି ଅଛି । ନୀରଜଙ୍କ ପାଖକୁ ଛୁଟୁଛି ଅଭିନନ୍ଦନର ସୁଅ୍ୟ ଠିକ୍ ସେମିତି ଅବସ୍ଥା ଅର୍ଶଦ ନଦୀମଙ୍କର । ସେ ସ୍ୱର୍ଣ୍ଣ ପଦକ ଜିତିଥିବାରୁ କେବଳ ତାଙ୍କ ପରିବାର ନୁହେଁ, ତାଙ୍କ ଦେଶ ବି ଖୁସି ହୋଇଛି । ତେବେ ଏ ସବୁ ଭିତରେ ଯେଉଁ କଥାଟି ସମସ୍ତଙ୍କର ଧ୍ୟାନ ଆକର୍ଷଣ କରିଛି, ତାହା ହେଉଛି ନୀରଜ ଚୋପ୍ରା ଓ ଅର୍ଶଦ ନଦୀମଙ୍କ ମା' ଗଣମାଧ୍ୟମକୁ ଦେଇଥିବା ପ୍ରତିକ୍ରିୟା ।

ନୀରଜ ରୌପ୍ୟ ପଦକ ପାଇବା ପରେ ତାଙ୍କ ମା' ସରୋଜ ଦେବୀ କହିଛନ୍ତି, ଆମେ ରୌପ୍ୟରେ ଖୁସି । ରୌପ୍ୟ ବି ଆମକୁ ସ୍ୱର୍ଣ୍ଣ ଭଳି ଲାଗୁଛି । ଯିଏ (ଅର୍ଶଦ ନଦୀମ) ସ୍ୱର୍ଣ୍ଣ ଜିତିଲେ, ସେ ମଧ୍ୟ ମୋ ଛୁଆ ।

ସେହିପରି ଅର୍ଶଦ ନଦୀମଙ୍କ ମା' କହିଛନ୍ତି, ସେ (ନୀରଜ ଚୋପ୍ରା) ମଧ୍ୟ ମୋ ପୁଅ ଭଳି । ସେ ନଦୀମଙ୍କ ବନ୍ଧୁ ଓ ଭାଇ ମଧ୍ୟ । ବିଜୟ ପରାଜୟ ଖେଳର ଏକ ଅଂଶ । ଭଗବାନ ତାଙ୍କର (ନୀରଜଙ୍କର) ମଙ୍ଗଳ କରନ୍ତୁ । ସେ ଆହୁରି ପଦକ ଜିତନ୍ତୁ । ସେମାନେ ଦୁଇ ଭାଇ ଭଳି । ମୁଁ ନୀରଜଙ୍କ ପାଇଁ ମଧ୍ୟ ପ୍ରାର୍ଥନା କରିଛି । ମୁଁ ପୂରା ପାକିସ୍ତାନ ନିକଟରେ କୃତଜ୍ଞ ଯେ ସମସ୍ତେ ନଦୀମଙ୍କୁ ସମର୍ଥନ କରିଛନ୍ତି ଓ ତାଙ୍କ ପାଇଁ ପ୍ରାର୍ଥନା କରିଛନ୍ତି ।

ଏହାକୁ ନେଇ ସୋଶାଲ ମିଡିଆରେ ଜଣେ ଲେଖିଛନ୍ତି ଯେ ଯଦି ମା'ମାନେ ପୃଥିବୀକୁ ଚଲାଇବେ, ତା'ହେଲେ ପରସ୍ପର ପ୍ରତି ଘୃଣାଭାବ ରହିବ ନାହିଁ କି ଯୁଦ୍ଧ ହେବ ନାହିଁ । ସମସ୍ତେ ଜାଣନ୍ତି ନୀରଜ ଓ ନଦୀମ ପ୍ରତିଦ୍ୱନ୍ଦ୍ୱୀ ହେଲେ ମଧ୍ୟ ପରସ୍ପରର ଭଲ ବନ୍ଧୁ । ସେମାନେ ପରସ୍ପରକୁ ସମ୍ମାନ କରନ୍ତି । ଏମିତିକି ଥରେ ନଦୀମ ସୋଶାଲ ମିଡିଆ ଯୋଗେ ଉନ୍ନତମାନର ଜାଭେଲିନ କିଣିବା ପାଇଁ ଆର୍ଥିକ ସହାୟତା ମାଗିଥିବା ବେଳେ ଏଥିପାଇଁ ନୀରଜ ମଧ୍ୟ ଆଗେଇ ଆସିଥିଲେ । ସୂଚନାଯୋଗ୍ୟ, ଗତ ଟୋକିଓ ଅଲିମ୍ପିକ୍ସରେ ନୀରଜ ସ୍ୱର୍ଣ୍ଣ ପଦକ ଜିତିଥିଲେ ।

ଜାଭେଲିନ ଥ୍ରୋ ଫାଇନାଲରେ ପାକିସ୍ତାନର ନଦୀମ ଅର୍ଶଦ ଇତିହାସ ରଚିଛନ୍ତି । ଆଉ ପ୍ରଥମ ରାଉଣ୍ଡର ଦ୍ୱିତୀୟ ପ୍ରୟାସରେ ୯୨.୯୭ର ଥ୍ରୋ ମାରି ଅଲିମ୍ପିକ୍ସରେ ରେକର୍ଡ ଭାଙ୍ଗି ଦେଇଛନ୍ତି । ଏହା ପୂର୍ବରୁ ଅଲିମ୍ପିକ୍ସରେ ଏହି ରେକର୍ଡ ଥୋରକିଲ୍ଡସେନ୍ ଏଣ୍ଡ୍ରିୟାସଙ୍କ ନାଁରେ ଥିଲା, ଯିଏ ୨୦୦୮ ବେଜିଂ ଅଲିମ୍ପିକ୍ସରେ ୯୦.୫୭ ମିଟରର ଥ୍ରୋ ମାରିଥିଲେ । ସେହିପରି ୨୦୨୪ ପ୍ୟାରିସ ଅଲିମ୍ପିକ୍ସରେ ପାକିସ୍ତାନର ଅର୍ଶଦ ନଦୀମ ୯୨.୯୭ ମିଟରର ଥ୍ରୋ ମାରି ଇତିହାସ ରଚିଛନ୍ତି । ଗତ କାଲି ଫାଇନାଲରେ ଅର୍ଶଦ ନିଜର ଶେଷ ଥ୍ରୋ ୯୧.୭୯ ମିଟର ମାରିଥିଲେ । ନିଜର ୬ ଥ୍ରୋରୁ ସେ ଦୁଇଟି ଥ୍ରୋ ୯୦ ମିଟରରୁ ଅଧିକ ମାରିଥିଲେ । ପାକିସ୍ତାନରେ ଏହା ପ୍ରଥମ ଥର ହୋଇଛି ଯେ ଅଲିମ୍ପିକ୍ସରେ ବ୍ୟକ୍ତିଗତ ଭାବେ କୌଣସି ଖେଳାଳି ସ୍ୱର୍ଣ୍ଣ ପଦକ ଜିତିଛି ।ଅର୍ଶଦଙ୍କ ଗୋଲ୍ଡ ମେଡାଲ ଜିତିବା ପାକିସ୍ତାନ ପାଇଁ ଐତିହାସିକ ହୋଇଛି । କାରଣ ୧୯୯୨ ମସିହା ପରେ ପାକିସ୍ତାନ ବ୍ୟକ୍ତିଗତ ମେଡାଲ ଜିତିବାରେ ସଫଳ ହୋଇଛି । ୧୯୯୨ରେ ପାକିସ୍ତାନର ହକି ଟିମ ବ୍ରୋଞ୍ଜ ମେଡାଲ ଜିତିଥିଲା । ଆଉ ଏବେ ୩୨ ବର୍ଷ ପରେ ଅରଶଦ ନଦୀମ ଗୋଲ୍ଡ ମେଡାଲ ଜିତି ପାକିସ୍ତାନ ପାଇଁ ଗୌରବ ଆଣିଛନ୍ତି ।

# ଟ୍ରେନିଂ ପାଇଁ ଟଙ୍କା ନଥିଲା, ଏବେ ଅଲିମ୍ପିକ୍ ଚାମ୍ପିଅନ୍

ପ୍ୟାରିସ,୯।୮ : ପାକିସ୍ତାନର ଅର୍ଶଦ ନଦୀମ ଯିଏ ପ୍ୟାରିସ୍ ଅଲିମ୍ପିକ୍ସର ଜାଭେଲିନ୍ ଇଭେଣ୍ଟରେ ଭାରତର ତାରକା ନୀରଜ ଚୋପ୍ରାଙ୍କୁ ହରାଇ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ପାକିସ୍ତାନର ଜାଭେଲିନ୍ ଫିଙ୍ଗାଳି ଅର୍ଶଦ ନଦୀମ ଅଲିମ୍ପିକ୍ ରେକର୍ଡ ଭାଙ୍ଗି ୯୨.୯୭ ମିଟର ଫିଙ୍ଗି ଏକ ନୂତନ ଅଲିମ୍ପିକ୍ ରେକର୍ଡ ସ୍ଥାପନ କରିଥିଲେ । ଏହାପୂର୍ବରୁ, ନର୍ସ ଆଥଲେଟ୍ ଥର୍କିଲଡସେନ୍ ଆଣ୍ଡିଆସ୍ ୨୦୦୮ ରେ ବେଜିଂ ଅଲିମ୍ପିକ୍ସରେ ୯୦.୫୭ ମିଟର ରେକର୍ଡ ସ୍ଥାପନ କରିଥିଲେ । ବର୍ତ୍ତମାନ ନଦୀମ ଏହି ରେକର୍ଡକୁ ଭାଙ୍ଗି ଦେଇଛନ୍ତି । ଏହା ସହିତ ପାକିସ୍ତାନ ଇତିହାସରେ ଏହା ପ୍ରଥମ ଯେତେବେଳେ ଜଣେ ଆଥଲେଟ୍ ଅଲିମ୍ପିକ୍ସରେ ଏକ ବ୍ୟକ୍ତିଗତ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି । ବାସ୍ତବରେ ଅର୍ଶଦ ନାଦିମଙ୍କ ପିତା ଜଣେ ଶ୍ରମିକ ଥିଲେ । ତାଙ୍କ ଘର ଖର୍ଚ୍ଚ ବ୍ୟତୀତ ନଦୀମଙ୍କ ପ୍ରଶିକ୍ଷଣର ଖର୍ଚ୍ଚ ପୂରଣ କରିବାକୁ ତାଙ୍କ ପାଖରେ ପର୍ଯ୍ୟାପ୍ତ ଅର୍ଥ ନଥିଲାୟ ଏଭଳି ପରିସ୍ଥିତିରେ ତାଙ୍କୁ ପ୍ୟାରିସ୍ ଅଲିମ୍ପିକ୍ସ ପାଇଁ ଜାଭେଲିନ୍ ଥ୍ରୋ ଟ୍ରେନିଂ ପାଇଁ ଚାନ୍ଦା ଆକାରରେ ଟଙ୍କା ସଂଗ୍ରହ କରିବାକୁ ପଡ଼ିଥିଲା । କେବଳ ଏତିକି ନୁହେଁ, ଆର୍ଥିକ ସମସ୍ୟା ଯୋଗୁଁ ତାଙ୍କୁ ଏକ ପୁରୁଣା ଜାଭେଲିନ ସହିତ ପ୍ରସ୍ତୁତି କରିବାକୁ ପଡିଥିଲା । ଏହି ଜାଭେଲିନ ମଧ୍ୟ ନଷ୍ଟ ହୋଇଯାଇଥିଲାୟ ସେ କହିଥିଲେ ଯେ ସେ ଦୀର୍ଘ ବର୍ଷ ଧରି ଆନ୍ତର୍ଜାତୀୟ ସ୍ତରରେ ଏକ ନୂଆ । ଜାଭେଲିନ୍ କିଣି ପାରିବେ ନାହିଁ ଏବଂ ପୁରୁଣା କ୍ଷତିଗ୍ରସ୍ତ ବର୍ଚ୍ଛା ସହିତ ଅଭ୍ୟାସ ଜାରି ରଖିଥିଲେ । ତାଙ୍କୁ ଏକ ନୂତନ ଜାଭେଲିନ୍ ଯୋଗାଇବା ପାଇଁ ସେ ପାକିସ୍ତାନୀ କ୍ରୀଡ଼ା ପ୍ରଶା ନକୁ ମଧ୍ୟ ଅନୁରୋଧ କରିଥିଲେ ।



ଏକ ସାକ୍ଷାତକାରରେ ପାକିସ୍ତାନର ତାରକା ଆଥଲେଟ୍ ଅର୍ଶଦ ନଦୀମ କହିଥିଲେ ଯେ ସେ ଯେତେବେଳେ ଛୋଟ ଥିଲେ, ସେ ତାଙ୍କ ପିତାଙ୍କ ସହ ପାକିସ୍ତାନର ପ୍ରସିଦ୍ଧ ଖେଳ ନେଜାବାଜି ଦେଖିବା ପାଇଁ ଯାଉଥିଲେ । ଏହି ଖେଳରେ, ଅନେକ ଖେଳାଳି ହାତରେ ଏକ ଲମ୍ବା ବାଡି ଧରି ଭୂମିରେ ରଖାଯାଇଥିବା ଏକ ଚିହ୍ନକୁ ଫିଙ୍ଗୁଥିଲେ । ସେ ଏହି ଖେଳକୁ ପସନ୍ଦ କରିଥିଲେ ଏବଂ ଏଥିପାଇଁ ଟ୍ରେନିଂ ଆରମ୍ଭ କରିଥିଲେ । ଏହାରି ଭିତରେ ସେ ଜାଭେଲିନ୍ ଫିଙ୍ଗା ପ୍ରତି ଆଗ୍ରହ ପ୍ରକାଶ କରି ଏହାକୁ ଅଭ୍ୟାସ କରିବା ଆରମ୍ଭ କଲେ । ସେ କହିଛନ୍ତି ଯେ ନେଜାବାଜି ଫିଙ୍ଗିବାରେ ସେ ତାଲିମର ଲାଭ ପାଇଛନ୍ତି । ଯେତେବେଳେ ସେ ସ୍କୁଲ ଆଥଲେଟିକ୍ସ ଇଭେଣ୍ଟରେ ଜାଭେଲିନ୍ ଫିଙ୍ଗିଥିଲେ, ସମସ୍ତେ ତାଙ୍କୁ ଦେଖି ଆଶ୍ଚର୍ଯ୍ୟ ହୋଇଗଲେ ଏହି ସମୟରେ ବିଦ୍ୟାଳୟର ପ୍ରଶିକ୍ଷକ ରସିଦ ଅହମ୍ମଦ ସାକି ତାଙ୍କ ପ୍ରତିଭାକୁ ଲକ୍ଷ୍ୟ କଲେ, ସେତେବେଳେ ସେ ନଦୀମଙ୍କୁ ଜାଭିନ୍ ଫିଙ୍ଗିବା ତାଲିମ ଦେବା ଆରମ୍ଭ କଲେ । ଆଠ ଭାଇଭଉଣୀଙ୍କ ମଧ୍ୟରେ ତୃତୀୟ ନଦୀମ କହିଛନ୍ତି ଯେ ଘରେ ଅବସ୍ଥା ଭଲ ନଥିଲା । ତାଙ୍କ ପିତା ୪୦୦-୫୦୦ ଟଙ୍କାରେ ଶ୍ରମିକ ଭାବରେ କାମ କରୁଥିଲେ । ଏହି ସବୁ ପରିସ୍ଥିତି ସତ୍ତ୍ୱେ ତାଙ୍କ ପିତା ତାଙ୍କର ଯତ୍ନ ନେଇଥିଲେ ଏବଂ ଅଭ୍ୟାସରେ କୌଣସି ସମସ୍ୟାର ସମ୍ମୁଖୀନ ନହେବାକୁ କ୍ଷୀର ଏବଂ ଘିଅ ପାଇଁ ବ୍ୟବସ୍ଥା କରିଥିଲେ । ଘରେ ଅବସ୍ଥା ଭଲ ନ ଥିବାରୁ ସରକାରୀ ଚାକିରି ପାଇବା ପାଇଁ ଅର୍ଶଦ ନଦୀମଙ୍କ ସ୍ୱପ୍ନ ଥିଲା । ସେ କ୍ରୀଡା କୋଟା ଅଧୀନରେ ପାକିସ୍ତାନ ଜଳ ଏବଂ ଶକ୍ତି ବିକାଶ ପ୍ରାଧିକରଣ ପାଇଁ ପରୀକ୍ଷା ଦେଇଥିଲେ । ତା'ପରେ ପାକିସ୍ତାନର ତାରକା ଜାଭେଲିନ୍ ଥ୍ରୋ ସୟଦ ହୁସେନ୍ ବୁଖାରୀ ତାଙ୍କୁ ଦେଖିଲେ । ସୟଦ ହୁସେନ୍ ବୁଖାରୀ ତାଙ୍କୁ କେବଳ ସରକାରୀ ଚାକିରି ଦେଇନାହାଁନ୍ତି ବରଂ ତାଙ୍କ କ୍ୟାରିଅରକୁ ଏକ ଭିନ୍ନ ଦିଗକୁ ମଧ୍ୟ ବଦଳାଇ ଦେଇଛନ୍ତି । ନଦୀମଙ୍କ ପିତା ସାକ୍ଷାତକାରରେ କହିଛନ୍ତି ଯେ ବନ୍ଧୁ, ଗାଁ ଲୋକ ଏବଂ ସମ୍ପର୍କୀୟମାନେ ନାଦିମଙ୍କ ତାଲିମ ପାଇଁ ଟଙ୍କା ଦେଇଛନ୍ତି । ପୁଅର ସଫଳତା ବିଷୟରେ ସେ କହିଛନ୍ତି ଯେ ସେ କିପରି ଏହି ସ୍ଥିତିରେ ପହଞ୍ଚିଛନ୍ତି ତାହା ଲୋକମାନେ ଜାଣନ୍ତି ନାହିଁ । ବହୁତ କଠିନ ପରିଶ୍ରମ ଏବଂ ଅନେକ ଲୋକଙ୍କ ପ୍ରାର୍ଥନା ତାଙ୍କ ସହିତ ଅଛି । ଯେତେବେଳେ ସେ ଫାଇନାଲରେ ପ୍ରବେଶ କରିଥିଲେ, ସେତେବେଳେ ଗାଁରେ ଉତ୍ସବର ପରିବେଶ ଥିଲା । ୨୦୧୧ ରେ ନଦୀମ ଆଥଲେଟିକ୍ସରେ ପ୍ରବେଶ କରିଥିଲେ । ୨୦୧୫ ମସିହାରେ ନାଦିମ ପାକିସ୍ତାନର ଜାତୀୟ ଚାମ୍ପିୟନ ହୋଇଥିଲେ । ଟୋକିଓ ଅଲିମ୍ପିକ୍ସ ପାଇଁ ଯୋଗ୍ୟତା ହାସଲ କରିଥିବା ପାକିସ୍ତାନରୁ ନଦୀମ ପ୍ରଥମ ଟ୍ରାକ ଏବଂ ଫିଲ୍ଡ ଆଥଲେଟ୍ ହୋଇଥିଲେ । ସେ

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ